

ବଲ୍‌ଦେବଙ୍କୁ ପଦ୍ମଶ୍ରୀ

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-322 •THURSDAY •21 MAY 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୩୨୨ •ଗୁରୁବାର •୨୧ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



NIST

# NIST HIGHER SECONDARY SCHOOL

## +2 Science, Arts & Commerce Residential College

## ଆମ ବାଲେଶ୍ୱର ଜିଲ୍ଲାର ଗର୍ବ ଏବଂ ଓଡ଼ିଶାର ଗୌରବ

BALASORE TOPPER - 2026 / 3RD POSITION IN ODISHA



595 (99.17%)

PRATYUSH KUMAR ROUT

## Excellent AHSE SCIENCE Result - 2026

100% RESULT

Total Appered 393

Above 90% 53

Above 500 131



588 SAIKRUSHNA SAHOO, 586 KRISHNA JENA, 581 PUJARANI PRADHAN, 580 RAJ KUMAR GIRI, 579 SUBHAM PRADHAN, 573 ANKIT KUMAR BEHERA



573 BABA SAI PRATIK DASH, 573 ANSHUMAN PADHI, 572 SUMITRA SAHOO, 570 KRUSHNA KABERI GIRI, 567 DEBASISH MALLIK, 567 CHULUBULI NAYAK



567 PRAKASH KUMAR SAHU, 566 PRAKASH BHANJA, 565 ANSUMAN MOHANTY, 564 JAGARITI MALIK, 558 RAJIB LOCHAN DASH, 557 MANASI PRADHAN, 556 SUBHAM PRADHAN, 555 NAMRATA KAR, 555 DEBASMITA MANDAL, 554 ROJALIN SINGH



554 MANASI BEHERA, 553 RASHMIREKHA GIRI, 553 SUBHANKAR SAMAL, 553 SUPARNA BEHERA, 551 ANKITA PANDA, 549 ARPITA PRIYADARSHINI SAHU, 548 GOUTAM RANA, 546 RASMI RANJAN BARIK, 545 ANANYA PATRA, 544 SOUMYA RANJAN SAMAL



544 DEEPAK MOHAPATRA, 544 SANTOSH KUMAR SAHOO, 544 ADYASHA PARIDA, 544 RAHUL PRADHAN, 544 ANSHUMAN DASH, 543 MANISHA PARIDA, 543 ARPITA JENA, 543 SHREYASHI MISHRA, 543 PUSPAK KUMAR MOHAPATRA, 543 BODHISATWA DHANANJAYSUTA DALAPATI



543 GOBINDA CHANDRA PRAMANIK, 541 DEBASMITA PRADHAN, 541 GEETANJALI KAMILA, 541 SWEET TAMANNA PANIGRAHI, 540 DIBYASHREE BAL, 540 DEBASMITA SAHU, 540 RASHMIPRAVA MANTRI, 540 RASMIRANJAN SWAIN, 540 NANDINI DINGAL, 540 SWARNALATA DALEI

## Excellent AHSE ARTS Result - 2026



549 DHANANJAY GIRI, 525 LIJARANI BARIK, 524 KALYANI PARIDA, 520 SMITA DAS, 479 URMIJYOTI BISWAL, 478 PUJANJALI SAHOO, 465 JITENDRA PAL, 465 SATABDI GIRI, 461 IPSITA MOHANTY, 461 SMRUTIREKHA BEHERA

### EXCELLENT CHSE RESULT FROM 2015 TO 2026

| Year | Appeared | Passed | Result | 1st Div | 2nd Div | 3rd Div |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |
| 2021 | 378 | 378 | 100% | 372 | 6 | 0 |
| 2022 | 335 | 335 | 100% | 333 | 2 | 0 |
| 2023 | 285 | 285 | 100% | 265 | 20 | 0 |
| 2024 | 377 | 377 | 100% | 360 | 17 | 0 |
| 2025 | 413 | 413 | 100% | 370 | 43 | 0 |
| 2026 | 393 | 393 | 100% | 385 | 8 | 0 |

### HIGHEST MARK IN INDIVIDUAL SUBJECT

MATHEMATICS - 100
PHYSICS - 100
CHEMISTRY - 100
BIOLOGY - 100
ENGLISH - 100
MIL - 100

### OUR KEY HIGHLIGHTS

- Excellent Academic Environment for Overall Development.
- Experienced & Dedicated Faculty Ensuring Quality Education.
- Regular Tests, Doubt Clearing & Individual Attention for Every Student.
- Proven Track Record in NEET, JEE & Other Competitive Examinations.

**New Campus**
Hidigaon, Chandipur Road, Infront of Satyasai Engg. College, Balasore

**Old Campus & City Office**
Nalamganj, Near K.M. Hospital Balasore, Odisha

(06782) - 261140 nist923@gmail.com www.nistresidentialcollege.in | www.nisthsschool.org.in

Mob - 9437266065, 9437147709, 9437264995, 8249075590, 9348121401

A Heartfelt Thanks to Our Students, Parents, Teachers & Well-wishers for This Historic Achievement!


Smiles of Success
Sulagna CHSE Toppers -2026
100% Result
Appeared 274
1st Division 265
Above 540 13
Above 500 62
➤ଦଶମରେ ୯୦% ରଖି ଆଡ୍‌ମିଶନ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୬ ଜଣ ।
➤ଦଶମ ମାର୍କରୁ +୨ ବିଜ୍ଞାନରେ ଅଧିକା ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧୬ ଜଣ ।
578 Jyotirmayee Nath 10th - 540
577 Pabitra Mohan Khatua 10th - 552
573 Namrata Jena 10th - 552
573 Subhapriya Jena 10th - 495
561 Jagadish Parida 10th - 464
558 Abinash Behera 10th - 448
556 Arya Rupa Parida 10th - 535
550 Sandhyarani Padhi 10th - 524
549 Abdul Akil Khan 10th - 501
547 Debabrata Singh 10th - 480
547 Satyabrata Kar 10th - 540
545 Rajanandini Giri 10th - 532
542 Kisan Ku. Roul 10th - 540
Admission Open -2026-27
Sulagna Institute of Medical Sciences
(Approved by DMET, Health & Family Welfare Department, Govt. Of Odisha)
B.Sc. Nursing
Sulagna
HIGHER SECONDARY SCHOOL
+2 Science Residential College, Balasore
(Permanent Recognition & Affiliation, Govt. of Odisha)
Campus- Sarita Nagar, Mathasahi, Balasore. Mob: 9853200320,7978702609, 7008050860, 9078302001, 7008084959
City Office : Sulagna Public School. Mob: 9040529298, 7978474402, 9437266157 website :www.sulagnacollege.org



୨୦୨୬ +୨ ବିଜ୍ଞାନ ଏବଂ କଳା ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....
GRAND SUCCESS !
PRINCE COLLEGE
Congratulation Achievers..
The No.1 Residential College for- +2 SCIENCE +2 ARTS
କ୍ରମାଗତ ଭାବେ +୨ ବିଜ୍ଞାନ ଏବଂ କଳା ରେ ରାଜ୍ୟରେ ଶ୍ରେଷ୍ଠ ୧୦ ମଧ୍ୟରେ
ADITYA KU. GIRI 588 98%
AMONG TOP 10 IN ODISHA
ADYASHA PANDA 588 98%
AMONG TOP 10 IN ODISHA
SHASWATI BEHERA 588 98%
AMONG TOP 10 IN ODISHA
90% ABOVE - 74
500 ABOVE - 185
80% ABOVE - 270+
1ST CLASS - 500+
OUR 90% ACHIEVERS - 2026
ADITYA 98% SHASWATI 98% ADYASHA 98% DILLIP 97% SMRUTI 97% SANJIBINI 97% HIMADRI 97% KRUTITAPA 97% SAMRURANJAN 96% SUBHASISH 96% BISWAPATI 96% SUMIT 96% SMARANIKA 96%
SUMIT 96% SONERSINGH 95% SUDHANSHU 95% NARANYAN 95% GAYATRI 95% SNEHANGJALI 95% REETIK 94% ARCHITA 94% SOUMYA 94% BUDHESWAR 94% RAHUL 94% ISHIKA 94% ARPITA 94%
SUBHANKAR 94% HIMANSHU 94% PREMANADA 93% JEEBAN 93% RAMESWAR 93% BHAGYALAXMI 93% DEBASISH 92% BIDYASAGAR 92% BISWAJIT 92% KANHEI 92% PRIYANKA 91% HARIHAR 91% DIBYANSHU 91%
BISHNUDEB 91% LOPAMUDRA 91% SURYAKANTA 91% RUMALI 91% PANKAJ 91% SOMA 91% GANJENDRA 91% JYOTIRANI 91% LINKSITA 91% PUSPALATA 91% UJJAL 91% GOURI SHAKAR 91% SHASWATI 90%
BIBHUTI 90% PRIYADARSHINI 90% MITALI 90% ASUTOSH 90% NITISH 90% TARANUM 90% SUREKHA 90% DEBASMITA 90% TAMANA 90% SAROJ 90% JAYPRAKSH 90% CHIRANJIB 90% JIBAN 90%
BAPI 90% RAJANI 90% SUBHASMITA 94% PRAVAT 91% BEBI 90% GLORIA 90% SONI 90% RAJESWARI 94% PRATIMA 92%
OUR ENTRANCE RESULT
VISTRUTI MEDICAL, SHIBASAKTI MEDICAL, JASOBANTA MEDICAL, RADHKA MEDICAL, ABHINAY MEDICAL, BABITA IIT, SUNITA NISER, LOPAMUDRA OUAT, DIBYA LOCHAN MEDICAL, OMM PRAKASH MEDICAL, ABHISHEK OUAT, BADARAM JEE MAIN
ANUBHAB OUAT, DEBASMITA OUAT, HARAPRIYA OUAT, J. SARDAR OUAT, BIKASH OUAT, JYOTIPRAVA OUAT, ANKITA VIT, A. PANIGRAHI NIT, ANUSHREE OUAT, HEMANGINI MEDICAL, SAGRAM JEE MAIN, MANAS JEE MAIN
କେବଳ 7 ଜଣ 90% ପିଲା ADMISSION ହୋଇଥିଲେ କିନ୍ତୁ 74 ଜଣ ପିଲା 90% ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଅଛନ୍ତି ।
+2 SCIENCE, +2 ARTS Admission ଏବଂ NEET / JEE COACHING ପାଇଁ ଯୋଗାଯୋଗ କରନ୍ତୁ...
BARIPADA
City Office: Palbani, Debendrapur, Campus: Ramnagar
8895102045, 9937701648, 8763574700
www.princecollege.in
BALASORE
Campus-1: Central School Square, Campus-2: Sunduri
8763403768, 9337687655, 9937701648

ସକାଳ THE SAKALA



# ପଙ୍କ ଉଦ୍ଧାରରେ ସାଲିସ କରା ନ ଯାଉ

## ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ବଲାଙ୍ଗିର ନାଗରିକ କମିଟି ସହ ସଚେତନ ନାଗରିକ

ବଲାଙ୍ଗିର,୨୦।୫(ସମିସ)



ବଲାଙ୍ଗିର ପୌର ପ୍ରଶାସନ ପକ୍ଷରୁ ସହରରେ ବନ୍ଧଗୁଡିକର ପଙ୍କ ଉଦ୍ଧାର କାମ ଚାଲିଛି । ବଲାଙ୍ଗିର ନାଗରିକ କମିଟି ସହ ସହରର ସଚେତନ ନାଗରିକମାନେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । ଚଳିତ ବର୍ଷ ପୌର ପରିଷଦ ପକ୍ଷରୁ ବନ୍ଧଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ଏବଂ କାମ ଚାଲିଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ; କିନ୍ତୁ କାମ ଯଦି ଠିକ୍ ଭାବରେ କରା ନ ଯାଏ ମୂଳ ଉଦ୍ଦେଶ୍ୟ ସାଧାନ ହୋଇ ପାରିବ ନାହିଁ ବା ଲୋକଙ୍କ ଉପକାରରେ ଲାଗି ପାରିବ ନାହିଁ। ପୂର୍ବରୁ ସହରର ବାନ୍ଧ ଗୁଡିକରେ ଠିକ୍ ସମୟରେ କାମ କରାଯାଇ ନ ଥିବାରୁ ଟଙ୍କା ବାରମ୍ବାର ଫେରି ଯାଇଥିବା ଏବଂ ବନ୍ଧ ଗୁଡିକ ଖରାପ ହୋଇ ପଡିରହିଥିବା ନଜିର ମଧ୍ୟ ଅଛି । ତେଣୁ ଏହା ଉପରେ ଗୁରୁତ୍ୱ ଦେଇ କାମ କରିବାକୁ ସେମାନେ ବଲାଙ୍ଗିର ପୌର ପ୍ରଶାସନ ଅନୁରୋଧ କରିଛନ୍ତି ।

ପ୍ରଥମେ ବନ୍ଧଗୁଡିକର ଆଡି ତତ୍ ସଂଲଗ୍ନ ସରକାରୀ ଜମିକୁ ସମ୍ପୂର୍ଣ୍ଣ ରୂପେ ଜବର ଦଖଲ ମୁକ୍ତ କରାଯାଉ । ଏହା ସୌନ୍ଦର୍ଯ୍ୟକରଣ ଏବଂ ବିକାଶରେ ସହାୟକ ହେବ । ଏହି କାମରେ କୌଣସି ପ୍ରକାର ସାଲିସ କରା ନ ଯାଉ । ବନ୍ଧ ଆଡି ଉପରେ ଥିବା ଶୌଚାଳୟ ଏବଂ ନିର୍ମିତ ଘରର ମଇଳା ପାଣି ବନ୍ଧ ଭିତରକୁ ଛାଡିବାକୁ ଦିଆ ନ ଯାଉ । ବନ୍ଧ ଗୁଡିକରେ ଗାଧୋଇବା ଘାଟ ଆବଶ୍ୟକତା ଅନୁସାରେ ନିର୍ମାଣ କରାଯାଉ । ପ୍ରତ୍ୟେକ ଘାଟରେ ଅନ୍ତତଃ ଗୋଟିଏ ତୁଳସୀ ଚଉରାର ବ୍ୟବସ୍ଥା କରାଯାଉ । ବନ୍ଧରୁ ଉଦ୍ଧାର ପଙ୍କ ମାଟି ଦୂର ସ୍ଥାନରେ ପକାଯାଉ; ଯେମିତି ପୁଣି ମାଟି ବନ୍ଧକୁ ପ୍ରବେଶ କରି ପାରିବ ନାହିଁ । ବନ୍ଧ ଆଡି ଯଦି ଓସାର ଅଛି ସେହି ଜାଗାରେ ପକାଇ ତା ଉପରେ ପରବର୍ତ୍ତି ସମୟରେ ଚାରାରୋପଣର ବ୍ୟବସ୍ଥା କରାଯାଇ ପାରିବ ।

ପ୍ରଶାସନ କୌଣସି ବ୍ୟକ୍ତି ବା ଗୋଷ୍ଠୀର ଚାପରେ ନ ପଡି ବନ୍ଧ ଗୁଡିକର ପୁନଃଉଦ୍ଧାର କାର୍ଯ୍ୟକୁ ଠିକ୍ ବା ଠିକ୍ ଢଙ୍ଗରେ କରାଇବାକୁ ଉଚିତ ଉପଦକ୍ଷେପ ନିଅନ୍ତୁ । କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ଯଦ୍ୱାରା ବର୍ଷା ଆସିବା ପୂର୍ବରୁ ଶେଷ ହୋଇ ପାରିବ ବୋଲି ସଚେତନ ନାଗରିକ ଦାବି କରିଛନ୍ତି । ବନ୍ଧ ଗୁଡିକର ଏବଂ ମହାରାଣୀ ସାଗରର ଜଳ ଧାରଣ କ୍ଷମତା ବୃଦ୍ଧି ପାଇଲେ ସର୍ବ ସାଧାରଣ ଜଳ କଷ୍ଟରୁ ମୁକ୍ତି ପାଇବେ । ବଲାଙ୍ଗିର ସହରର କୌଣସି ଗୋଟିଏ ବା ଦୁଇଟି ବନ୍ଧକୁ ଆଦର୍ଶ ପୁଷ୍କରଣୀରେ ରୂପାନ୍ତରିତ କରିବାର ଯୋଜନା ପ୍ରସ୍ତୁତ କରିବାକୁ ନାଗରିକମାନେ ଅନୁରୋଧ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ନାଗରିକ କମିଟି ପୂର୍ବତନ ସଭାପତି ରାହାସ ବିହାରୀ ମାଝି, ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ସମ୍ପାଦକ ଅଶୋକ ମିଶ୍ର, ଅଖି ଭାରତୀୟ ଗ୍ରାହକ ପଞ୍ଚାୟତ ଓଡିଶା ପଶ୍ଚିମ ପ୍ରାନ୍ତର ସଭାପତି ଇଂ. କିଶୋର ମୋହନ ମିଶ୍ର, ନବକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ତରଭା ବ୍ଲକ୍ ଅଧ୍ୟକ୍ଷ ଗୁରୁତର

### ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର

ବଲାଙ୍ଗିର,୨୦।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାଲେଭଟାରେ ତରଭା ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପଙ୍କ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗାଡି ଚାଳକ ଧନଞ୍ଜୟ କଲତାଙ୍କ ସହ ତାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବରଗଡର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବ୍ଲକ୍ ଅଧ୍ୟକ୍ଷ ଶ୍ରୀ କମ୍ପ ଭୁବନେଶ୍ୱରରୁ ସମ୍ବଲପୁର ଦେଇ ମେଣ୍ଡା ଦେଉଳପଦର ଫେରୁଥିଲେ । ସାଲେଭଟାରେ ଏକ ଟ୍ରଲରକୁ ଧକ୍କା ହୋଇ ଗାଡିଟି ଦୁର୍ଘଟଣାର ଶିକାର ହୋଇଛି ।

## ପୁରୀ-ଦୁର୍ଗ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

କଣ୍ଟାବାଞ୍ଜି,୨୦।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ରେଲୱେ ଫାଟକ ନିକଟରେ ବୁଧବାର ପୁରୀ-ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ଆଗକୁ ଡେଇଁ କଣ୍ଟାବାଞ୍ଜି ଥାନା ସୁନାରୀ ପଡ଼ାର ଇନ୍ଦ୍ର ସରାଫ ଆତ୍ମହତ୍ୟା କରିଛନ୍ତି । ଏନେଇ ରେଲୱେ କର୍ମଚାରୀ କଣ୍ଟାବାଞ୍ଜି ଜିଆରପି ଓ ଆରପିଏଫକୁ ଖବର ଦେବା ପରେ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା । ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଅନେକ ଦିନରୁ ଇନ୍ଦ୍ରଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା । ସେ ଅତି ଗରିବ ଶ୍ରେଣୀର । ଏଣୁ ପରିବାରର ଦୁଃଖ ଦେଖି ଦିନକୁ ଦିନ୍ ଧୈର୍ଯ୍ୟ ହରାଇ ବସୁଥିଲେ । ତେଣୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜିଆରପି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି ।

■ ଗାଡ଼ି ଶୋ'ରୁମ୍ ମାଲିକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଘଟଣା

## କାର୍ ଜବତ କରି ପୁଲିସ ଚୁପ୍

ସଇଁତଲା,୨୦।୫(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଶ୍ୟାମ ହୋଣ୍ଡା ଶୋ'ରୁମ୍ ମାଲିକ ତନିଷ ଅଗ୍ରୱାଲଙ୍କୁ ଗାଡ଼ି ଚଢାଇ ହତ୍ୟା ଉଦ୍ୟମ ଘଟଣାରେ ପୁଲିସର କାର୍ଯ୍ୟପଦ୍ଧତିକୁ ନେଇ ପ୍ରଶ୍ନ ଉଠିଛି । ଘଟଣାକୁ କିଛି ଦିନ ବିତିଯାଇଥିଲେ ମଧ୍ୟ ପାଇକମାଲ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଏପର୍ଯ୍ୟନ୍ତ ଧରା ପଡିନି । ସେ ଖୋଲାରେ ବୁଲୁଛି । ଏହି ଘଟଣାରେ ବ୍ୟବହୃତ ଗାଡ଼ିକୁ ଜବତ କରି ପୁଲିସ ଚୁପ୍ ବସିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୋଜନାବଦ୍ଧ ଭାବେ ଶ୍ରୀ ଅଗ୍ରୱାଲଙ୍କ ଉପରେ ଗାଡ଼ି ଚଢାଇ ହତ୍ୟା ଉଦ୍ୟମ କରାଯାଇଥିଲା । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିଲା । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା । ପୁଲିସ ଘଟଣାସ୍ଥଳରୁ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଥିବା କହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି । ସ୍ଥାନୀୟ ଲୋକେ ପୁଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।



**ଖୋଲାରେ ବୁଲୁଛି ଅଭିଯୁକ୍ତ**

## ସିଏଚ୍‌ଏସ୍‌ଇ ଯୁକ୍ତ ଦୁଇରେ ଯୁବୋଦୟ କଲେଜର ସଫଳତା

ବଲାଙ୍ଗିର,୨୦।୫(ସମିସ): ବୁଧବାର ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୧୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ମାର୍କ ରଖିଛନ୍ତି । ସେହିଭଳି ୩୨ଜଣ ଛାତ୍ରଛାତ୍ରୀ ୯୫%ରୁ ଅଧିକ ମାର୍କ ରଖିଛନ୍ତି । ଏହି ବିଦ୍ୟାଳୟ ପ୍ରତୀକ୍ଷାରାଣୀ ପ୍ରଧାନ ଏବଂ ମାନସ ରଞ୍ଜନ ଦାସ ୫୮୭ ମାର୍କ ରଖି ଯୁଗ୍ମ ଟପର ହୋଇଛନ୍ତି । ମାନସ ବାଗ ୫୮୫, ପୁନମ ପ୍ରିୟା ସାହୁ ୫୮୪, ପ୍ରିନ୍ସ ନାଗ ୫୮୨, ଶୁଭ୍ର ଦୀପ ପ୍ରଧାନ ୫୮୨, ପ୍ରତୀକ ପ୍ରଧାନ ୫୮୧, ଶୃତି ପଣ୍ଡା ୫୮୦, ଆଦ୍ୟଶା ପ୍ରିୟଦର୍ଶିନୀ ସୁନା ୫୮୦, ଅନ୍ୱେଷା ବାରିକ ୫୮୦, ଶୁଭଶ୍ରୀ ଶତପଥୀ ୫୮୦, ଦେବ ଆଚାର୍ଯ୍ୟ ୫୭୮, ତୁଷାର କୁମାର ସାହୁ ୫୭୮, ସୁଷମା ପ୍ରିୟଦର୍ଶିନୀ ଭୁଏ ୫୭୭, ଆଶୁତୋଷ ନାଏକ ୫୭୬, ରୋସନ ଦାଣ୍ଡିଆ ୫୭୬, ସୁଶ୍ରୀ ସ୍ୱର୍ଣ୍ଣପ୍ରଭା କଲତା ୫୭୫, ଅନିମେଷ ପଟ୍ଟନାୟକ, ୫୭୫ ପପୁନ ରଣା ୫୭୪, ପ୍ରଜ୍ଞାରାଣୀ ଭୋଇ ୫୭୩, ଆଲୋକ ଶତପଥୀ ୫୭୩, ରିତୁ ରଣା ୫୭୩, ସତ୍ୟବାନ ସା ୫୭୨, ସ୍ୱପ୍ନିଳ ଶାଶ୍ୱତ ମହାରଣା ୫୭୨, ଅଂଶୁମାନ ମାଝି ୫୭୨, ସେମାଇ ପ୍ରସାଦ ୫୭୧, ମୌସୁମୀ ସାହୁ ୫୭୧, ସ୍ୱାଗତ ଭୋଇ ୫୭୦, ଇପ୍ସିତା ଅନନ୍ୟା ସାହୁ ୫୭୦ ଏବଂ ଛନ୍ଦାଶ୍ରୀ ମିଶ୍ର ୫୭୦ ମାର୍କ ରଖିଛନ୍ତି । ସମଗ୍ର ବିଦ୍ୟାଳୟରୁ ୨୭୦ ଜଣ ୫୦୦ରୁ ଅଧିକ ମାର୍କ ରଖିଛନ୍ତି । ଯୁବୋଦୟର ୪୭୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୪୬୭ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସଫଳତା ପଛରେ ଅବଦାନ ଥିବା ଶିକ୍ଷକ ବ କର୍ମଚାରୀଙ୍କୁ ମଧ ସେ ଶ୍ରେୟ ଦେଇଛନ୍ତି ।





## ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ




ଖପ୍ରାଖୋଲ,୨୦।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ପଞ୍ଚାୟତର ବଜାର ପରିସରରେ ଗ୍ରାମୋଦୟ ଯୋଜନା ସହ ଆର୍ଥିକ ସାକ୍ଷରତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଉମାକାନ୍ତ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜିତା ପଟ୍ଟା, ସମ୍ମାନୀତ ଅତିଥି ରୂପେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଏସବିଆଇ ଖପ୍ରାଖୋଲ ଶାଖା ପରିଚାଳକ ଅନୀଲ ମେହେର, ଅଭୟ ତ୍ରିପାଠୀ, ପିଇଓ ବାହୁବଳେନ୍ଦ୍ର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମୋଦୟ ଯୋଜନାରେ ଚିହ୍ନଟ ଗାଁର ସାମଗ୍ରିକ ବିକାଶ ସହିତ ସରକାରୀ ଯୋଜନାର ଲାଭ ନେବାକୁ ଅତିଥିଗଣ କହିଥିଲେ । ଏହି ଅବସରରେ ଆର୍ଥିକ ସାକ୍ଷରତା ସହ ସୁକନ୍ୟା ସମୃଦ୍ଧି ଯୋଜନାରେ ଜମା ଖାତା ଖୋଲି ଝିଅମାନଙ୍କ ଭବିଷ୍ୟତ ପାଇଁ ଅଧିକ ସୁଧର ଲାଭ ନେବା ସହ ସୁନିଶ୍ଚିତ ଭବିଷ୍ୟତ ଗଠନ କରିବାକୁ କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେରେ ଧନୀ ଫାଉଣ୍ଡେସନର ପ୍ରେମଲାଲ ମାଝୀ, ବିଶିକେଶନ ମାଝୀ, ଏଡିଏଓ ପ୍ରଶାନ୍ତ ମହାପାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଚାଷୀ ଉପସ୍ଥିତ ଥିଲେ । ନାରାୟଣ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଝାରମୁଣ୍ଡା ଆଥ୍‌ଲେଟିକ ଆସୋସିଏସନର ପ୍ରତିଷ୍ଠା ଦିବସ




ଲୋଇସିଂହା,୨୦।୫(ସମିସ): ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏସନର ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ସଭାପତି ଶ୍ୟାମସୁନ୍ଦର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଭାବେ ଅକ୍ଷୟ ପାଣି ଉ‌ଣ୍ଟୁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଟିଙ୍କୁନୁ ପୁଟା, ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ, ମୁଖ୍ୟ ବକ୍ତା ଭାବେ ପ୍ରଧାନ ଶିକ୍ଷକ ଡକ୍ଟର ଦ୍ୱାଦଶ ପଧାନ ଯୋଗ ଦେଇଥିଲେ । ଏହି ଅବସରରେ ଦ୍ୱାଦଶ ପଧାନ, ନୂଆପଡ଼ା ଜିଲ୍ଲା ସୁନାବେଡା ପିଏଚ୍‌ସି ଭାରପ୍ରାପ୍ତ ମେଡିକାଲ ଅଫିସର ଡ. ମୁକେଶ ମେହେର, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଯୁଧିଷ୍ଠିର ପଧାନ, ମହଦା ପାହାଡ ବଞ୍ଚାଅ ଅଭିଯାନ କମିଟିର ଶେଷଦେବ ଖମାରୀ, ଓଏଭି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପଧାନ, ବେଥନୀ ସ୍କୁଲ ଅଧ୍ୟକ୍ଷା ସିଷ୍ଟର ମଞ୍ଜୁଳା, ପୂର୍ବତନ ସରପଞ୍ଚ ସୁନିଲ ଅଗ୍ରୱାଲ, ସହକାରୀ ଶିକ୍ଷକ ରୁକ୍ମଣ ଧରୁଆ, ସୁବର୍ଣ୍ଣପୁର ଫ୍ଲୋରା ସମ୍ବଲପୁରୀ ପରିଚାଳିକା ରାଜଶ୍ରୀ ମେହେର ଓ ଅନୁଷ୍ଠାନର ସଦସ୍ୟ ମନୋଜ ଧରୁଆଙ୍କ ସହ ଅନୁଷ୍ଠାନର ୧୦ ଜଣ ମହିଳା ଏବଂ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ସଚ୍ଚିଦାନନ୍ଦ ସାହୁ ସ୍ୱାଗତ ଭାଷଣ ସହ ମାନପତ୍ର ପଠନ କରିଥିଲେ । ସୁଧାଂଶୁ ମହାକୁର, ଗୁଣମଣି ସେଠ, କାଳୀ ଚରଣ ବଗର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ ।

## ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦହିପାଣି ବଣ୍ଟନ




ବଲାଙ୍ଗିର,୨୦।୫(ସମିସ): ବଲାଙ୍ଗିର ସହର ସମେତ ସମଗ୍ର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଅସହ୍ୟ ଖରା ଓ ଝାଞ୍ଜି ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସାଧାରଣ ପଥିକ ଓ ଶ୍ରମଜୀବୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ନିୟମିତ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ବୁଧବାର ବଲାଙ୍ଗିର ସହରର ବ୍ୟସ୍ତବହୁଳ ଗାନ୍ଧୀ ଛକଠାରେ ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଥିକ ଓ ସାଧାରଣ ଜନତାଙ୍କୁ ଦହିପାଣି ବଣ୍ଟନ କରିଥିଲେ ।

## ହାତୀସରାରେ ୯୫ ପରିବାରକୁ ଘରଡିହ ପ୍ରଦାନ

ଦେଓଗାଁ,୨୦।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରା ପଞ୍ଚାୟତ ପରିସରରେ ବୁଧବାର ସ୍ଥାନୀୟ ତହସିଲ ତରଫରୁ ଘରଡିହ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ତହସିଲଦାର ନର୍ମଦା ନାୟକ, ଅତିରିକ୍ତ ତହସିଲଦାର ପି. ମହାରଣା, ସମିତିସଭ୍ୟ ବିଶ୍ୱଜିତ ପାତ୍ର, ସରପଞ୍ଚ କେଲୋ ଡାଙ୍ଗ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ସୁଶୀଳ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ୨୦୦୮ରୁ ଆବେଦନ କରିଥିବା ୧୧୫ ପରିବାର ମଧ୍ୟରୁ ୯୫ଜଣଙ୍କୁ ବସୁନ୍ଧରା ଯୋଜନାରେ ହାତୀସରା ନିକଟସ୍ଥ ଏଫସିଆଇ ଗୋଦାମଘର ନିକଟରେ ପରିବାର ପ୍ରତି ୯୫ ଡିସିମିଲ ଲେଖାଏଁ ଘରଡିହ ଚିହ୍ନଟ କରାଯାଇଥିଲା । ବର୍ତ୍ତମାନ ମଧ୍ୟ ଅନେକ ପରିବାର ଭୂମିହୀନ ରହିଛନ୍ତି । ସେମାନେ ଆବେଦନ କରିନଥିବାରୁ ଏହି ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ହିତାଧିକାରୀ ଆବେଦନ କଲାପରେ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ମଧ୍ୟ ଘରଡିହ ଯୋଗାଇଦିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## କଣ୍ଟାବାଞ୍ଜିରେ ବେଆଇନ ଥଣ୍ଡା ପାନୀୟ କାରଖାନା



କଣ୍ଟାବାଞ୍ଜି,୨୦।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ଦିନକୁ ଦିନ ନିୟମ ଉଲ୍ଲଂଘନ କରି ଥଣ୍ଡା ପାନୀୟ କାରଖାନା ସ୍ଥାପନ ହେଉଛି । ଅସୁରକ୍ଷିତ ପରିବେଶରେ ଏହା ତିଆରି ହେଉଛି । ଏଣୁ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ଉଠୁଛି । ଖରା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ଥଣ୍ଡା ପାନୀୟ ପିଉଛନ୍ତି; ହେଲେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କାରଖାନା ଗୁରୁତ୍ୱ ଦେଉନି । କଣ୍ଟାବାଞ୍ଜି ସହରରୁ ଅଳ୍ପ ଦୂର ଚଟୁଅନକାରେ କଣ୍ଟାବାଞ୍ଜି ସହରର ମଣ୍ଟୁ ଗୋୟେଲ ନାମକ ଜଣେ ବ୍ୟବସାୟୀ ଏକ କାରଖାନା ସ୍ଥାପନ କରିଛନ୍ତି । ଏଠାରେ ପାନୀୟ ଜଳ ସହ ୩ଟି ଫ୍ଲେବରର ଥଣ୍ଡା ପାନୀୟ ତିଆରି ହେଉଛି । ବର୍ତ୍ତମାନ ବଜାରରେ ଅନେକ ନାମିଦାମୀ ବ୍ରାଣ୍ଡ ଥଣ୍ଡା ପାନୀୟ ମିଳୁଛି । ସେଥିମଧ୍ୟରୁ କଣ୍ଟାବାଞ୍ଜି ଲୋକାଲ କୋଲଡ୍ରିସ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି । ତେବେ ସରକାରୀ ନିୟମ ଅନୁସାରେ ଏହଭଳି କାରଖାନା ସ୍ଥାପନ କରିବାକୁ ଯେଉଁ ସବୁ ନିୟମ ପାଳନ କରାଯାଏ ତାହା ଏଠାରେ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହେଉଛି । ଏହି କାରଖାନାକୁ ଲାଗି ଏକ ରାଇସ୍ ମିଲ୍ ରହିଛି; ତାହା ପାଖକୁ ଲାଗି ଏହି କାରଖାନା ତିଆରି କରିବାକୁ କେଉଁ ଅଧିକାରୀ ଅନୁମତି ଦେଲେ ବୋଲି ପ୍ରଶ୍ନ ଉଠୁଛି । ବ୍ୟବସାୟୀ ଜଣକ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି ।

## ନୂତନ ଜୈବ ବିବିଧତା ପ୍ରକଳ୍ପର ଶୁଭାରମ୍ଭ

ବଲାଙ୍ଗିର,୨୦।୫(ସମିସ): ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରିଜିଓନାଲ ସେଣ୍ଟର ଫର ଡେଭଲପମେଣ୍ଟ କୋ-ଅପରେସନ (ଆରସିଡିସି) ତରଫରୁ ଖପ୍ରାଖୋଲ ବ୍ଲକ୍‌ର ପବିତ୍ର ଶୈବପୀଠ ହରିଶଙ୍କରରେ ଏଚସିଏଲ ଫାଉଣ୍ଡେସନ ସହାୟତାରେ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଅରବିନ୍ଦ ନାୟକ, ସୁମନ ମାଝୀ, ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମର ଆବାହକ କୁଳମଣି ସାହୁ, ଭାନପୁର ସରପଞ୍ଚ ରୀନା ଜାଲ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଜାରୀ, ପରିବେଶବିତ ତଥା ପ୍ରଶିକ୍ଷକ ଅଭୟ ତ୍ରିପାଠୀ ଓ ଗନ୍ଧମାର୍ଦ୍ଦନ ଆହ୍ୱାନ କମିଟିର ଆବାହକ ଟେକେନ୍ଦ୍ର ଜାଲ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଆରସିଡିସିର ଆଞ୍ଚଳିକ ପରିଚାଳକ ଶମ୍ଭୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳମଣି ସାହୁ ବଲାଙ୍ଗିରରେ ଜୈବ ବିବିଧତା ଓ ଗୋଷ୍ଠୀ ଜଙ୍ଗଲ ସମ୍ପଦ ସୁରକ୍ଷା ଉପରେ ଆରସିଡିସି ସଂସ୍ଥାର ଦୀର୍ଘ ଦିନର ଜଙ୍ଗଲ ସୁରକ୍ଷାର ଇତିହାସ ଓ ଜୈବ ବିବିଧତା ଉପରେ ବର୍ଣ୍ଣନା କରିଥିଲେ । ଆରସିଡିସିର ଆଇଟି ନିର୍ଦ୍ଦେଶକ ରାମକୃଷ୍ଣ ମହାରଣା ଏହି ନୂତନ ପ୍ରକଳ୍ପର ରୂପରେଖ ଉପରେ କାର୍ଯ୍ୟକ୍ରମ ଓ ଜୈବ ବିବିଧତା ଉପରେ ବର୍ଣ୍ଣନା କରିଥିଲେ । ଏହି ପ୍ରକଳ୍ପ ଖପ୍ରାଖୋଲ ବ୍ଲକର ଭାନପୁର ଓ ନାନ୍ଦୁପଲା ପଞ୍ଚାୟତର ଗ୍ରାମରେ ୨୦୨୬ ଏପ୍ରିଲରୁ ଆରମ୍ଭ ହୋଇଛି । ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ପ୍ରକଳ୍ପରେ ଦେଶୀ ପ୍ରଜାତିର ଚାରା ରୋପଣ, ମାଟି ଓ ଜଳ ସଂରକ୍ଷଣ, ଜଳବାୟୁ ସହନଶୀଳ କୃଷି ଏବଂ ଗୋଷ୍ଠୀଗତ ଜଙ୍ଗଲ ଅଧିକାର କାର୍ଯ୍ୟକରଣ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସେମାନଙ୍କ ନେତୃତ୍ୱାଧୀନ ଜୈବ ବିବିଧତା ପରିଚାଳନାକୁ ସୁଦୃଢ଼ କରିବ । ପ୍ରକଳ୍ପର ସୁଫଳ ରୂପାୟନ ନିମନ୍ତେ ଅତିଥିଗଣ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ପୂର୍ଣ୍ଣ ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଫୁଲ୍ଲାଲ ସରାଫ, ବୈକୁଣ୍ଠ ବାଗ, ଦେବରାଜ ଭୋଇ, ସୁଦର୍ଶନ ସାହୁ, ନିରୁପମା ସାହୁ, ପୂର୍ଣ୍ଣାନନ୍ଦ ଦୀପ ଓ ସୀତାଂଶୁ ବନଛୋର ସହାୟତା କରିଥିଲେ । ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁନ୍ ୨ରେ ରିଲିଜ ହେବ 'ଜଙ୍ଗଲ ଜଳୁଛେ'



କଣ୍ଟାବାଞ୍ଜି,୨୦।୫(ସମିସ): ପଶ୍ଚିମ ଓଡ଼ିଶାର ଭାଷା, ସଂସ୍କୃତି, ପରମ୍ପରା ଏବଂ ସମସ୍ୟାକୁ ନେଇ ଆସନ୍ତା ୨ ତାରିଖରେ ଏସସିଟିଏସ ପ୍ରଡକ୍ସନର ପ୍ରଥମ କୋଶଳୀ ଚଳଚ୍ଚିତ 'ଜଙ୍ଗଲ ଜଳୁଛେ' ରିଲିଜ ହେବ । କଣ୍ଟାବାଞ୍ଜି ଆଲିସାନ ସିନେମା ହଲ୍‌ରେ ଏହି ଚଳଚ୍ଚିତ୍ର ରିଲିଜ ପାଇଁ ନିଷ୍ପତ୍ତି ହୋଇଛି । କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବୁଧବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଲେଖକ ଗୋରେଖ୍ ନାଥ ସାହୁ, ପ୍ରଯୋଜକ ମିନା ମାହାରଣ, ନିର୍ଦ୍ଦେଶକ ସରୋଜ ଭୂୟାଁ, ଗବେଷକ ସଂଜୟ ମିଶ୍ର ଏହି ସୂଚନା ଦେଇଛନ୍ତି ।

# କଣ୍ଟାବାଞ୍ଜି ପମ୍ପୁ ତଲାବ ପୁନରୁଦ୍ଧାର ପାଇଁ ଡିଆରଏମ୍‌ଙ୍କୁ ସୋଫିଆଙ୍କ ଚିଠି

କଣ୍ଟାବାଞ୍ଜି,୨୦।୫(ସମିସ)



ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଏକ ପ୍ରମୁଖ ତଥା ଐତିହାସିକ ଜଳାଶୟ ପମ୍ପୁ ତଲାବର ପୁନରୁଦ୍ଧାର ଓ ସଫେଇ ପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଦାବି କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ସେ ପୂର୍ବତଟ ରେଳବାଇର ସମ୍ବଲପୁରସ୍ଥିତ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କୁ ପତ୍ର ଲେଖି ଜଳାଶୟର ତୁରନ୍ତ ସଂସ୍କାର ପାଇଁ ଅନୁରୋଧ କରିଛନ୍ତି । ଚିଠି ଅନୁଯାୟୀ, ପ୍ରାୟ ୯୮ ଏକର ପରିମିତ ଏହି ପୋଖରୀଟିକୁ ୧୯୩୫ ମସିହାରେ ରାୟପୁର-ବିଶାଖାପାଟଣା ରେଳ ଲାଇନ ନିର୍ମାଣ ସମୟରେ ବେଙ୍ଗଲ ନାଗପୁର ରେଳବାଇ ଦ୍ୱାରା ଖୋଳାଯାଇଥିଲା । ଦୀର୍ଘ ଦଶନ୍ଧି ଧରି କଣ୍ଟାବାଞ୍ଜି ସହରର ହଜାର ହଜାର ବାସିନ୍ଦା ପାନୀୟ ଜଳ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟ ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଆସୁଛନ୍ତି ।

ବିଧାୟିକା ପତ୍ରରେ ଦର୍ଶାଇଛନ୍ତି ଯେ, ବର୍ତ୍ତମାନ ପୋଖରୀଟି ପଙ୍କ ଉଦ୍ଧାର ନ ହେବା କାରଣରୁ ସମ୍ପୂର୍ଣ୍ଣ ଶୁଖିଯାଇଛି । ପୂର୍ବରୁ ୨୦୧୬-୧୭ ମସିହାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୨.୩୪ କୋଟି ଟଙ୍କାର ବ୍ୟୟ ଅଟକଳରେ ଏହାର ନବୀକରଣ ପାଇଁ ଟେଣ୍ଡର ହୋଇଥିଲା; କିନ୍ତୁ କାର୍ଯ୍ୟକାରିତାରେ ବ୍ୟାପକ ଅନିୟମିତତା ଯୋଗୁଁ ପୋଖରୀର ଅବସ୍ଥା ସୁଧୁରିବା ପରିବର୍ତ୍ତେ ଆହୁରି ଶୋଚନୀୟ ହୋଇପଡ଼ିଛି । ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ କଣ୍ଟାବାଞ୍ଜି ସହରରେ ଭୟାବହ ଜଳ ସଙ୍କଟ ଦେଖାଦେବ ବୋଲି ସେ ସତର୍କ କରାଯାଇଛନ୍ତି । ବିଧାୟିକାଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପମ୍ପୁ ତଲାବର ସଫେଇ ଏବଂ ତୁରନ୍ତ ପଙ୍କ ଉଦ୍ଧାର କରାଯାଉ । ପୋଖରୀର ଠିକ୍ ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ହେଉ । ପୂର୍ବରୁ ହୋଇଥିବା ସଂସ୍କାର କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାର ତଦନ୍ତ କରାଯାଉ । ଭବିଷ୍ୟତ ପାଇଁ ସ୍ଥାୟୀ ଜଳ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯାଉ ।

କଣ୍ଟାବାଞ୍ଜି ସହରବାସୀଙ୍କ ହିତ ଦୃଷ୍ଟିରୁ ଏବଂ ଜଳ ସଙ୍କଟକୁ ଏଡ଼ାଇବା ପାଇଁ ରେଳବାଇ କର୍ତ୍ତୃପକ୍ଷ ଏହି ଦିଗରେ ତୁରନ୍ତ ସକରାତ୍ମକ ପଦକ୍ଷେପ ନେବେ ବୋଲି ବିଧାୟିକା ସୋଫିଆ ଫିରଦୋସ ଆଶା ପ୍ରକଟ କରିଛନ୍ତି ।



ଶୁଭାଶିଷଙ୍କ ଦ୍ୱିଶତକ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-322 ◆THURSDAY ◆21 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୨୨ ◆ଗୁରୁବାର ◆୨୧ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଜାଳୁଛି ଖରା
# ଝାରସୁଗୁଡ଼ା ସବୁଠୁ ତତଲା

■ ଭୁବନେଶ୍ୱର, ୨୦।୫ (ସମିସ): ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଉପକୂଳ ଓଡ଼ିଶାରେ ଗୁଳୁଗୁଳି କଲବଲ କରୁଥିବା ବେଳେ ଆଭ୍ୟନ୍ତରୀଣରେ ପୁଣି ଖଇ ଫୁଟା ଖରା ଫେରିଛି। ଫଳରେ ଅଧା ଓଡ଼ିଶାରେ ଲୋକେ ଗ୍ରୀଷ୍ମ ତାପରେ ଜଳୁଛନ୍ତି ଓ ଅନ୍ୟ ଅଞ୍ଚଳରେ ପ୍ରବଳ ଗୁଳୁଗୁଳିରେ ସିଝୁଛନ୍ତି। ଅନ୍ୟପଟେ ବୁଧବାର ତାପମାତ୍ରାରେ ମଧ ଦୃଷ୍ଟାନ୍ତମୂଳକ ବୃଦ୍ଧି ଘଟିବା ଯୋଗୁଁ ଝାରସୁଗୁଡ଼ାରେ ତାପମାତ୍ରା ୪୬ ଡିଗ୍ରୀ ରେକର୍ଡ କରାଯାଇଛି। ଏହାସହିତ ମୋଟ୍ ୨୧ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଥିବା ବେଳେ ୮ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ତାତି ସାଙ୍ଗକୁ ଉପକୂଳରେ ଆର୍ଦ୍ରତା ପରିମାଣ ଅଧିକ ରହୁଥିବା ଯୋଗୁଁ ଭୀଷଣ ଗୁଳୁଗୁଳିରେ ଲୋକେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଏଭଳି ସ୍ଥିତି ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଏଣିକି ଦିନ ଭଳି ରାତିରେ ମଧ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ, ଉଷ୍ମ ଆର୍ଦ୍ର ସ୍ଥିତି ଓ ଉଷ୍ମ ରାତ୍ରୀ ଜନିତ ଆଲର୍ଟ ଜାରି କରିଛି। ବୁଧବାର ଝାରସୁଗୁଡ଼ାରେ ତାପମାତ୍ରା ୪୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୫.୩, ହୀରାକୁଦରେ ୪୫, ସୋନପୁର ୪୩.୯, ତାଳଚେରରେ ୪୩.୮, ବଲାଙ୍ଗିରରେ ୪୩.୮, ବରଗଡ଼ ୪୩.୮ ଓ ଟିଟିଲାଗଡ଼ରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆର୍ଦ୍ରତା ପରିମାଣ ୭୦-୮୦ ପ୍ରତିଶତ ରହିଥିବା ଯୋଗୁଁ ଏହା ଭୀଷଣ ଗୁଳୁଗୁଳି ପାଇଁ ପରିବେଶ ଅନୁକୂଳ କରାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ସମୟରେ ରାଜ୍ୟରେ ଏକା ସମୟରେ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ସ୍ଥିତି ସୃଷ୍ଟି ହୋଇଛି। ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ଚାଲିଛି, ଯେଉଁଠି ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ କିମ୍ବା ତା'ଠାରୁ ଅଧିକ ରହୁଛି। ଅନ୍ୟପଟେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋକମାନେ ଗରମରେ କଷ୍ଟ ପାଉଛନ୍ତି। ଏଠାରେ ତାପମାତ୍ରା କମ୍ ରହୁଥିଲେ ମଧ ବାୟୁରେ ଜଳୀୟବାଷ୍ପ ବା ଆର୍ଦ୍ରତା ଅଧିକ ରହୁଥିବାରୁ ଗରମ କଷ୍ଟଦାୟକ ଲାଗୁଛି। ଏହି ପାର୍ଥକ୍ୟ ଯୋଗୁଁ ହିଁ ଭୁବନେଶ୍ୱରରେ ତାପମାତ୍ରା ମାତ୍ର ୩୬ ଡିଗ୍ରୀ ଥିବା ବେଳେ ଲୋକେ ସମ୍ପୂର୍ଣ୍ଣ କ୍ଲାନ୍ତ ହୋଇପଡୁଛନ୍ତି, ଅଥଚ ପଶ୍ଚିମ ଓଡ଼ିଶାରେ ଲୋକେ ୪୫ ଡିଗ୍ରୀରୁ ଅଧିକ ଭାଟି ଭଳି ତାତିକୁ ସହୁଛନ୍ତି। ପଶ୍ଚିମ ଓଡ଼ିଶାରେ ଏଭଳି ଅତ୍ୟଧିକ ଗରମ ହେବା ପଛରେ ମୁଖ୍ୟତଃ ସେଠାକାର ଭୌଗୋଳିକ ସ୍ଥିତି ଏବଂ ବାୟୁମଣ୍ଡଳ ଦାୟୀ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଏହି ଅଞ୍ଚଳ ଉପରେ ଏବେ ଉତ୍ତର ଏବଂ କେନ୍ଦ୍ରୀୟ ▶ପୃଷ୍ଠା-୭




## ଡିଆରଡିଓକୁ ଐତିହାସିକ ସଫଳତା
# ଡ୍ରୋନ୍‌ରୁ କ୍ଷେପଣାସ୍ତ୍ର ଉତ୍କ୍ଷେପଣ

■ ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) 'ୟୁଏଲପିଏଫଜିଏମ-ଭି୩' ନାମକ ଏକ ଡ୍ରୋନ୍-ଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍ ପରୀକ୍ଷଣ କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବ। ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ରକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହା ଆକାଶରୁ ଆକାଶକୁ ଏବଂ ଆକାଶରୁ ଭୂପୃଷ୍ଠକୁ ସଠିକ୍ ଭାବେ ଟାର୍ଗେଟ୍ କରିପାରିବ। ଏଥିରେ ଥିବା ଉନ୍ନତ ଜ୍ଞାନକୌଶଳ ଯୋଗୁଁ ଏହା ଶତ୍ରୁପକ୍ଷର ଗତିଶୀଳ ଟ୍ୟାଙ୍କ, ସାମରିକ ଗାଡ଼ି, ହେଲିକପ୍ଟର, ଡ୍ରୋନ୍ ଏବଂ ବଙ୍କରଗୁଡ଼ିକୁ ଚିହ୍ନଟ କରି ସମ୍ପୂର୍ଣ୍ଣ ଧ୍ୱଂସ କରିବାରେ ସକ୍ଷମ। ହାଇଦ୍ରାବାଦର ରିସର୍ଚ୍ଚ ସେଣ୍ଟର ଇମାରତ ଏବଂ ଡିଆରଡିଓର ଅନ୍ୟାନ୍ୟ ଗବେଷଣାଗାର ସହିତ ଭାରତ ଡାଇନାମିକ୍ସ ଲିମିଟେଡ୍, ଆଦାନୀ ଡିଫେନ୍ସ ଏବଂ ବେଙ୍ଗାଲୁରୁର ନ୍ୟୁସ୍ପେସ୍ ▶ପୃଷ୍ଠା-୭

**ଶତ୍ରୁର ଟ୍ୟାଙ୍କ ଓ ହେଲିକପ୍ଟରକୁ କରିପାରିବ ଧ୍ୱଂସ**



## ପୁଣି ହାତୀ ଆକ୍ରମଣରେ ୨ ମୃତ

■ ଅନୁଗୋଳ, ୨୦।୫ (ସମିସ): ଅନୁଗୋଳ ଜିଲ୍ଲାରେ ହାତୀ ଆକ୍ରମଣ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହାତୀ ଆକ୍ରମଣରେ ବୁଧବାର ପୁଣି ଦୁଇ ଜଣଙ୍କର ଜୀବନ ଯାଇଛି। ମୃତକ ହେଲେ ବନ୍ତଲା ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଭୋଳେଶ୍ୱର ପ୍ରଧାନ ଓ ମଧୁପୁର ଗାଁର ଅନ୍ୟଜଣେ ବୃଦ୍ଧ ଧୂଳିଆ ଦେହୁରୀ। ଉଭୟ ଆମ୍ବ ଗୋଟାଇବାକୁ ଯାଇ ହାତୀ ହାବୁଡ଼ରେ ପଡ଼ି ଜୀବନ ହରାଇଛନ୍ତି। ପ୍ରକାଶ ଯେ, ଅନୁଗୋଳ ବନାଞ୍ଚଳ ପୁରୁଣାଗଡ଼ ସେକ୍ସନ ଚନ୍ଦନପୁର ଗ୍ରାମର ଭୋଳେଶ୍ୱର ନିକଟସ୍ଥ ଏକ ଆମ୍ବ ବଗିଚାକୁ ସକାଳୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଆମ୍ବ ଗୋଟାଇବାବେଳେ ତୋଟାରେ ଥିବା ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ଦଳି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନିକଟରେ ଥିବା କେତେଜଣ ଗ୍ରାମବାସୀ ଏନେଇ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଏବଂ ଗ୍ରାମବାସୀ ପହଞ୍ଚି ଭୋଳେଶ୍ୱରଙ୍କୁ ମୃତଦେହ ଦେଖି କରତପଟା ଏବଂ ପୁରୁଣାଗଡ଼ ରାସ୍ତା ଅବରୋଧ ▶ପୃଷ୍ଠା-୭

**ସପ୍ତାହକ ମଧ୍ୟରେ ଗଲାଣି ୫ ଜୀବନ**

# +୨ ପାସ୍ ହାର ୮୫.୮୫%

ବିଜ୍ଞାନରେ **୮୮.୮୨%**

ବାଣିଜ୍ୟରେ **୮୮.୦୭%**

କଳାରେ **୮୪.୫%**

■ ଭୁବନେଶ୍ୱର, ୨୦।୫ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇଛି। ରାଜ୍ୟରେ ସାମଗ୍ରୀକ ପାସ୍ ହାର ୮୫.୮୫% ରହିଛି। ବିଜ୍ଞାନରେ ପାସ୍ ହାର ସର୍ବାଧିକ ୮୮.୮୨% ରହିଥିବା ବେଳେ ବାଣିଜ୍ୟରେ ୮୮.୦୭%, କଳାରେ ୮୪.୫୦% ଓ ଧନ୍ଦାମୂଳକ ଶିକ୍ଷାରେ ୭୭.୬୨% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୬୨୮୪ ଜଣ ୯୦% ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। ମୋଟ୍ ୧,୨୯,୧୨୪ ଜଣ ଅର୍ଥାତ୍ ୩୨.୪୩% ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ଥିବାବେଳେ କୌଣସି ପିଲାଙ୍କ ପରୀକ୍ଷା ଫଳ ସ୍ଥଗିତ ରଖାଯାଇ ନାହିଁ।

ବିଜ୍ଞାନରେ ମୋଟ ୧,୧୪,୩୬୩ ଜଣ ପଞ୍ଜୀକୃତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧,୦୬,୬୪୭ ଜଣ ପରୀକ୍ଷା ଦେଇଥିବା ବେଳେ ୧,୦୧,୧୦୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ପାସ୍ ହାର ୮୭.୪୧% ତୁଳନାରେ ୯୦.୨୪% ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି। ସେହିପରି ୫୧୦୧ ଜଣ ୯୦% ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। ମୋଟ୍ ୬୭,୪୫୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୧,୭୧୭ ଜଣ ଦ୍ୱିତୀୟ ଓ ୧୦,୦୪୩ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। କଳା ବର୍ଗରେ ମୋଟ ୨,୫୬,୭୦୭ ଜଣ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିବା ବେଳେ ୨,୫୪,୧୧୯ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨,୧୪,୭୩୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ପାସ୍ ହାର ୭୭.୯୭% ଏବଂ ଛାତ୍ରୀଙ୍କ ପାସ୍ ହାର ୮୯.୪୫% ରହିଛି। ସେହିପରି ୬୧୪ ଜଣ ୯୦% ବା ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। ମୋଟ୍ ୫୩,୧୪୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୭୯୭ ଜଣ ଦ୍ୱିତୀୟ ଓ ୧,୧.୩୦୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବାଣିଜ୍ୟରେ ୨୪,୨୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୧,୩୯୩ ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୮୬.୬୭% ଓ ଛାତ୍ରୀଙ୍କ ୯୦.୪୩% ରହିଛି। ତନ୍ମଧ୍ୟରୁ ୭୬୦୨ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୪୫୦୭ ଜଣ ଦ୍ୱିତୀୟ ଓ ୯୧୪୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୬୮ ଜଣ ପିଲା ୯୦% ବା ତା'ଠାରୁ ଅଧିକ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଅନୁରୂପ ଭାବେ ଧନ୍ଦାମୂଳକ ଶିକ୍ଷାରେ ୫୮୫୬ ଜଣ ପରୀକ୍ଷା ଦେଇଥିବା ବେଳେ ୪୫୪୬ ଜଣ ପାସ୍ କରିଛନ୍ତି। ମାତ୍ର ଜଣେ ପିଲା ୯୦% ରୁ ଅଧିକ ନମ୍ବର ରଖିଛନ୍ତି। ୯୩୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୨୪୬ ଜଣ ଦ୍ୱିତୀୟ ଓ ୧୨୧୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି।

ବିଜ୍ଞାନରେ ବାଲେଶ୍ୱର ଜିଲ୍ଲାର ▶ପୃଷ୍ଠା-୭

**୩୨.୪୩% ପ୍ରଥମ ଶ୍ରେଣୀ**

**୬୨୮୪ ଛାତ୍ରଛାତ୍ରୀଙ୍କୁ ୯୦%ରୁ ଊର୍ଦ୍ଧ୍ୱ ନମ୍ବର**



# ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ଅନୁମୋଦନ

- ସ୍ଥାପନ ହେବ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ
- ଗ୍ରୁପ-ଡି କର୍ମଚାରୀଙ୍କୁ ପଦୋନ୍ନତି ସୁଯୋଗ
- ସାମୁଦ୍ରିକ ମତ୍ସ୍ୟଧରା ଅଧିନିୟମ ପ୍ରଣୟନ
- ଖୁଚୁରା ବିକ୍ରୟ ଲାଇସେନ୍ସ ବ୍ୟବସ୍ଥା ରଦ୍ଦ
- ତାପଜ ଶକ୍ତି ନୀତି ସଂଶୋଧନକୁ ମୋହର



■ ଭୁବନେଶ୍ୱର, ୨୦।୫ (ସମିସ): ରାଜ୍ୟରେ ଆବିଷ୍କୃତ ହୋଇଥିବା ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ଗୁଡ଼ିକର ସୁପରିଚାଳନା, ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ କରିବେ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତରେ ପ୍ରସ୍ତାବ ସହ ମୋଟ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ବୁଧବାର ଅନୁମୋଦନ ମିଳିଛି।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି ଯେ ୧୯୭୪ରୁ ୨୦୨୫ ମଧ୍ୟରେ ପ୍ରଣୀତ ୩୫୮ଟି ଅଧିନିୟମର ବିଲୋପ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ବିଧାନସଭାରେ ପ୍ରଣୀତ ଏହି ଅଧିନିୟମଗୁଡ଼ିକ ଅପ୍ରୟୋଜନ ଏବଂ ଅପ୍ରଚଳିତ ହୋଇପଡ଼ିଥିବା କାରଣରୁ ଏହାର ବିଲୋପ ପାଇଁ ଆଇନ ବିଭାଗ ଚିହ୍ନଟ କରିଥିଲା ଓ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଉକ୍ତ ୩୫୮ ଅଧିନିୟମର ବିଲୋପ ପାଇଁ ସୁପାରିସ କରିଥିଲା। ସେହିପରି ଆଇନ ବିଭାଗର ଅନ୍ୟ ଏକ ପ୍ରସ୍ତାବ ଯଥା ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା(ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଗ୍ରୁପ-ଡି କର୍ମଚାରୀମାନଙ୍କୁ ଜୁନିଅର କ୍ଲର୍କ ପଦବୀକୁ ପଦୋନ୍ନତି ପାଇବାର ସୁଯୋଗ ମିଳିପାରିବ। ପୁନଶ୍ଚ ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କ୍ୟାବିନେଟରେ ଓଡ଼ିଶା ଅମଲା ସେବା(ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ନିୟନ୍ତ୍ରଣାଧିନ ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟର କନିଷ୍ଠ ସହାୟକ, ବରିଷ୍ଠ ସହାୟକ, ସହକାରୀ ଉପବିଭାଗ ଅଧିକାରୀ ଓ ଉପବିଭାଗ ଅଧିକାରୀଙ୍କ ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬ ସମ୍ବର୍ଗ ନିୟମର ପ୍ରଣୟନକୁ ଅନୁମୋଦନ ମିଳିଛି। ଉପରୋକ୍ତ ନୂତନ ନିୟମାବଳୀ ପ୍ରଣୟନ ହେବା ଦ୍ୱାରା ଏସସି, ଏସଟି ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକର ମୂଳ ସ୍ତରର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ କର୍ମଚାରୀମାନଙ୍କର ପରବର୍ତ୍ତୀ ପଦୋନ୍ନତି ଏହି ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ଏହି ନୂଆ ନିୟମ ଅନୁଯାୟୀ ୪ଟି ସ୍ତରରେ ୧୦୩୨ ପଦବୀ ଯଥା, କନିଷ୍ଠ ସହାୟକ(୬୩୦), ବରିଷ୍ଠ ସହାୟକ(୨୪୯), ସହକାରୀ ▶ପୃଷ୍ଠା-୭



**କୁଇଣ୍ଟାଲରେ ୮ରୁ ୧୨ କିଲୋ କାଟୁଥିବା ନେଇ ଅଭିଯୋଗ**

# ଫାଙ୍କୁଥିଲେ; ଶେଷରେ ମାନିଲେ
## ଏବେ ବି ରାଜ୍ୟରେ ଚାଲିଛି କଟନୀଛଟ୍‌ନୀ: ଯୋଗାଣ ମନ୍ତ୍ରୀ

■ ଭୁବନେଶ୍ୱର, ୨୦।୫ (ସମିସ): ଖରିଫ ଧାନକିଣା ବେଳେ ଫାଙ୍କୁଥିଲେ; ଏବେ ରବି ଧାନ କିଣାବେଳକୁ ମାନିଲେ। ରାଜ୍ୟରେ ଧାନ କିଣା ବେଳେ ଏବେ ବି କଟ୍‌ନୀଛଟ୍‌ନୀ ଚାଲିଛି। ବିରୋଧୀମାନେ ଦୀର୍ଘଦିନ ଧରି ଯେଉଁ ଅଭିଯୋଗ କରି ଆସୁଥିଲେ ତାକୁ ଆଜି ଖୋଦ୍ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି। ଖରିଫ ଧାନ ସଂଗ୍ରହ ଶେଷ ହେବା ପରେ ମନ୍ତ୍ରୀ କଟ୍‌ନୀଛଟ୍‌ନୀକୁ ମାନିଛନ୍ତି। ବୁଧବାର ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ କଟ୍‌ନୀଛଟ୍‌ନୀକୁ ସ୍ୱୀକାର କରିବା ସହ ଏହା କିପରି ସମ୍ପୂର୍ଣ୍ଣ ବନ୍ଦ ହେବ ସେନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଆମ ସରକାରର ଲକ୍ଷ୍ୟ ଶୂନ୍ୟ କଟ୍‌ନୀଛଟ୍‌ନୀ। ମାତ୍ର ▶ପୃଷ୍ଠା-୭

## ଏସ୍ଆଇଆର୍ ତଦାରଖ କରିବ ବିଜେଡିର ୬ ଜଣିଆ ଟିମ୍

■ ଭୁବନେଶ୍ୱର, ୨୦।୫ (ସମିସ): ଭାରତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ ଆସନ୍ତା ୩୦ ତାରିଖରୁ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସଆଇଆର) ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ମନିଟରିଂ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ଦଳର ୬ ଜଣ ବରିଷ୍ଠ ତଥା ପ୍ରମୁଖ ନେତାଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ଭୃଗୁ ବକ୍ସିପାତ୍ର ଓ ବିଜୟ ନାୟକ। ଏହି ଟିମ୍ ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ▶ପୃଷ୍ଠା-୭

# ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ୪ ଲେନ୍ ପ୍ରସ୍ତାବ ଖାରଜ

**ଲକ୍ଷାଧିକ ଲୋକଙ୍କ ଲାଇଫ ଲାଇନ୍ ସାଜିଛି ଏନ୍ଏଚ୍-୫୭**

**ଯୋଗ୍ୟତା ସତ୍ତ୍ୱେ ପ୍ରସ୍ତାବ ଖାରଜକୁ ନେଇ ଉଠିଲା ପ୍ରଶ୍ନ**

■ ଭୁବନେଶ୍ୱର, ୨୦।୫ (ସମିସ): ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଭାବେ ପରିଚିତ ଖୋର୍ଦ୍ଧାରୁ ନୟାଗଡ଼ (ଏନଏଚ-୫୭ର ଅଂଶ) କୁ ୪ ଲେନ୍ କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଏହି ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାସ୍ତାକୁ ୨ ଲେନରୁ ୪ ଲେନକୁ ସମ୍ପ୍ରସାରିତ କରିବା ନିମନ୍ତେ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟର ରୋଡ୍ ୱିଂ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟର ପବ୍ଲିକ ପ୍ରାଇଭେଟ୍ ଆପେରାଇଜଲ୍ କମିଟି (ପିପିପିଏସି) ନିକଟରେ ଆବେଦନ କରିଥିଲା। ହେଲେ ଏହି ପ୍ରସ୍ତାବକୁ ପିପିପିଏସି ଖାରଜ କରିଦେଇଛି। ଆବେଦନ ଖାରଜ କରାଯିବା ନେଇ ପିପିପିଏସିର ୱେବସାଇଟରେ ଏହା ଉପଲବ୍ଧ ହୋଇଛି। ନିକଟରେ ଏନଏଚ-୫୭ର ଏହି ଅଂଶ ଟି ୪ ଲେନ ହେବ ବୋଲି ଘୋଷଣା ହୋଇଥିଲା। ଏହା ସହ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ କେନ୍ଦ୍ର ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀଙ୍କୁ ଭେଟି ଏହି ରାସ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସତ୍ତ୍ୱେ କିଭଳି ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଟିକୁ ଖାରଜ କରିଦିଆଯାଇଛି, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ରାଜପଥ ପ୍ରକଳ୍ପଗୁଡ଼ିକରେ କେନ୍ଦ୍ର ସରକାର ବାରମ୍ବାର ଓଡ଼ିଶା ପ୍ରତି ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇ ଆସୁଛି। ଗୁରୁତ୍ୱପୂର୍ଣ୍ଣ ଉପକୂଳ ରାଜପଥ ପ୍ରକଳ୍ପର ଭାଗ୍ୟ ଏବେ ବି କେନ୍ଦ୍ର ନିକଟରେ ଝୁଲି ରହିଥିବା ବେଳେ ଭୁବନେଶ୍ୱର କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ ରୋଡ୍ ଟେଣ୍ଡର ଶେଷ ହେବା ପରେ ମଧ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ସେହିପରି ସମ୍ବଲପୁର ବାଇପାସ୍ ଭାଗ୍ୟ ମଧ ଏବେ ଫିଟି ପାରିନାହିଁ। ଏବେ ପୁଣି ଏକ ପ୍ରକଳ୍ପକୁ ଖାରଜ କରିଯିବା ଦ୍ୱାରା କେନ୍ଦ୍ର ସରକାରଙ୍କର ଆଉ ଏକ ଅବହେଳାର ଓଡ଼ିଶା ଶିକାର ହୋଇଥିବା ଅଭିଯୋଗ ହୋଇଛି।

ସାଧାରଣତଃ କୌଣସି ଜାତୀୟ ରାଜପଥରେ ୨୪ ଘଣ୍ଟା ମଧ୍ୟରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ସକାଳ
THE SAKALA

# ସମ୍ପାଦକୀୟ



ଆମକୁ ସର୍ବପ୍ରଥମେ କୃଷିକ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚ ଓ ବିପଦ ଆଶଙ୍କାକୁ ହ୍ରାସ କରିବାର ଉପାୟ ଆବିଷ୍କାର କରିବାକୁ ପଡ଼ିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ଅପରାଧର ଅବତାର

ଗତ କିଛିସପ୍ତାହ ଧରି ଶାନ୍ତିପ୍ରିୟ ଓଡ଼ିଶାରେ ଅପରାଧ ଉଦ୍‌ବେଗଜନକ ଭାବେ କାୟାବିସ୍ତାର କରିଚାଲିଛି। ଏଥିସହିତ ଅଧିକ ଚିନ୍ତାଜନକ ହେଉଛି ଅପରାଧପ୍ରବଣ ଉତ୍ତରପ୍ରଦେଶ, ବିହାର ଢାଞ୍ଚାରେ ଓଡ଼ିଶାରେ 'ଭିଡ଼ ହିଂସା' ରୂପରେ ଅପରାଧର ନୂଆ ଅବତାର ଜନ୍ମ ନେଇସାରିଛି। ଯେଉଁଭଳି ଭାବେ ଲୋକମାନେ ନିଜେ ଆଇନ ଓ ଦଣ୍ଡବିଧାନକାରୀ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ସେଥିରୁ ଦୁଇଟି ସନ୍ଦେଶ ମିଳୁଛି। ପ୍ରଥମତଃ, ରାଜ୍ୟରେ ଅରାଜକତା ବ୍ୟାପିବାରେ ଲାଗିଛି ଏବଂ ଦ୍ୱିତୀୟରେ ଲୋକମାନଙ୍କର ଆଇନ କାନୁନ୍ ଉପରେ ଭରସା ତୁଟି ଯାଉଛି। ଏବେ ଖବରକାଗଜମାନଙ୍କରେ ଅତି ନୃଶଂସ ଓ ଅମାନବୀୟ 'ଭିଡ଼ ହିଂସା' ଘଟଣାମାନ ପ୍ରତିଦିନ ପ୍ରଥମପୃଷ୍ଠାର ମୁଖ୍ୟ ଖବର ହୋଇଚାଲିଛି। କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଥାନା ତାଳମୁଣ୍ଡଳି ଗ୍ରାମରେ ଯେଉଁଭଳି ନାରକୀୟ ହତ୍ୟାକାଣ୍ଡ ଘଟିଛି ତାହାର ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ଏହା ରାଜଧାନୀ ବାଲିଅନ୍ତାର ଭିଡ଼ ହିଂସା ଘଟଣାଠାରୁ ମଧ୍ୟ ଆହୁରି ବୀଭତ୍ସ ଓ ଲୋମହର୍ଷଣକାରୀ। ଏହି ଘଟଣାରେ 'ଭିଡ଼ ହିଂସା' ସହିତ ଗୁଣିଗାରେଡ଼ି ପରି ଆଉ ଏକ ଅସମାହିତ କୁତ୍ସିତ ସମସ୍ୟା ଯୋଡ଼ି ହୋଇଯାଇଥିବାରୁ ପ୍ରସଙ୍ଗ ଆହୁରି ଗମ୍ଭୀର ହୋଇପଡ଼ିଛି। ଗୁଣିଗାରେଡ଼ି ସନ୍ଦେହରେ ଜଣେ ଦଳିତ ଯୁବକଙ୍କୁ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ଘରୁ ଡାକି ନେଇ ଗାଁ ଦାଣ୍ଡରେ ନିର୍ମମ ଭାବେ ଖଣ୍ଡ ଖଣ୍ଡ କରି ହାଣି ଦେହାବଶେଷକୁ ବସ୍ତାରେ ପୂରାଇ ଜଙ୍ଗଲରେ ପୋଡ଼ି ଦେଇଛନ୍ତି। ଏହାଠାରୁ ବଳି ବର୍ବରତା ଓ ଅରାଜକତା ଆଉ କିଛି ଥାଇପାରେ?

ଗୁଣିଗାରେଡ଼ି ଓ ଡାହାଣୀ ହତ୍ୟା ପରି ଅନ୍ଧବିଶ୍ୱାସ ଆଜିର ବିଜ୍ଞାନ ଯୁଗ ପ୍ରତି ଏକ ଉପହାସ ନିଶ୍ଚୟ। ଏହି ଅନ୍ଧବିଶ୍ୱାସର ପ୍ରାବଲ୍ୟ ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ବହୁକାଳରୁ ଅନୁଭୂତ ଥିବା ବେଳେ ଏବେ ଉପକୂଳ ଓ ଅପେକ୍ଷାକୃତ ସାକ୍ଷର ଅଞ୍ଚଳରେ ମଧ୍ୟ କ୍ରମଶଃ କାୟାବିସ୍ତାର କରୁଥିବା ଉଦ୍‌ବେଗଜନକ। ବେସରକାରୀ ସଂଗଠନମାନଙ୍କର ଦାବି ଅନୁଯାୟୀ ବର୍ଷକୁ ପ୍ରାୟ ହାରାହାରି ୫୦ଟି ଏଭଳି ଘଟଣା ଓଡ଼ିଶାରେ ଘଟୁଥିବା ବେଳେ ସେଥିମଧ୍ୟରୁ କ୍ୱଚିତ ଗଣମାଧ୍ୟମର ଶିରୋନାମାକୁ ଆସୁଛି। ଏହି ଧରଣର ଅନ୍ଧବିଶ୍ୱାସ ଜନିତ ଅପରାଧ ନିୟନ୍ତ୍ରଣ ତଥା ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଆଇନ୍ ପ୍ରଣୟନ କରିଛନ୍ତି। ଏ ସବୁ ସତ୍ତ୍ୱେ ଏହି ଅପରାଧ ବୃଦ୍ଧି ପାଇଚାଲିଛି।

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ଆକ୍ସନ୍ ଏଡ୍ ଦ୍ୱାରା ମିଳିତ ଭାବେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ମୁଖ୍ୟତଃ ଜମିଜମା ସଂକ୍ରାନ୍ତୀୟ, ଶିଶୁସ୍ୱାସ୍ଥ୍ୟ, ସାମାଜିକ କନ୍ଦଳ, ଶସ୍ୟ ହାନି ଓ ରୁଗ୍ଣ ମାନସିକତା ଏହି ଅପରାଧ ପଛର ପ୍ରମୁଖ କାରଣ। ଗୁଣିଗାରେଡ଼ି ୩୦% ଲୋକଙ୍କ ଜୀବନ ନେଉଥିବା ବେଳେ ୭୦% ଗାଁରୁ ବାସନ୍ଦ ହେଉଛନ୍ତି କିମ୍ବା ଗାଁ ଛାଡ଼ି ଚାଲି ଯାଉଛନ୍ତି। ବିଶେଷକରି ଏକୁଟିଆ ରହୁଥିବା ବିଧବାମାନେ ଏହି ଧରଣର ଅପରାଧର ଅଧିକ ଶିକାର ହେଉଛନ୍ତି। ଡାହାଣୀ ଓ ଗୁଣିଗାରେଡ଼ି ପରି ଅନ୍ଧବିଶ୍ୱାସ ଜନିତ ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର 'ଓଡ଼ିଶା ପ୍ରିଭେନ୍‌ସନ୍ ଅଫ୍ ୱିଚ୍ ହଣ୍ଟିଙ୍ଗ୍ ଆଇନ୍ -୨୦୧୩' ପ୍ରଣୟନ କରିଛନ୍ତି। ଏହି ଧରଣର କାର୍ଯ୍ୟକଳାପକୁ ଆଇନ୍‌ରେ ଧର୍ତ୍ତବ୍ୟ ଅପରାଧ ଭାବରେ ଅଭିହିତ କରାଯାଇ ଅଭିଯୁକ୍ତ ବିରୋଧରେ ଜାମିନ୍ ବିହୀନ ପରୱାନା ଜାରି କରାଯିବାର ବ୍ୟବସ୍ଥା ରହିଛି। ଆଇନ୍ ପ୍ରଣୟନ ପରେ ଏହି ଅପରାଧ ହ୍ରାସ ପାଇବ ବୋଲି ଯେଉଁ ଆଶା ରହିଥିଲା ତାହା ଫଳପ୍ରଦ ହୋଇନାହିଁ।

ଆଇନ୍ ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍, ଏ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସୂଚନାକର୍ମୀଙ୍କ ମତ ଓ ଉଲ୍ଲେଖିତ ତଥ୍ୟକୁ ଅନୁଶୀଳନ କଲେ ଏହି ନିଷ୍କର୍ଷ ମିଳୁଛି ଯେ ଗୁଣିଗାରେଡ଼ି ନିର୍ଯାତନା କେବଳ ଏକ ଅନ୍ଧବିଶ୍ୱାସ ନୁହେଁ; ବରଂ ଏହା ପଛରେ ପୁରୁଷକୈନ୍ଦ୍ରିକ ସମାଜର ସାମନ୍ତବାଦୀ ଚିନ୍ତାଧାରା ରହିଛି। ଲୋକଙ୍କୁ ଯେତେ ଦ୍ୱନ୍ଦ୍ୱରେ ରଖାଯିବ ଓ ବିଭ୍ରାନ୍ତିକର ସମସ୍ୟାରେ ଛନ୍ଦି ଦିଆଯିବ ପ୍ରଭାବଶାଳୀ ବା ପ୍ରତିପତ୍ତିଶାଳୀମାନେ ସେତିକି ସ୍ୱଚ୍ଛନ୍ଦରେ ରହିବେ, ନିଷ୍ପେଷିତମାନଙ୍କୁ ଉପଯୋଗ କରି ଅଧିକ ଫାଇଦା ଉଠାଇପାରିବେ। ଏହି ମାନସିକତା ଓ ଧାରା ବଳବତ୍ତର ଥିବା ପର୍ଯ୍ୟନ୍ତ ଗୁଣିଗାରେଡ଼ି ଭଳି ସାମାଜିକ ବ୍ୟାଧି କାୟା ବିସ୍ତାର କରି ଚାଲିଥିବ।

ସେହିପରି 'ଭିଡ଼ ହିଂସା' ରୂପେ ଅପରାଧର ଯେଉଁ ନୂଆ ଅବତାରଟି ଏବେ ଓଡ଼ିଶାରେ ପାଦ ଥାପିଛି ଏବେଠାରୁ ତାହାର ଉପଚାର ନ କଲେ ଗୁଣିଗାରେଡ଼ି ହିଂସା ଭଳି ଏକ ଆପରାଧିକ ସଂସ୍କୃତି ରୂପେ ଆସ୍ଥାନ ଜମାଇନେବା ଅସ୍ୱାଭାବିକ କିମ୍ବା ଅସମ୍ଭବ ନୁହେଁ। ଅତି ଅପ୍ରିୟ ଅଥଚ ବାସ୍ତବ ସତ୍ୟ ହେଉଛି ଆମ ନ୍ୟାୟିକ ବ୍ୟବସ୍ଥାର ବିଳମ୍ବିତ ପ୍ରକ୍ରିୟା, ଆଇନର ଗଳାବାଟ, ଚାର୍ଜସିଟ୍ ଦାଖଲରେ ପୁଲିସର ଉଦାସୀନତା ଓ ମାମଲା ପରିଚାଳନାରେ ଦୁର୍ବଳତା ଆଦି କାରଣରୁ ଲୋକମାନେ ଆଉ ଆଇନ ବ୍ୟବସ୍ଥାକୁ ଅପେକ୍ଷା କରିବା ମାନସିକତାରେ ନାହାନ୍ତି। ବ୍ୟବସ୍ଥାର ବିଡ଼ମ୍ବନାରେ ସେମାନେ ଏତେ ଅତିଷ୍ଠ ଓ ଆକ୍ରାନ୍ତ ହୋଇସାରିଛନ୍ତି ଯେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନକୁ ଆବୋରି ଦେଉଛନ୍ତି। ନାଗରିକଙ୍କ ଏଭଳି ଧୈର୍ଯ୍ୟଚ୍ୟୁତି ଆଇନର ଶାସନ ପ୍ରତି ସବୁଠାରୁ ବଡ଼ ଆହ୍ୱାନ। ଏବେ ତୃଣମୂଳସ୍ତରରୁ ସୃଷ୍ଟି ହୋଇଥିବା ଏହି ଧୈର୍ଯ୍ୟ-ସଂଯମ-ଶୃଙ୍ଖଳା ରହିତ ଜନଆକ୍ରୋଶ ପରବର୍ତ୍ତୀ ସମୟରେ ବିପ୍ଳବର ରୂପ ନେଇ ପଡ଼ୋଶୀ ଦେଶମାନଙ୍କର ଭଳି ଶାସନତନ୍ତ୍ର ବିରୋଧରେ ହିଂସାତ୍ମକ ଆଚରଣ କରିବା ଅସମ୍ଭବ ନୁହେଁ।

ବ୍ୟବସ୍ଥାଚକ୍ରକୁ ଯଦି ଘୁଣ ଖାଇଯାଏ ଏବଂ ଶାସନତନ୍ତ୍ର କେବଳ ଆତ୍ମପ୍ରଚାର ଓ ସ୍ୱାର୍ଥସିଦ୍ଧିରେ ମତ୍ତ ରହେ ତେବେ ଏଭଳି ଅରାଜକତା ସୃଷ୍ଟି ହେବା ସ୍ୱାଭାବିକ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପ୍ରତି ଏହା ଶୁଭଙ୍କର ନୁହେଁ। ଓଡ଼ିଶାରେ ଗୁଣିଗାରେଡ଼ି ହତ୍ୟା ଅପରାଧ ବହୁ ପୁରୁଣା। କିନ୍ତୁ ତାଳମୁଣ୍ଡଳି ଘଟଣା ଭଳି ତାହା କେବେ ଏତେ ଭୟଙ୍କର ହୋଇଥିବାର ଇତିହାସ ନାହିଁ। ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ 'ଭିଡ଼ ହିଂସା'ର ପଦଧ୍ୱନି ସମଗ୍ର ଭାରତ ପାଇଁ ଏକ ସଶକ୍ତ ଚେତାବନୀ। ଏଥିପ୍ରତି ଶାସନ ତନ୍ତ୍ର ଗୁରୁତ୍ୱର ସହ ଚିନ୍ତା କରିବା ବିଧେୟ।

# ଆଧୁନିକତାର ମୁଖା ଓ ଅନ୍ଧାନୁକରଣର ଅନ୍ଧଗଳି

ମିନାକ୍ଷୀ ଦ୍ୱିବେଦୀ

ସେଦିନ ସହରର ଏକ ବ୍ୟସ୍ତବହୁଳ ମଲ୍‌ରେ ଠିଆ ହୋଇଥିବା ବେଳେ ପାଖରେ ବସିଥିବା ଗୋଟିଏ ପରିବାରର ଛୋଟ ପୁଅଟି ତା'ର ବୃଦ୍ଧ ଜେଜେବାପାଙ୍କୁ ଇଂରାଜୀରେ କିଛି ପଚାରୁଥିଲା। କିନ୍ତୁ ଜେଜେବାପା ବୁଝି ନପାରି ଓଡ଼ିଆରେ ଉତ୍ତର ଦେବାରୁ ପୁଅର ବାପା-ମାଆ ଲଜ୍ଜିତ ଅନୁଭବ କଲେ। ସେମାନଙ୍କ ପାଇଁ ନିଜ ଭାଷାରେ କଥା ହେବା ବୋଧହୁଏ ଅପମାନଜନକ ଥିଲା। ଏହି ଘଟଣାଟି ଛୋଟ ହୋଇପାରେ, କିନ୍ତୁ ଏହା ଆଜିର ସମାଜର ସେହି କୁତ୍ସିତ ଚିନ୍ତାଧାରାର ପ୍ରତିଫଳନ, ଯେଉଁଠି ଆମେ ଆଧୁନିକ ହେବା ନାମରେ ନିଜ ସ୍ଥିତି ଓ ଅସ୍ମିତାକୁ ବଳି ଦେଉଛୁ। ଆମେ ଭୁଲିଯାଉଛୁ ଯେ ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ବରଂ ଏହା ଆମ ପୂର୍ବପୁରୁଷଙ୍କ ଜ୍ଞାନ, ସଂସ୍କାର ଓ ସଭ୍ୟତାର ଏକ ଜୀବନ୍ତ ଦସ୍ତାବେଜ୍।

ଆଜିର ଶିକ୍ଷା ବ୍ୟବସ୍ଥାରେ ଏମିତି ଏକ ଅଘୋଷିତ ନିୟମ ଚାଲିଛି ଯେ, ଯଦି ଇଂରାଜୀ କହିପାରୁ ନାହାନ୍ତି ତେବେ ଆପଣ ଅଶିକ୍ଷିତ ବା ପଛୁଆ। ସ୍କୁଲରେ ପିଲାଙ୍କ ନାମଲେଖା ବେଳେ ପିତାମାତାଙ୍କର ଯୋଗ୍ୟତା ଇଂରାଜୀ କହିବା ଦକ୍ଷତା ଉପରେ ନିର୍ଣ୍ଣୟ କରାଯାଉଛି। ଜଣେ ବ୍ୟକ୍ତି ନିଜକ୍ଷେତ୍ରରେ ଯେତେ ବଡ଼ ବିଶେଷଜ୍ଞ ହୋଇଥା'ନ୍ତୁ ନା କାହିଁକି, ଇଂରାଜୀରେ ପଦେ କଥା ନହୋଇପାରିଲେ ସେ ସମାଜରେ ଲଜ୍ଜିତ ହେଉଛନ୍ତି। ଏହି ମାନସିକତା ଆମ ସଂସ୍କୃତି ଓ ମାତୃଭାଷାର ପ୍ରାସଙ୍ଗିକତାକୁ ଧୀରେ ଧୀରେ ଗ୍ରାସ କରିବାରେ ଲାଗିଛି। ପାଶ୍ଚାତ୍ୟ ଜଗତର ଜୀବନଶୈଳୀକୁ ଆମେ ଆଖିବୁଜି ନକଲ କରିବାକୁ 'ଷ୍ଟାଟସ୍ ସିମ୍ବଲ' ବା 'ସମ୍ମାନର ପ୍ରତୀକ' ମନେ କରୁଛୁ। ନିଜ ଘର ଭିତରେ ଓଡ଼ିଆ କହିବାକୁ ଲାଜ କରି ପିଲାଙ୍କ ସହିତ ଇଂରାଜୀରେ କଥା ହେବାକୁ ଆଧୁନିକତା ବୋଲି ଭାବୁଛୁ। ମନୋବିଜ୍ଞାନୀଙ୍କ ମତରେ ଯେଉଁ ଶିଶୁ ନିଜ ମାତୃଭାଷାରେ ଶିକ୍ଷାଗ୍ରହଣ କରେ ତା'ର ବୌଦ୍ଧିକ ଓ ସୃଜନଶୀଳ କ୍ଷମତା ଅନ୍ୟମାନଙ୍କ ଅପେକ୍ଷା ଅଧିକ ଥାଏ। ଅନ୍ଧାନୁକରଣରେ ଆମେ ପିଲାଙ୍କୁ ସେହି ସୃଜନଶୀଳତାରୁ ବଞ୍ଚିତ କରୁଛୁ।

ଆଧୁନିକତା ପ୍ରକୃତରେ ଏକ ମାନସିକ ଉତ୍ତରଣ। ଏହା ବିଜ୍ଞାନର ଆଲୋକରେ ମନରୁ ଅନ୍ଧକାର ଦୂର କରିବା ଏବଂ ପୁରାତନ କୁସଂସ୍କାରର ଶୃଙ୍ଖଳରୁ ମୁକ୍ତ ହେବାର ଏକ ପ୍ରକ୍ରିୟା। ମାତ୍ର ଆଜିର ସମାଜର ଆଧୁନିକତାର ଅର୍ଥ କେବଳ ପାଶ୍ଚାତ୍ୟ ଜଗତର ଜୀବନଶୈଳୀକୁ ଆଖିବୁଜି ନକଲ କରିବାକୁ ବୁଝାଉଛି। ଆମେ ଭାବୁଛୁ ଯେ ଖାଦ୍ୟପେୟ, ପୋଷାକ ପରିଚ୍ଛଦ ଓ କଥିତ ଭାଷାରେ ବିଦେଶୀୟ ଶୈଳୀ ଆପଣେଇ ନେଲେ ଆମେ ସଭ୍ୟ ଓ ଆଧୁନିକ ହେଉଯିବା। କିନ୍ତୁ ବାସ୍ତବରେ ଏହା ହେଉଛି ଏକ ମାନସିକ ଦାସତ୍ୱ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଶାଢ଼ି ବା ଧୋତିକୁ ଛାଡ଼ି କେବଳ ଦେଖାଶିଖାରେ ବିଦେଶୀ ପୋଷାକ ପିନ୍ଧେ, ନିଜ ମାତୃଭାଷା ଅପେକ୍ଷା ଅନ୍ୟ ଭାଷାକୁ ଶ୍ରେଷ୍ଠ ମଣେ ସେଠାରେ ଆଧୁନିକତା ନଥାଏ; ଥାଏ କେବଳ ଆତ୍ମବିଶ୍ୱାସର ଅଭାବ।

ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆମେ ଆମର ଯୌଥ ପରିବାର ପ୍ରଥାକୁ ଭାଙ୍ଗି ଦେଇଛୁ। ପ୍ରଗତିର ଦ୍ୱାହି ଦେଇ ଆମେ ବୟସ୍କମାନଙ୍କୁ ବୋଝ ମନେ କରୁଛୁ। ଯେଉଁ ସମାଜ ଦିନେ ସମ୍ପର୍କର ଉଷ୍ମତା ପାଇଁ ଜଣାଶୁଣା ଥିଲା, ଆଜି ସେଠାରେ କେବଳ ଯାନ୍ତ୍ରିକତା ଭରି ରହିଛି। ଆମେ ସାମାଜିକ ଗଣମାଧ୍ୟମରେ ହଜାର ହଜାର ବନ୍ଧୁ ଖୋଜୁଛୁ। କିନ୍ତୁ ନିଜ ଘରର ପଡ଼ୋଶୀ ସହିତ କଥା ହେବାକୁ ଆମ ପାଖରେ ସମୟ ନାହିଁ। ଏହି ଧାବମାନ ସମୟରେ ଆମେ କେବଳ ବାହ୍ୟଚମକକୁ ଗ୍ରହଣ କରିଛୁ। ସେହି ସଂସ୍କୃତିର ଭଲ ଗୁଣ ଯଥା: କର୍ମନିପୁଣତା, ସମୟାନୁବର୍ତ୍ତିତା ଓ ସାମାଜିକ ଶୃଙ୍ଖଳାକୁ ଗ୍ରହଣ କରିବାରେ ବିଫଳ ହୋଇଛୁ। ଏହା ହିଁ ହେଉଛି 'ଅନ୍ଧାନୁକରଣ'ର ସବୁଠାରୁ ବଡ଼ ଦୁର୍ଭାଗ୍ୟ। ଆମେ 'ଫାଷ୍ଟଫୁଡ୍'କୁ ଆପଣେଇ ନେଇ ନିଜ ସ୍ୱାସ୍ଥ୍ୟ ହରାଉଛୁ, ମାତ୍ର ବିଦେଶୀଙ୍କ ପରି 'ଫିଟ୍‌ନେସ୍' ପ୍ରତି ସଚେତନ ହେବାକୁ ଭୁଲିଯାଉଛୁ।

ଆଜିର ଯୁବପିଢ଼ି ଓ ଅଭିଭାବକଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଦେଖାଦେଇଛି ଯେ କିଏ କେତେ ଚମକପୂର୍ଣ୍ଣ ଭାବେ ନିଜକୁ ପ୍ରଦର୍ଶନ କରିପାରିବ। ସାମାଜିକ ଗଣମାଧ୍ୟମର ପ୍ରଦର୍ଶନୀ ଦୁନିଆରେ ଆମେ ଏତେ ହଜିଯାଇଛୁ ଯେ, ନିଜର ମୂଳ ଅସ୍ମିତାକୁ ଭୁଲିଯାଉଛୁ। ଯେଉଁ ଦେଶରେ ମାତୃଭାଷାକୁ ଅବହେଳା କରାଯାଏ ସେଠାରେ ବୌଦ୍ଧିକ ବିକାଶ କେବଳ ଏକ ସ୍ୱପ୍ନ ହୋଇ ରହିଯାଏ। ଜାପାନ ବା ଜର୍ମାନୀ ଭଳି ଦେଶକୁ ଦେଖନ୍ତୁ। ସେମାନେ ବିଜ୍ଞାନରେ ଶୀର୍ଷରେ ଅଛନ୍ତି। କିନ୍ତୁ ନିଜ ଭାଷା ଓ ପରମ୍ପରାକୁ କେବେ ଛାଡ଼ିନାହାନ୍ତି। ମାତ୍ର ଆମେ ଆଧୁନିକତାର ଏକ ମିଥ୍ୟା ମୋହରେ ପଡ଼ି ନିଜ ଭାଷାକୁ 'ଗାଉଁଲି' ଓ ବିଦେଶୀ ଭାଷାକୁ 'ଭଦ୍ରତା'ର ମାପକାଠି ବୋଲି ଧରି ନେଇଛୁ। ମଦ୍ୟପାନ ବା ନିଶାଦ୍ରବ୍ୟ ସେବନକୁ ଅନେକ ସମୟରେ 'ଫ୍ୟାଶନ' କିମ୍ବା 'ଆଧୁନିକତା'ର ପରିଚୟ ବୋଲି ଭ୍ରମ କରାଯାଉଛି। ବିଜ୍ଞାନ ଆମକୁ ସୁବିଧା ଦେଇଛି, ମାତ୍ର ସେହି ସୁବିଧାର ସଦୁପଯୋଗ ପରିବର୍ତ୍ତେ ଆମେ ତା'ର କୁପରିଣାମ ଭୋଗୁଛୁ। ଘରେ ଘରେ ସ୍ମାର୍ଟଫୋନ୍ ଅଛି। କିନ୍ତୁ ବହି ପଢ଼ିବା ପାଇଁ ଆଗ୍ରହ କମିବାରେ ଲାଗିଛି। ନିଜ ସଂସ୍କୃତିର କଳା, ସାହିତ୍ୟ ଓ ସଂଗୀତ ଅପେକ୍ଷା ଆମେ ପାଶ୍ଚାତ୍ୟର କର୍କଶ ସଂଗୀତରେ ଆତ୍ମହରା ହେଉଛୁ। ଏହାକୁ ଆଧୁନିକତା କୁହାଯାଏ ନାହିଁ। ଏହା ନିଜର ମୂଳଦୁଆରୁ ବିଚ୍ୟୁତ ହେବାର ଏକ ଦୁଃଖଦାୟକ ଯାତ୍ରା।

ବାସ୍ତବିକ ଆଧୁନିକତା ହେଉଛି ସେହି ଶକ୍ତି, ଯାହା ମଣିଷକୁ ସ୍ୱାର୍ଥପରତାର ଊର୍ଦ୍ଧ୍ୱକୁ ନେଇଯାଏ। ସଂକୀର୍ଣ୍ଣ ଜାତିବାଦ, ଧର୍ମାନ୍ଧତା ଓ ଲିଙ୍ଗଭେଦରୁ ଉପରକୁ ଉଠି ସମସ୍ତଙ୍କୁ ମଣିଷ ରୂପେ ଦେଖିବା ହିଁ ପ୍ରକୃତ ପ୍ରଗତିଶୀଳତା। ଜାପାନ ପରି ଦେଶମାନେ ଆଜି ବିଶ୍ୱର ଶୀର୍ଷରେ ଅଛନ୍ତି, କାରଣ ସେମାନେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ନିଜର ପାରମ୍ପରିକ ମୂଲ୍ୟବୋଧକୁ ମିଶାଇ ଚାଲିଛନ୍ତି। ସେମାନଙ୍କ ପାଇଁ ନୂଆକୁ ଆପଣେଇବା ଅର୍ଥ ପୁରୁଣାକୁ ଅପମାନିତ କରିବା ନୁହେଁ। ଆମକୁ ମଧ୍ୟ ସେହିପରି ଏକ ସମନ୍ୱୟ ରକ୍ଷା କରିବାକୁ ହେବ। ଆମେ ବିଶ୍ୱର ଜ୍ଞାନକୁ ଗ୍ରହଣ କରିବା, ନୂଆ ଚିନ୍ତାଧାରାକୁ ସ୍ୱାଗତ କରିବା। ଅଥଚ ନିଜର ପରିଚୟକୁ ହରାଇ ନୁହେଁ।

ସେଦିନ ମଲ୍‌ରୁ ଫେରିବା ବେଳେ ମୋତେ ଲାଗୁଥିଲା ଯେମିତି ଆମେ ସମସ୍ତେ ଏକ ମାୟାଜାଲରେ ବନ୍ଦୀ। ଅନ୍ୟକୁ ନକଲ କରିବାର ପ୍ରତିଯୋଗିତାରେ ଆମେ ଏତେ ବ୍ୟସ୍ତ ଯେ ନିଜ ଭିତରର ସ୍ୱାଭିମାନ ଓ ସଂସ୍କାରକୁ ହଜାଇ ଦେଉଛୁ। ଆମେ ମନେ ରଖିବା ଉଚିତ ଯେ ଯେଉଁ ଗଛର ଚେର ଯେତେ ଗଭୀର, ତାହା ସେତେ ବଡ଼ ଝଡ଼କୁ ସହିପାରେ। ସଂସ୍କୃତି ହିଁ ଆମର ସେହି ଚେର। ଯେପର୍ଯ୍ୟନ୍ତ ଆମେ ନିଜ ସଂସ୍କୃତିର ଗୁରୁତ୍ୱ ବୁଝିନାହୁଁ, ସେପର୍ଯ୍ୟନ୍ତ ଯେତେ ବିଦେଶୀ ପୋଷାକ ପିନ୍ଧିଲେ ମଧ୍ୟ ଆମେ ପ୍ରକୃତରେ ସଭ୍ୟ କିମ୍ବା ଆଧୁନିକ ହୋଇପାରିବା ନାହିଁ। ଆଧୁନିକତା ହେଉଛି ଏକ ମୁକ୍ତ ଆକାଶ। ମାତ୍ର ଅନ୍ଧାନୁକରଣ ହେଉଛି ଏକ ଅନ୍ଧଗଳି। ସମୟ ଆସିଛି, ଆମକୁ ଏହି ଦୁଇଟି ମଧ୍ୟରେ ଥିବା ପ୍ରଭେଦକୁ ବୁଝିବାକୁ ହେବ ଏବଂ ନିଜ ଚେରକୁ ଦୃଢ଼ କରି ଆକାଶକୁ ଛୁଇଁବାର ସ୍ୱପ୍ନ ଦେଖିବାକୁ ହେବ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

# ଯୁଦ୍ଧ ଓ ତୈଳ ଅପଚୟ

ପଞ୍ଚାନନ ଅଗ୍ରୱାଲ



ଆମେରିକା ଇରାନ ମଧ୍ୟରେ ଯୁଦ୍ଧରେ ଆମେରିକାର ଗତିରୋଧ ଯୋଗୁଁ ଗୋଟିଏ ମାସରେ ଇରାନର ୫୮ ତୈଳ ଟ୍ୟାଙ୍କର ହର୍ମୁଜ ଜଳଡମ୍ବରୁ ପାର କରି ପାରୁନାହିଁ। ଏହି କାରଣରୁ ପ୍ରତିଦିନ ୩୦ ଲକ୍ଷ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ସମୁଦ୍ରରେ ବହିଯାଉଛି। ପ୍ରତିଦିନ ନଷ୍ଟ କରାଯାଉଥିବା ତୈଳର ମୂଲ୍ୟ ୨୮୦୦ କୋଟି ଟଙ୍କା ହେବ। ଇରାନକୁ ଏପରି କରିବାକୁ ପଡୁଛି କାରଣ ତାହାର ତିନିକୋଟି ବ୍ୟାରେଲ ତୈଳ ସଂରକ୍ଷଣ କ୍ଷମତା ସମ୍ପୂର୍ଣ୍ଣ ହୋଇଯାଇଛି। ଇରାନ ପାଖରେ ୩୫୦୦ ଏପରି ତୈଳ କୂପ ରହିଛି, ଯେଉଁଠି ନିରନ୍ତର ତୈଳ ଉତ୍ପାଦନ ଜରୁରୀ ଅଟେ। ଯଦି ତୈଳ କୂପର ବାହାର କରାନ ଯାଏ ତେବେ ଉତ୍ପାଦନ ସବୁଦିନ ପାଇଁ ବନ୍ଦ ହୋଇଯିବ। ଏହାର କାରଣ ଡ୍ରିଲିଙ୍ଗ ବନ୍ଦ କରି ଦିଆଗଲେ ପାଇପ ଲାଇନ ମଧ୍ୟରେ ପାଣି ଗ୍ୟାସ ଭରି ହୋଇଯିବ। ଏହି ପାଇପମାନଙ୍କରୁ ଅଶୋଧିତ ତୈଳ ଧୀରେ ଧୀରେ ପିଇପିଇ ଆସିଥାଏ। ତୈଳ ଚଟାଣମାନଙ୍କର ଛିଦ୍ରମାନଙ୍କରେ ପାରାଫିନ ୱାକ୍ସ ଜମିଗଲେ ତୈଳ ବହିବା ବନ୍ଦ ହୋଇଯିବ। ଏହା ମହମ ଭଳି ପ୍ରାକୃତିକ ରାସାୟନିକ ପଦାର୍ଥ ଅଟେ। ଇରାନ ଅଶୋଧିତ ତୈଳର ୯୦ ପ୍ରତିଶତ ରପ୍ତାନୀ ଖାର୍ଗ ଦ୍ୱୀପରୁ କରିଥାଏ।

ତୈଳର ଏହି ଅପଚୟ ପଶ୍ଚିମ-ଏସିଆର ଦେଶମାନଙ୍କ ପାଇଁ ଶକ୍ତି ସଙ୍କଟ ରୂପେ ଦେଖା ଦେଇଛି। ସମୁଦ୍ରଗୁଡ଼ିକର ପରିବେଶ ମଧ୍ୟ ଦୂଷିତ ହେବାକୁ ଲାଗିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଧାରଣ ଜନତାଙ୍କୁ ଆହ୍ୱାନ କରିବାକୁ ପଡ଼ିଲା ଯେ ସଙ୍କଟ ସ୍ଥିତିରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଅନ୍ୟ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ଉପଯୋଗ କମରୁ କମ କରାଯାଉ। ୟୁରୋପିୟନ ସ୍ପେସ ଏଜେନସିର ସେଣ୍ଟିନଲ ସାଟେଲାଇଟ ଡାଟା ଆଉ ଆମେରିକା ଗଣମାଧ୍ୟମ ରିପୋର୍ଟ ଅନୁସାରେ ଖରାସ ଉପସାଗର ଏବଂ ହର୍ମୁଜ ଷ୍ଟେଟ ଆଖପାଖ ସମୁଦ୍ର ପାଣିରେ ତୈଳର ଆସ୍ତରଣ ଦେଖାଦେଲାଣି। ଏହି ଆସ୍ତରଣ କୁଏତର ଲାବନ ଦ୍ୱୀପ, କେଶମଦ୍ୱୀପ ଆଉ ଖାର୍ଗ ଦ୍ୱୀପର ସମୁଦ୍ରରେ ବଡ଼ ବଡ଼ ମୋଟା ଆସ୍ତରଣ ଜମାଟ ବାନ୍ଧିବା ଦେଖାଦେଲାଣି। ଏଥିରୁ ଗୋଟିଏ ମଇଳା ଆସ୍ତରଣ ପ୍ରାୟ ୧୨୦ ବର୍ଗ କିମି. କ୍ଷେତ୍ର ପର୍ଯ୍ୟନ୍ତ ଲମ୍ବି ଯାଇଛି।

ବିଶେଷଜ୍ଞମାନେ କହନ୍ତି ଯେ ଜମିଯାଇଥିବା ତୈଳ ଆସ୍ତରଣ ସମୁଦ୍ରର ଲହଡ଼ିମାନଙ୍କୁ ଶାନ୍ତ କରିଦେଉଛି। ରାଡାରରୁ ମିଳୁଥିବା ଫୋଟମାନଙ୍କରେ କଳା ଚିକ୍କଣିଆ ବଡ଼ ବଡ଼ ଦାଗମାନ ଦେଖାଦେଉଛି। ଏଥିରୁ ଅନୁମାନ କରାଯାଉଛି ଇରାନ ସମୁଦ୍ର ତୈଳକୁ ବରବାଦ କରୁଛି। ଯଦି ଏହା ବାରମ୍ବାର କରାଯାଏ ତେବେ ସାମୁଦ୍ରିକ ଜୀବ ଆଉ ପରିବେଶ ଉପରେ ବ୍ୟାପକ କ୍ଷତିକାରକ ପ୍ରଭାବ ପଡ଼ିବ। ଫାରସ ଉପସାଗରୀୟ କ୍ଷେତ୍ରରେ ଲକ୍ଷାଧିକ ଧୀବର ତଥା ମତ୍ସ୍ୟଜୀବୀ ସମୁଦ୍ର ଉପରେ ନିର୍ଭର କରିଥା'ନ୍ତି। ସେମାନଙ୍କ ଜୀବିକା ଆଜି ଘୋର ସଙ୍କଟରେ ଅଛି। ସମୁଦ୍ରରେ ଅମ୍ଳଜାନ ଅଭାବରେ ପକ୍ଷୀମାନେ ମରିଯାଉଛନ୍ତି। ଆମେରିକା -ଇସ୍ରାଏଲ ଆଉ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧ ସାମୁଦ୍ରିକ ପରିବେଶ ବହୁତ କ୍ଷତି ପହଞ୍ଚାଇଛି।

ହର୍ମୁଜର ସଂକୀର୍ଣ୍ଣ ମାର୍ଗରେ ତୈଳନଷ୍ଟ ହେବା ପୂର୍ବରୁ ପେଟ୍ରୋଲିୟମ ପଦାର୍ଥରେ ଭରପୂର ପ୍ରାୟ କୋଡ଼ିଏ ଗୋଟି ଜାହାଜ ନଷ୍ଟ କରିଦିଆଗଲା। ଅନୁମାନ ଅନୁଯାୟୀ ଏହି ଟ୍ୟାଙ୍କରମାନଙ୍କରେ ତିନି ଲକ୍ଷ ମେଟ୍ରିକ ଟନ ତରଳ ଏଲପିଜି ଭର୍ତ୍ତି ହୋଇଥିଲା। ଗୋଟିଏ ବଡ଼ ଗ୍ୟାସ ଟ୍ୟାଙ୍କରରେ ପ୍ରୟ ୪୫ ହଜାର ମେଟ୍ରିକଟନ ଏଲପିଜି ରହିଥାଏ, ଯାହା ପ୍ରାୟ ୩୧ରୁ ୩୨ ଲକ୍ଷ ଘରୋଇ ଗ୍ୟାସ ସିଲଣ୍ଡର ଭର୍ତ୍ତି କରିବାକୁ ସମର୍ଥ। ପେଟ୍ରୋଲିୟମ ପଦାର୍ଥ ଏକ ସଙ୍ଗରେ ମାଟି, ପାଣି, ପବନକୁ ଦୂଷିତ କରି ମାନବଜୀବନ ପାଇଁ ବରଦାନ ପରିବର୍ତ୍ତେ ଅଭିଶାପରେ ପରିଣତ ହେବାକୁ ଲାଗିଛି। ତୈଳନିର୍ଗତ, ତୈଳ ଟ୍ୟାଙ୍କର ନଷ୍ଟ ହେବା ଖଣ୍ଡ, ବିଖଣ୍ଡ ହୋଇ ସମୁଦ୍ରରେ ପଡ଼ିବା ଦ୍ୱାରା ସମୁଦ୍ରର ପାରିପାର୍ଶ୍ୱିକ ସ୍ଥିତି ପ୍ରଭାବିତ ହେଉଛି। କିଛିବର୍ଷ ପୂର୍ବେ ଜାପାନର ଟୋକିଓ ତଟରେ ୩୧୭ କିମି ପଟିରେ ତୈଳ ନିର୍ଗତ ହୋଇ ବହିଯିବା ଦ୍ୱାରା ହାହାକାର ସୃଷ୍ଟି ହୋଇଥିଲା। ରୁଷର ବେଲାୟ ନଦୀ କୂଳରେ ବିଛାଯାଇଥିବା ପାଇପ ଲାଇନରୁ ୧୫୦ ମେଟ୍ରିକ ଟନ ତୈଳ ବହିବା ଦ୍ୱାରା ୟୁରାଲ ପର୍ବତ ଉପରେ ବସବାସ କରୁଥିବା ଗ୍ରାମବାସୀମାନଙ୍କ ପାଇଁ ପାନୀୟ ଜଳର ସଙ୍କଟ ସୃଷ୍ଟି ହୋଇଥିଲା। ସୈନଜୁଆନ ଜାହାଜ କୋରଲ ଚଟାଣରେ ମାଡ଼ ହେବା ଦ୍ୱାରା ଆଟଲାଣ୍ଟିକ ତଟଦେଶରେ ୩୦ ଲକ୍ଷ ଲିଟର ତୈଳ ନିର୍ଗତ ହୋଇଥିଲା, ଯାହା ଫଳରେ ସାମୁଦ୍ରିକ ଜୀବମାନଙ୍କ କ୍ଷତି ହୋଇଥିଲା। ବଙ୍ଗୋପସାଗରରେ କ୍ଷତିଗ୍ରସ୍ତ ତୈଳଟ୍ୟାଙ୍କରରୁ ତେଲ ବହି ନିକୋବର ଦ୍ୱୀପ ସମୂହରେ ବିପଦ ସୃଷ୍ଟି କରିଥିଲା। ଲାଇବେରିଆ ତେଲ ବହି ନିକୋବର ଦ୍ୱୀପ ସମୂହରେ ବିପଦ ସୃଷ୍ଟି କରିଥିଲା। ଲାଇବେରିଆର ଏକ ଟ୍ୟାଙ୍କରରୁ ୮୫ ହଜାର ମେଟ୍ରିକଟନ ତେଲ ବହିଯିବାରୁ ସ୍କଟ୍‌ଲ୍ୟାଣ୍ଡର ପକ୍ଷୀଜଗତର ବ୍ୟାପକ କ୍ଷତି ଘଟାଇ ଥିଲା। ସବୁଠାରୁ ଭୟଙ୍କର ତୈଳ ନିର୍ଗତ ୟୁଏସଏ ର ଆଲାସ୍କାରେ ହୋଇଥିଲା। ଏହା ପ୍ରିନ୍ସ ଉଇଲିୟମ ସାଉଣ୍ଡ ଟ୍ୟାଙ୍କରରୁ ହୋଇଥିଲା। ଏହାର କୁପ୍ରଭାବ ଛଅମାସ ଧରି ଲାଗି ରହିଥିଲା। ଏହି ଅଞ୍ଚଳରେ ୩୫ ହଜାର ପକ୍ଷୀ, ୧୦ ହଜାର ଓଷ୍ଟର ସେଲ୍‌ଫିସ ଆଉ ୧୫ ତିମି ମାଛଙ୍କର ମୃତ୍ୟୁ ହୋଇଥିଲା।

ସମୁଦ୍ରରେ ଜଳୁଥିବା ତୈଳ ପୃଥିବୀର ଊର୍ଜ୍ଜା ସନ୍ତୁଳନକୁ ଖୁବ ଶୀଘ୍ର ବିଗାଡ଼ିବା କାମ କରିଥାଏ। ଏହାଦ୍ୱାରା ଭବିଷ୍ୟତରେ ବୈଶ୍ୱିକ ଜଳବାୟୁର ଆପାତକାଳୀନ ସ୍ଥିତି ସୃଷ୍ଟି ହୋଇଥାଏ। ଶକ୍ତି ଅସନ୍ତୁଳନ ବୃଦ୍ଧି ପାଇଲେ ବାୟୁମଣ୍ଡଳର ତାପମାନ ବୃଦ୍ଧି ପାଇଥାଏ। ଏହା ଫଳରେ ପୃଥିବୀ, ବାୟୁ, ପାଣି ପ୍ରଭାବିତ ହୋଇଥାଏ। ହିମନଦୀ ବଡ଼ ମାତ୍ରାରେ ତରଳିବା ଏବଂ ଅତିବୃଷ୍ଟି ଆଶଙ୍କା ଦେଖାଦିଏ। ଜଙ୍ଗଲଗୁଡ଼ିକ ଜଳିବା ଘଟଣା ବୃଦ୍ଧି ପାଇଥାଏ। ମଧ୍ୟଏସିଆର ଜଳୁଥିବା ତୈଳ ଭାରତ ମହାସାଗରର ତାପମାନକୁ ଅପ୍ରତ୍ୟାଶିତ ରୂପେ ବୃଦ୍ଧି କରିବ। ଏହାର ସିଧା ପ୍ରଭାବ ମୌସୁମୀରେ ଦେଖାଯିବ। ପରିଣାମ ସ୍ୱରୂପ ଅତିବୃଷ୍ଟି, ଅନାବୃଷ୍ଟି, ବନ୍ୟା, ବାତ୍ୟା ଭଳି ଘଟଣା କାଳାନ୍ତରରେ ଦେଖିବାକୁ ମିଳିପାରେ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# ଆତ୍ମଧ୍ୟାନର ଉଦ୍ଭାସ: ଚୈତନ୍ୟ ଦାସ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଯେଉଁ ପାଠକ ଓ ସାହିତ୍ୟ ସମାଲୋଚକମାନେ ନିଷ୍ଠାପର ଅନୁଧ୍ୟାନରେ ଅଭିନିବିଷ୍ଟ ସେମାନେ ଜାଣନ୍ତି ଯେ, ଖଡ଼ିଆଳ ଅଞ୍ଚଳର ଯୋଗ-ସିଦ୍ଧ ଏକ ବିରଳ ପ୍ରତିଭା ହେଉଛନ୍ତି କବି ଚୈତନ୍ୟ ଦାସ। ସମୟ ତାଙ୍କର ପଞ୍ଚସଖା ପରବର୍ତ୍ତୀ। ତାଙ୍କ ଦ୍ୱାରା ରଚିତ 'ବିଷ୍ଣୁଗର୍ଭ ପୁରାଣ'ର ସମ୍ପାଦନା କଲେ ଯେତେବେଳେ ଆର୍ତ୍ତବଲ୍ଲଭ ମହାନ୍ତି, ସେତେବେଳେ କବିଙ୍କ ଭକ୍ତିଭାବର ତରଙ୍ଗ କିପରି ପରିବ୍ୟାପ୍ତ ହୋଇଯାଇଥିଲା ଈଶ୍ୱରାନୁରାଗୀ ପାଠକଙ୍କ ମଧ୍ୟରେ ତାହା ବାହ୍ୟ ବାତାବରଣରୁ ବା କିପରି କଳନା କରାଯାଇପାରିବ!

କବି ଜନ୍ମ ନେଇଥିଲେ ଏକ ନିସ୍ତରଙ୍ଗ ମନ ନେଇ। ସେଥିପାଇଁ ସାଂସାରିକ ନାନାବିଧ ଚାଞ୍ଚଲ୍ୟଠାରୁ ସେ ଯେ ଥିଲେ କେତେ ଦୂରବର୍ତ୍ତୀ ତାହାର ସୁସ୍ପଷ୍ଟ ସଂକେତ ଦେଉଥିଲା ତାଙ୍କ ସାଧନାପୂତ ଜୀବନଧାରା। ଅନ୍ତର ଭିତରେ ଅନନ୍ତ ଜିଜ୍ଞାସା ତାଙ୍କର। ଯେଉଁମାନଙ୍କୁ ଆମେ ଈଶ୍ୱରଙ୍କ ଅବତାର ବୋଲି ମନେ କରୁଛୁ ସେମାନେ କ'ଣ ହୋଇପାରନ୍ତି ସ୍ୱୟଂ ସୃଷ୍ଟିକର୍ତ୍ତା? ସେ ସମୟରେ ଯେଉଁ ସବୁ ପୋଥିପୁରାଣ ଆତ୍ମଲୀନ ହୋଇ ରହିବା ପାଇଁ ଦେଇ ଚାଲିଥିଲେ ଅସରନ୍ତି ପ୍ରେରଣା ସେସବୁ ମଧ୍ୟରେ ନିଜକୁ ହଜାଇ ଦେଉଥିଲେ ସେ ସମ୍ପୂର୍ଣ୍ଣ ଭାବରେ। ତାଙ୍କ ଅଧ୍ୟୟନର କ୍ଷେତ୍ର ତେଣୁ ଥିଲା ବ୍ୟାପକ। ଏହା ସଂଖ୍ୟା ଦୃଷ୍ଟିରୁ ନୁହେଁ, ବୃହତ୍ତର ଚେତନାର ବିଚାର ଦିଗରୁ। ବିଭିନ୍ନ ଶାସ୍ତ୍ର ଓ ପୁରାଣ ମଧ୍ୟରୁ ଭାଗବତ, ସ୍କନ୍ଦପୁରାଣ, ପଦ୍ମ ପୁରାଣ, ବ୍ରହ୍ମ ପୁରାଣ, ମହାଭାରତ, ବୃହନ୍ନା ରଦୀୟ ପୁରାଣମାନଙ୍କରେ ଉପସ୍ଥାପିତ ମାର୍କଣ୍ଡେୟ ଚରିତର ଭିନ୍ନ ଭିନ୍ନ ବ୍ୟାଖ୍ୟା ଭିତରେ ସେ ବୁଡ଼ିଯାଆନ୍ତି। ସେସବୁ ବିଷୟରେ ସେ ରହିଥିଲେ ଏକାନ୍ତ ସଚେତନ। ମାତ୍ର କାବ୍ୟ ରଚନା ବେଳେ କାହାରି ଦ୍ୱାରା ସେ ପ୍ରଭାବିତ ହୋଇନାହାନ୍ତି। ନିର୍ବିଚାରରେ କୌଣସି ନିଷ୍କର୍ଷରେ ସେ ପହଞ୍ଚି ପାରନ୍ତି ନାହିଁ। ସ୍ୱକୀୟ ଅନ୍ତର୍ଗତ ଉପଲବ୍ଧିକୁ ହିଁ ନିଜ ନିଜସ୍ୱ ରୀତିରେ ସେ ପ୍ରକାଶ କରିପାରିଛନ୍ତି। ପ୍ରତିଟି ଶବ୍ଦ ପଶ୍ଚାତରେ ବିଦ୍ୟମାନ ତାଙ୍କ ଆତ୍ମପ୍ରତ୍ୟୟର ସଂଗୀତ। ସୌନକ ଓ ସନକାଦିଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ସୃଷ୍ଟି ବିଧାନ ବର୍ଣ୍ଣିତ। 'ବିଷ୍ଣୁଗର୍ଭପୁରାଣ' ଓ 'ନିର୍ଗୁଣ ମାହାତ୍ମ୍ୟ' -ଏ ଦୁଇଟି ଗ୍ରନ୍ଥ ତାଙ୍କ ଆତ୍ମାନୁଭୂତିରେ ହିଁ ହୋଇ ପାରିଛି ଅନ୍ତର୍ଚେତନା ଉଦ୍ରେକ-କ୍ଷମ।

ମଣିଷ ଆଉ ଦେବତାଙ୍କ ମଧ୍ୟରେ ପାର୍ଥକ୍ୟ ରହିଥାଏ କ'ଣ? ତାଙ୍କ ସୂକ୍ଷ୍ମ ଓ ସଜାଗ ଦୃଷ୍ଟି ଅବଲୋକନ କରିପାରୁଛି ଯେ ଦେବତାମାନେ ନରରୂପୀ ନାରାୟଣଙ୍କୁ ଜାଣନ୍ତି। ମାତ୍ର ଯେଉଁମାନଙ୍କୁ ଆମେ କହୁଁ ଈଶ୍ୱରଙ୍କ ଅବତାର ସେମାନେ ପ୍ରତ୍ୟେକେ ଆହୁରି ଏକ ଉଚ୍ଚତର ମହାଚେତନା ଉଦ୍ଦେଶ୍ୟରେ ପ୍ରାର୍ଥନା-ମଗ୍ନ ପୁଣି ସମର୍ପିତ। ଅବର୍ଣ୍ଣନୀୟ ମହାଶକ୍ତିର ନିୟନ୍ତ୍ରଣ ମଧ୍ୟରେ ରହି ସେମାନେ ଜଗତର କଲ୍ୟାଣ ସକାଶେ ଉତ୍ସର୍ଗୀକୃତ। ସେହି ବିଶ୍ୱବ୍ୟାପୀ ଅକଳ୍ପନୀୟ ରହସ୍ୟ କ'ଣ ଓ କିଏ? ସିଏ ହିଁ ତ ଶୂନ୍ୟବ୍ରହ୍ମ, ସିଏ ନିରାକାର, ଅଲେଖ। ଅଲେଖ ମହିମାଙ୍କ ଗୁଣଗାନରେ ଅସମର୍ଥ, ସ୍ତବ୍ଧ, ନିର୍ବାକ ଭକ୍ତବୃନ୍ଦଙ୍କ ପାଇଁ ଏ ଦୁଇଟି ଗ୍ରନ୍ଥ ସତେକି ଉନ୍ମୋଚିତ କରିଦେଲା ଦୁଇଟି ଅନ୍ତଃଚକ୍ଷୁ। ଯିଏ ନିର୍ଗୁଣ, ନିରାକାର, ଅବର୍ଣ୍ଣନୀୟ, ଅବ୍ୟକ୍ତ ସେ ହିଁ ପୁଣି ସଗୁଣ ଓ ଅପୂର୍ବ ରୂପକାନ୍ତିରେ ବିଭାସିତ। ସେଥିପାଇଁ କବି କହନ୍ତି: 'ତୁ ଅଟୁ ବ୍ରହ୍ମାଣ୍ଡ ନାୟକ, ଏକ ରୁ ହୋଉ ତୁ ଅନେକ।' କବି ପୁଣି କହନ୍ତି 'ତାଦେହେ ଅଶେଷ ସଂସାର, ସେ ଅଛି ସକଳ ଶରୀର।' ମଣିଷର ଶରୀର ନଶ୍ୱର; କିନ୍ତୁ ତା'ର ଚେତନା ଅବିନଶ୍ୱର - ଏହା ସେ ପ୍ରତିପାଦନ କରି ଦେଇଛନ୍ତି ବିସ୍ତୃତ ଭାବରେ।

କାବ୍ୟ ରଚନାର ଅର୍ଥ ଚୈତନ୍ୟ ବୁଝିଥିଲେ ଈଶ୍ୱରାନୁସନ୍ଧାନ। ଯିଏ ଏହି ସନ୍ଧାନରେ ଅନୁବ୍ରତୀ ସେ କାହା ପ୍ରତି ଅବା ତା'ର ଅନୁରାଗ ପ୍ରକାଶରେ ହୋଇପାରେ କୁଣ୍ଠିତ? ବିଶ୍ୱବ୍ରହ୍ମାଣ୍ଡର ନିର୍ମାତା ଓ ନିୟନ୍ତ୍ରଣ କର୍ତ୍ତାଙ୍କ ନିକଟରେ ଯିଏ ସମର୍ପିତ ସେ ସ୍ୱତଃ ପରିଣତ ହୋଇଯାଏ ବିଶ୍ୱପ୍ରେମିକ ରୂପରେ। ମଣିଷର ଜୀବନ ଯେ ଦେବତାଠାରୁ ମଧ୍ୟ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠେ ସତ୍ୟାନୁସନ୍ଧାନ ଦ୍ୱାରା ଏହା ପ୍ରତିପାଦନ କରିଦେବା ଏକ ବିଶାଳ ଆଶାନୁଭୂତି - ସମ୍ପନ୍ନ ସାଧକ ନିକଟରେ ହିଁ କେବଳ ସମ୍ଭବ। କର୍ମଯୋଗ, ଜ୍ଞାନଯୋଗ ଓ ପରିଶେଷରେ ଧ୍ୟାନଯୋଗରେ ନିଜ ଅମୂଲ୍ୟ ଜୀବନକୁ ବିନିଯୁକ୍ତ କରିବାର ପ୍ରଶସ୍ତ ମାର୍ଗ ଦର୍ଶନ କରାଇ ଦେଇଛନ୍ତି ସେ। ଜଣେ ସାହିତ୍ୟ-ଉପାସକର ଜୀବନ କିପରି ହୋଇପାରେ ମହିମାମଣ୍ଡିତ ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଚୈତନ୍ୟ ଦାସ। ସେ ଚିତ୍ତବିନୋଦନ ସକାଶେ କାବ୍ୟ ରଚନା କରିନାହାନ୍ତି। ଅଣାୟତ୍ତ ମନକୁ ଏକାଗ୍ର କରିବା, ପାଠକ ଭିତରେ ଏକ ଚିତ୍ତ -ପ୍ରଶାନ୍ତି ସୃଷ୍ଟି କରିବା ଥିଲା ତାଙ୍କ ସାଧନାର ପରମ ଲକ୍ଷ୍ୟ। ସାମ୍ପ୍ରତିକ ସାହିତ୍ୟିକ ବାତାବରଣକୁ ଅନ୍ତର୍ମୁଖୀ କରିଦେବାରେ ସେ ତେଣୁ ନିଶ୍ଚୟ ଏକ ଅଭ୍ରାନ୍ତ ପ୍ରେରଣାର ଜ୍ୟୋତିସ୍ତମ୍ଭ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଚ ରାସ୍ତାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ୨ଗିରଫ, ଥାନାରେ ୨ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

- ମୁକେଶ ଓ ଆଶିଷଙ୍କୁ ଏନକାଉଣ୍ଟରରୁ ଖସାଇବା ପାଇଁ ଆତ୍ମସମର୍ପଣର ନାଟକ!
- ପୁଲିସର ନାକାବନ୍ଦୀ ସତ୍ତ୍ୱେ ସହରରେ କିଭଳି ପ୍ରବେଶ କଲେ ୨ଫେରାର ଅଭିଯୁକ୍ତ?
- ରାଜନୈତିକ ଚାପରୁ ମୁକୁଳି ନିରପେକ୍ଷ ତଦନ୍ତ କରି ଅପରାଧିଙ୍କୁ ସାବାଡ କରିବାକୁ ଦାବି

ବ୍ରହ୍ମପୁର,୨୦।୫(ସମିସ): ସ୍ଥାନୀୟ ଗିରିରୋଡ଼ରେ ଉମେଶ ରଥଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁ ଓ ଦିନେଶ ପଣ୍ଡା ବଡବଜାର ଥାନାରେ ଆତ୍ମ ସମର୍ପଣ କରିଥିବା କୁହାଯାଉଛି । ସେପଟେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇଜଣ ହେଲେ ଶ୍ରୀରାମ ନଗର ଅଞ୍ଚଳର ଭାଲୁ ସାମଲଙ୍କ ପୁତୁରା ରିଙ୍କୁ ସାମଲ ଓରଫ ଲିଙ୍ଗରାଜ ସାମଲ (୨୪) ଏବଂ ବୈଦ୍ୟନାଥପୁର ଥାନା ଗଜପତିନଗର ଅଞ୍ଚଳର ରାଜ୍ ମାଲହୋତ୍ରା(୨୧) । ଗିରଫ ଦୁଇଜଣ ସନ୍ଦିପ ସାହୁ ଓରଫ 'ମୋଗଲି' ଗୋଷ୍ଠୀର ହୋଇଥିବା ପୁଲିସ ସୂତ୍ରରୁ ଜଣାପଡିଛି । ଘଟଣାରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତ ମୁକେଶ ଓ ଦିନେଶ ପଣ୍ଡା ଜିଲ୍ଲା ତଥା ରାଜ୍ୟ ବାହାରକୁ ଫେରାର ହୋଇଯାଇଥିବା ପୁଲିସ ପକ୍ଷରୁ କୁହାଯାଉଥିବା ବେଳେ ଏଥିରେ ଆସିଛି ଭିନ୍ନ ମୋଡ । ପୁଲିସର କଡା ସୁରକ୍ଷା ବଳୟ ଓ ନାକାବନ୍ଦୀ ସତ୍ତ୍ୱେ ଉଭୟ ଫେରାର ଅଭିଯୁକ୍ତ ଆଜି ଅପରାହ୍ଣରେ ବଡବଜାର ଥାନାରେ ଆତ୍ମ ସମର୍ପଣ କରିଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନକାଉଣ୍ଟର ଭୟରେ ଉଭୟ ମୁକେଶ ଓ ଦିନେଶ ବଡ଼ବଜାର ଥାନାରେ ଆତ୍ମ ସମର୍ପଣ କରିଥିବା କୁହାଯାଉଥିଲେ ହେଁ ସେମାନଙ୍କୁ ଏନକାଉଣ୍ଟରରୁ ଖସାଇବାକୁ ଏକ ସୁଚିନ୍ତିତ ଯୋଜନା ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି । ଘଟଣାରେ ସମ୍ପୃକ୍ତ ମୁକେଶଙ୍କ ସାନଭାଇ ଆଶିଷ ସାହୁ ବର୍ତ୍ତମାନ ସୁଦ୍ଧା ଫେରାର ଥିବାବେଳେ ସେ ମଧ ଖୁବଶୀଘ୍ର ପୁଲିସ ନିକଟରେ ଆତ୍ମସମର୍ପଣ କରିବ ବୋଲି ସୂଚନା ମିଳିଛି । ଭାରତୀୟ ପିଙ୍ଗଳ କୋଡ ଓ ସିଆରପିସି ଧାରାରେ ପରିବର୍ତ୍ତନ ପରେ ଭାରତୀୟ ନ୍ୟାୟ ସଂହିତା ଓ ଅନ୍ୟ ନିୟମ ପ୍ରକାରେ ଅଦାଲତରେ ଆତ୍ମ ସମର୍ପଣ କରିବା ବ୍ୟବସ୍ଥା ନାହିଁ । ଫଳରେ ଯେକୌଣସି ଅପରାଧି ଏଣିକି କୋର୍ଟରେ ନୁହେଁ ବରଂ ଥାନାରେ ପୁଲିସ ନିକଟରେ ହିଁ ଆତ୍ମସମର୍ପଣ କରିବାକୁ ପଡୁଛି । ଆତ୍ମ ସମର୍ପଣ କରିବା ପରେ ପୁଲିସ କୌଣସି ଅପରାଧିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ । ବରଂ ସେମାନଙ୍କୁ ୨୪ଘଣ୍ଟା ମଧ୍ୟରେ କୋର୍ଟରେ ସୁରକ୍ଷିତ ହାଜର କରିବାକୁ ବାଧ୍ୟ । ଏଭଳି ପରିସ୍ଥିତିରେ ଗିରିରୋଡ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିବାକୁ ବିଭିନ୍ନ ମହଲରେ ଦାବି ହେବା ପରେ ସେମାନଙ୍କୁ ସେଥିରୁ ମୁକୁଳାଇବାକୁ ଆତ୍ମ ସମର୍ପଣର ନାଟକ ଏକ ରାଜନୈତିକ ଚାଲ ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ, ଗତ ସୋମବାର ସନ୍ଧ୍ୟାରେ ଗଜପତି ନଗର ବାସିନ୍ଦା ଉମେଶ ରଥ ଓ ତାଙ୍କ ବାନ୍ଧବୀ ଟିଫିନ୍ କରିବା ପାଇଁ ଗିରିରୋଡ଼କୁ ଯାଇଥିବା ବେଳେ ମୁକେଶ ଓ ଆଶିଷ ଦୁଇଭାଇଙ୍କ ସମେତ କିଛି ଯୁବକ ଆସି ହଠାତ୍ ଉମେଶଙ୍କୁ ଠେଙ୍ଗା ଓ ହକି ଷ୍ଟିକରେ ଆକ୍ରମଣ କରିଥିଲେ । ଏପରିକି ଉମେଶଙ୍କୁ ତଳେ ପକାଇ ସର୍ବସମ୍ମୁଖରେ ନିର୍ଦ୍ଦୟ ଭାବେ ମାଡ଼ ମାରି ଚାଲିଥିଲେ । ନୃଶଂସ ଭାବେ ମାଡ଼ ମାରିବା ପରେ ରକ୍ତାକ୍ତ ଅବସ୍ଥାରେ ଉମେଶଙ୍କୁ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ । ଗୁରୁତର ଅବସ୍ଥାରେ ଉମେଶଙ୍କୁ ପ୍ରଥମେ ଏମକେସିଜି ମେଡ଼ିକାଲରେ ଏବଂ ପରେ ଉତ୍ତମ ଚିକିତ୍ସା ପାଇଁ ବିଶାଖାପାଟଣାର ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଘଟଣାକୁ ନେଇ ଉମେଶଙ୍କ ମା ଅମୂଲ୍ୟ କୁମାର ରଥ ଯଥାକ୍ରମେ ସନ୍ଦୀପ ସାହୁ ଓରଫ୍ 'ମୋଗଲି', ରାଜ ମନତ୍ରା, ଦିନେଷ, ଆଶିଷ ଓ ମୁକେଶଙ୍କ ସମେତ ଅନ୍ୟ ସହଯୋଗୀଙ୍କ ନାମରେ ଟାଉନ ଥାନାରେ ଲିଖିତ ଅଭିଯୋଗ ଦେଇଥିବା ଜଣାପଡିଛି । ଏଭଳି ପରିସ୍ଥିତିରେ ପୁଲିସ ରାଜନୈତିକ ଚାପର ବଶବର୍ତ୍ତି ହୋଇ ପରୋକ୍ଷରେ ଅପରାଧିଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି । ଏଣୁ ପୁଲିସ ନିଜର ପ୍ରତିଷ୍ଠା ଓ ମାନ ସମ୍ମାନ ରକ୍ଷା କରିବାକୁ ହେଲେ ନିରପେକ୍ଷତା ଅବଲମ୍ବନ କରି ଅପରାଧିଙ୍କ ବିରୁଦ୍ଧରେ ଦୃଢ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ବିଜେଡିର କ୍ଷୋଭ

# ଓଡ଼ିଶା ଅପରାଧ ଉପରମୁହାଁ; କୋମାରେ ପୁଲିସ

ଭୁବନେଶ୍ୱର,୨୦।୫(ସମିସ): ରାଜ୍ୟରେ ଅପରାଧ ଉପର ମୁହାଁ ହୋଇଥିଲା ବେଳେ ମନୋବଳ ହରାଇ ପୁଲିସ ଏବେ କୋମା ସ୍ଥିତିରେ ରହିଛି । ବ୍ରହ୍ମପୁରରେ ବିଚ୍ ବଜାରରେ ଅପରାଧୀମାନେ ଯେଉଁଭଳି ଭାବେ ଅମାନବୀୟ କାଣ୍ଡ ରଚିଲେ ତାହା ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଛି । ପ୍ରତ୍ୟେକ ଦିନ ରାଜ୍ୟବାସୀ କେବଳ ଗୁଣ୍ଡାରାଜ ଓ ଅରାଜକତାର ଚିତ୍ର ଦେଖୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ନେଇ ବିଜେପି ସରକାରକୁ କଡା ନିନ୍ଦା କରିଛନ୍ତି ।

ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ନିଷ୍କ୍ରିୟତା ଓ ଶାସକ ଦଳର ପ୍ରୋତ୍ସାହନରେ ଗଞ୍ଜାମ ଜିଲ୍ଲାରେ ଗତ ଏକମାସରେ ୧୦ରୁ ଅଧିକ ହତ୍ୟାକାଣ୍ଡ ସଂଗଠିତ ହୋଇଛି । ଗତ ସୋମବାର ଦିନ ଗିରିରୋଡରେ ଘଟିଥିବା ବର୍ବୋରଚିତ ଆକ୍ରମଣର ଦୁଇ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବିଜେପି ବିଧାୟକଙ୍କ ସହଯୋଗୀ ହୋଇଥିବାରୁ ପୁଲିସ ତାଙ୍କୁ ଗିରଫ କରିବାକୁ ସାହାସ ଜୁଟାଇ ପାରୁନାହିଁ । ବ୍ରହ୍ମପୁର ପୁଲିସ ବିଜେପି ଦଳ ଦ୍ୱାରା ଏଭଳି ଚାପଗ୍ରସ୍ତ ଯେ, ପ୍ରତ୍ୟେକ ଦିନ ବିଧାୟକଙ୍କ ଘରେ ଏସଡିପିଓଙ୍କୁ ହାଜିରା ଦେବାକୁ ପଡୁଛି । ସାଧାରଣ ଲୋକଟିଏ ଥାନାକୁ ଗଲେ ପୁଲିସ ପ୍ରଥମେ ତାଙ୍କୁ ତୁମେ କେଉଁ ଦଳର ସମର୍ଥକ ବୋଲି ପଚାରୁଛି । ଏଫ୍ଆଇଆରରେ ନାଁ ଥିଲେ ମଧ ଶାସକ ଦଳର ଇଙ୍ଗିତରେ ତଦନ୍ତରେ ଅଭିଯୁକ୍ତଙ୍କ ନାଁ କଟାଯାଉଛି । ଏଥିପାଇଁ ଆଜି ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲା ରାଜ୍ୟର କ୍ରାଇମ ହବ୍ ଭାବେ ଅପଖ୍ୟାତି ମୁଣ୍ଡାଇଛି ବୋଲି ସେ କ୍ଷୋଭକ୍ତି ପ୍ରକାଶ କରିଥିଲେ ।

ଶ୍ରୀ ସାହୁ କହିଥିଲେ ଯେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ସାରା ରାଜ୍ୟରେ ବିଜେପି ନେତା ଓ ଅପରାଧୀଙ୍କ ମଧ୍ୟରେ ଏକ ଅନୈତିକ ବୁଝାବଣା ହୋଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଉଛି । ଫଳସ୍ୱରୂପ ପୁଲିସ ମନୋବଳ ଭାଙ୍ଗିଯାଇଛି । ନୟାଗଡରେ ଥାନା ମଧରେ ପୁଲିସକୁ ଆକ୍ରମଣ, ଭୁବନରେ ଥାନା ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗାଡି ଛଡାଇନେବା, ଟାଙ୍ଗିରେ ପୁଲିସ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ଦେଖିବାକୁ ମିଳିଛି । ପିଏସ୍ଓଙ୍କ ବନ୍ଧୁକ ଛଡାଇ ବିଜେପି ବିଧାୟକ ଫାଙ୍କା ଗୁଳିଚାଳନା କଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଅପରାଧୀଙ୍କୁ ଏନକାଉଣ୍ଟର ପାଇଁ ଯେଉଁଦିନ ପୁଲିସ ମହାନିର୍ଦ୍ଦେଶକ କହୁଛନ୍ତି, ସେହିଦିନ ହିଁ ବ୍ରହ୍ମପୁରରେ ଏହିଭଳି ବର୍ବୋଚିତ କାଣ୍ଡ ଘଟୁଛି ।




- ବିଜେପି ଛତ୍ରଛାୟାରେ ଅପରାଧୀ ମନାଉଛନ୍ତି ଅମୃତ ମହୋତ୍ସବ
- ଭୁବନ ଓ ନୟାଗଡରେ ପୁଲିସ ଉପରେ ଆକ୍ରମଣ ଚିନ୍ତାଜନକ
- ଗଞ୍ଜାମରେ ବିଧାୟକଙ୍କ ଘରେ ଏସଡିପିଓ ଦେଉଛନ୍ତି ସବୁଦିନ ହାଜିରା

ଡ. ଲେନିନ୍ ମହାନ୍ତି କହିଥିଲେ ଯେ ନୟାଗଡରେ ଦୈନିକ ଖବରକାଗଜ ସକାଳର ସାମ୍ବାଦିକଙ୍କ ଉପରେ ମିଥ୍ୟା ଦୁଷ୍କର୍ମ ମାମଲା ରୁଜୁ ଓ ଖବରକାଗଜ ପୋଡିବା ଦୁର୍ଭାଗ୍ୟଜନକ । ବିଜେପି ନେତା ଅରିନ୍ଦମ ରାୟ, ସାମ୍ବାଦିକମାନଙ୍କ ପ୍ରତି ଯେଉଁ ଭାଷା ବ୍ୟବହାର କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ, ବିଜେପି ଏହାକୁ ନେଇ ସ୍ପଷ୍ଟୀକରଣ ଦେଉ । ଶାସକ ବିଜେପି ଦଳ ନେତାମାନଙ୍କ ଦ୍ୱାରା ଆଜି ସାମ୍ବାଦିକ ଓ ସାମ୍ବାଦିକତା ବିପଦରେ । ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାକୁ ଡବଲ ଇଞ୍ଜିନ ସରକାର ଅପରାଧୀଙ୍କ ହାତରେ ଟେକି ଦେଇଛନ୍ତି । ପୁଲିସ ମହାନିର୍ଦ୍ଦେଶକ ତୁରନ୍ତ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରନ୍ତୁ ଯଦ୍ୱାରା ସାଧାରଣ ଲୋକ ପୁଲିସ ଉପରେ ଭରସା ରଖିପାରିବେ ବୋଲି ସେ କହିଛନ୍ତି ।

## ଅବଶିଷ୍ଟାଂଶ...

### ଝାରସୁଗୁଡ଼ା ସବୁଠୁ...

ଭାରତର ଅତ୍ୟଧିକ ଗରମ ସମତଳ ଅଞ୍ଚଳରୁ ଆସୁଥିବା ଶୁଖିଲା ପଶ୍ଚିମା ପବନର ପ୍ରଭାବ ରହିଛି । ଉପକୂଳ ଓଡ଼ିଶା ଭଳି ଏହି ଭିତର ଜିଲ୍ଲାଗୁଡ଼ିକୁ ବଙ୍ଗୋପସାଗରରୁ କୌଣସି ପବନ ମିଳେନାହିଁ । ମେଘମୁକ୍ତ ଆକାଶ, ବାୟୁରେ ଅତି କମ୍ ଜଳୀୟବାଷ୍ପ, ଶୁଖିଲା ମାଟି, ପଥରୁଆ ଜାଗା ଏବଂ ପାଣିର ଅଭାବ ଯୋଗୁଁ ସୂର୍ଯ୍ୟଙ୍କ କିରଣ ଦିନସାରା ମାଟିକୁ ବହୁତ ଶୀଘ୍ର ଗରମ କରିଦେଉଛି । ଏହା ସହିତ ପଶ୍ଚିମ ଓଡ଼ିଶାର କେତେକ ଭାଗରେ ଚାଲିଥିବା ଖଣି କାମ, କମିଯାଉଥିବା ଗଛଲତା ଏବଂ ମାଟିର ଶୁଖିଲାପଣ ମଧ ପୃଥିବୀ ପୃଷ୍ଠର ପ୍ରାକୃତିକ ଶୀତଳତା କ୍ଷମତାକୁ ଦୁର୍ବଳ କରିଦେଉଛି । ଏହି କାରଣରୁ ଝାରସୁଗୁଡ଼ା ଭଳି ସ୍ଥାନଗୁଡ଼ିକରେ ବାରମ୍ବାର ୪୫ ଡିଗ୍ରୀରୁ ଅଧିକ ତାପମାତ୍ରା ରେକର୍ଡ କରାଯାଉଛି, ଯାହା ଏହି ଅଞ୍ଚଳକୁ ପୂର୍ବ ଭାରତର ସବୁଠାରୁ ଉତ୍ତପ୍ତ ଅଞ୍ଚଳରେ ପରିଣତ କରିଛି ।

### ଡ୍ରୋନ୍‌ରୁ କ୍ଷେପଣାସ୍ତ୍ର...

ରିସର୍ଚ୍ଚ କମ୍ପାନୀ ମିଳିତ ଭାବେ ଏହାକୁ ବିକଶିତ କରିଛନ୍ତି । ସାମ୍ପ୍ରତିକ ବିଶ୍ୱ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏକ ସ୍ୱତନ୍ତ୍ର 'ଡ୍ରୋନ ଫୋର୍ସ' ଗଠନ କରିବାକୁ ଯାଉଛି । ଏହି ବାହିନୀ ପାଇଁ ପ୍ରାୟ ୫୦, ୦୦୦ ସୈନ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳତା ପାଇଁ ଡିଆରଡିଓ ଏବଂ ସହଯୋଗୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ପରୀକ୍ଷଣ ପ୍ରମାଣିତ କରିଛି ଯେ ଭାରତର ଘରୋଇ ପ୍ରତିରକ୍ଷା ଉତ୍ପାଦନ ଶୃଙ୍ଖଳା ଏବେ ବଡ଼ ଆକାରରେ କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

### ପୁଣି ହାତୀ...

କରିଥିଲେ । ଖବର ପାଇ ବନ ବିଭାଗ ଏବଂ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ଅନ୍ୟପଟେ ମଧୁପୁର ଗାଁର ଧୂଳିଆ ମଧ ଆମ୍ବ ଗୋଟାଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଘଟଣା ସ୍ଥଳରେ ତାଙ୍କର ମଧ ମୃତ୍ୟୁ ହୋଇଥିଲା । ଗତ ଏକ ସପ୍ତାହ ମଧରେ ହାତୀ ଆକ୍ରମଣରେ ଅନୁଗୋଳ ଜିଲ୍ଲାର ୫ ଜଣଙ୍କ ମୃତ୍ୟୁ ହେଲାଣି । ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ତେଜୁଥିବାବେଳେ ବନବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି ।

### ରାଜ୍ୟ କ୍ୟାବିନେଟରେ...

ଉପବିଭାଗ ଅଧିକାରୀ(୧୦୦) ଏବଂ ଉପବିଭାଗ ଅଧିକାରୀ(୫୩) ରହିବ । ସେହିପର ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ ପ୍ରସ୍ତାବକୁ କ୍ୟାବିନେଟ ମୋହର ବାଜିଛି । ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ର ପାଇଁ ଏକ ଦୃଢ଼, ଆଧୁନିକ ଏବଂ ସମାବେଶୀ ଆଇନଗତ ରୂପରେଖ ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯କୁ ରଦ୍ଦ ସହ ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ରିପିଲ୍, ୨୦୨୬ ନାମକ ନୂତନ ଅଧିସୂଚନା ପ୍ରଣୟନକୁ ଅନୁମୋଦନ ଦେଇଛି କ୍ୟାବିନେଟ । କେନ୍ଦ୍ର ସରକାର ନିକଟ ଅତୀତରେ ଖୁଚୁରା ବିକ୍ରୟ ପାଇଁ ଥିବା ଲାଇସେନ୍ସ ବ୍ୟବସ୍ଥାକୁ ରଦ୍ଦ କରିବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷେ ଶକ୍ତି ବିଭାଗର ଏକ ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ତାପଜ ଶକ୍ତି ନୀତି, ୨୦୦୮ ନୀତି ଅଧିନରେ ଧାରା-୩ ଅଧିନରେ ଥିବା ଭବିଷ୍ୟତ ଆଇପିପି ସହ ପ୍ରସ୍ତାବିତ ଏମଓୟୁ ଶୀର୍ଷକକୁ ସଂଶୋଧନ କରି ପ୍ରସ୍ତାବିତ ଶବ୍ଦକୁ ବିଲୋପ କରାଯାଇଛି । ଏହା ପରିବର୍ତ୍ତେ ଭବିଷ୍ୟତ ଆଇପିପିସ୍ ସହ ଏମଓୟୁ ଭାବେ ପରିବର୍ତ୍ତିତ ହେବ । ଏହି ସଂଶୋଧନ ବଳରେ ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ଶକ୍ତିର ପାଞ୍ଚ ପ୍ରତିଶତକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ସଂସ୍ଥାକୁ ଅଧିକାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

### +୨ ପାସ୍ ହାର...

ପାସ୍ ହାର ୯୬.୭୩% ସହ ଶୀର୍ଷରେ ରହିଥିବା ବେଳେ ବାଣିଜ୍ୟରେ ବୌଦ୍ଧ ଜିଲ୍ଲାର ଶତ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରି ସର୍ବାଗ୍ରେ ରହିଛନ୍ତି । କଳାରେ ୮୯.୪୮% ପାସ୍ ହାର ସହ ସମ୍ବଲପୁର ଏବଂ ଧନ୍ଦାମୂଳକ ଶିକ୍ଷାରେ ନବରଙ୍ଗପୁର ଜିଲ୍ଲାର ଶତ ପ୍ରତିଶତ ପିଲା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରେକର୍ଡ କରିଛନ୍ତି । ସୂଚନାଯୋଗ୍ୟ, ଚଳିତବର୍ଷ ମୋଟ୍ ୪,୦୧,୬୨୩ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୩,୯୮,୦୯୦ ଜଣ ପରୀକ୍ଷା ଦେଇଛନ୍ତି । ତନ୍ମଧ୍ୟରୁ ୩,୪୧,୭୮୧ ଜଣ ପାସ୍ କରିଛନ୍ତି । ଅବଶିଷ୍ଟ ୩୫୩୩ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି । ଆସନ୍ତା ୨୧ ତାରିଖ ଠାରୁ ଛାତ୍ରଛାତ୍ରୀମାନେ ଡିଜି ଲକରରୁ ସେମାନଙ୍କ ମାର୍କସିଟ୍ ଡାଉନଲୋଡ୍ କରିପାରିବେ । ସେହିପରି ଜୁନ୍ ୧୫ ତାରିଖ ମଧରେ ମାର୍କସିଟ୍‌ର ହାର୍ଡ କପି ନିଜ ଶିକ୍ଷାନୁଷ୍ଠାନରୁ ପାଇପାରିବେ ବୋଲି କୁହାଯାଇଛି ।

ସିଏଚ୍ଏସଇ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରି କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହାସହ ଚଳିତବର୍ଷ ପ୍ରଥମଥର ପାଇଁ ହେବାକୁ ଥିବା ଇମ୍ପ୍ରୁଭମେଣ୍ଟ ପରୀକ୍ଷା ସମ୍ପର୍କରେ ଘୋଷଣା କରିଛନ୍ତି । ସମସ୍ତ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ । ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ । ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ । ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ପୂର୍ବପରି ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ । ଉଭୟ ଇମ୍ପ୍ରୁଭମେଣ୍ଟ ଓ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ଆସନ୍ତା ୨୭ ତାରିଖ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ଜୁଲାଇ ପ୍ରଥମ ସପ୍ତାହରେ ପରୀକ୍ଷା ଅନୁଷ୍ଠିତ ହେବ । ଜୁଲାଇ ୨୦ ତାରିଖ ସୁଦ୍ଧା ଏସବୁ ପରୀକ୍ଷା ସାରି ରେଜଲ୍ଟ ପ୍ରକାଶ କରିବାକୁ ସିଏଚ୍ଏସଇ ଲକ୍ଷ୍ୟ ରଖିଛି । ପରୀକ୍ଷା ଫଳ ଉନ୍ମୋଚନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସମେତ ବିଭାଗୀୟ ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, ସିଏଚ୍ଏସ୍ଇ ଅଧକ୍ଷ ମୃଣାଳ କାନ୍ତି ଦାସ, ସ୍ୱତନ୍ତ୍ର ଶାସନ ସଚିବ ଲୋପାମୁଦ୍ରା ମହାନ୍ତି, ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା, ପରୀକ୍ଷା ପରିଚାଳନା କମିଟିର ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଫାଙ୍କୁଥିଲେ...

କିଛି ଜାଗାରେ କଟ୍‌ନୀଛଟ୍‌ନୀ ଚାଲିଥିବା ନେଇ ଆମ ପାଖକୁ ଖବର ଆସୁଛି । ତେଣୁ ଅଧିକାରୀମାନଙ୍କୁ ଆଜି ସତର୍କ କରାଇ ଦିଆଯାଇଛି । କୃଷକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ତାହାକୁ ସୁନିଶ୍ଚିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । କଟ୍‌ନୀଛଟ୍‌ନୀକୁ ନିୟନ୍ତ୍ରଣ କରାଯାଉଛି । ଆଗକୁ ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ମନ୍ତ୍ରୀଙ୍କ ଏହି ଉକ୍ତି ପରେ ବିରୋଧୀ ଯେଉଁ ଅଭିଯୋଗ କରି ଆସୁଥିଲେ ତାହାକୁ ବଳ ମିଳିଛି । ରାଜ୍ୟରେ ବିଜେପି ସରକାର ହେଲେ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦେ ହେବା ସହ ୮୦୦ ଟଙ୍କାର ଇନପୁଟ ସହାୟତା ପ୍ରଦାନ କରି ଚାଷୀଙ୍କଠାରୁ ୩୧୦୦ ଟଙ୍କାରେ ଧାନ କିଣାଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଥିଲା । ସରକାର ଗଠନ ପରେ ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣାଯାଇଥିଲେ ମଧ କଟ୍‌ନୀଛଟ୍‌ନୀ ବ୍ୟାପକ ଭାବେ ବଢ଼ିଯାଇଥିଲା । ସାରା ରାଜ୍ୟରେ ୮-୧୨ କିଲୋ ପର୍ଯ୍ୟନ୍ତ କ୍ୱିଣ୍ଟାଲ ପିଛା କଟ୍‌ନୀଛଟ୍‌ନୀ ହେବା ପରେ ସାରା ରଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ପ୍ରବଳ ତମ୍ବିତୁଫାନ କରିବା ସହ ବିଧାନସଭାରେ ମଧ ଏହି ପ୍ରସଙ୍ଗ ଉଠିଥିଲା । ଏହାସହିତ ବିଭିନ୍ନ ଚାଷୀ ସଂଗଠନଠାରୁ ଆରମ୍ଭ କରି ନବ ନିର୍ମାଣ କୃଷକ ସଂଗଠନ ଏହି ଘଟଣାରେ ସରକାରଙ୍କୁ ପ୍ରବଳ ବିରୋଧ କରିଥିଲା । ହେଲେ କୌଣସି ବି ପରିସ୍ଥିତିରେ ରାଜ୍ୟରେ କଟ୍‌ନୀଛଟ୍‌ନୀ ଚାଲୁଥିବା ନେଇ ସରକାର ସ୍ୱୀକାର କରି ନ ଥିଲେ । ବିଜେପି ସରକାର ଗଠନ ପରଠାରୁ ଯୋଗାଣ ବିଭାଗ ହିଁ ଏକମାତ୍ର ବିଭାଗ ଭାବେ ରାଜ୍ୟ ସରକାରଙ୍କ ପାଇଁ ବହୁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ସରକାର ଗଠନର ମାତ୍ର ଅଳ୍ପ କିଛି ଦିନ ଭିତରେ ଆଳୁ ପ୍ରସଙ୍ଗରେ ସରକାର ଅଠାକାଠିରେ ପଡ଼ିଥିଲେ । ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଉତ୍ତର ପ୍ରଦେଶ କିମ୍ବା ଅନ୍ୟ ରାଜ୍ୟର ନାଁ ନେଇ ଆଳୁ ସେଠାରୁ ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଏହା କୌଣସି କାମ କରି ନ ଥିଲା । ପରେ ରାସନ୍ କାର୍ଡ ଇ-କେୱାଇସି ଘଟଣା ମଧ ସରକାରଙ୍କ ମୁଣ୍ଡ ବିନ୍ଧା ବଢ଼ାଇଥିଲା । ଏହା ପରେ ମଣ୍ଡି ଅବ୍ୟବସ୍ଥା ସବୁ ସୀମା ଟପିଯାଇଥିଲା । ଦୀର୍ଘ ଦିନ ପର୍ଯ୍ୟନ୍ତ ମଣ୍ଡିରୁ ଧାନ ନ ଉଠିବା ଓ ମଣ୍ଡି ଯନ୍ତ୍ରଣା ପାଇଁ ରାଜନଗରରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ସରକାରଙ୍କୁ ବଦନାମ କରିଥିଲା । ଏବେ ଗ୍ୟାସ୍‌ଠାରୁ ଆରମ୍ଭ କରି ପେଟ୍ରୋଲ ଡିଜେଲ ସମସ୍ୟା ମଧ ରାଜ୍ୟବାସୀଙ୍କ ପାଇଁ ଚିନ୍ତା ବଢ଼ାଇଛି । ଆରମ୍ଭରୁ ବିଭିନ୍ନ ବିବାଦରେ ଫସିଥିବା ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ମଧ ପୂର୍ବରୁ ଦାବି ହୋଇଛି । ଏବେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଯାଇଥିବା ବେଳେ ଠିକ୍ ଏହି ସମୟରେ ମନ୍ତ୍ରୀଙ୍କ କଟ୍‌ନୀଛଟ୍‌ନୀ ଉକ୍ତି ସରକାରଙ୍କ ପାଇଁ ଆହୁରି ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

### ଏସଆଇଆର ତଦାରଖ...

ମଣ୍ଡଳୀରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ମାନଙ୍କ ନିଯୁକ୍ତି, ସେମାନଙ୍କର ପ୍ରଶିକ୍ଷଣ, ଦକ୍ଷତା ବିକାଶ ଏବଂ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ସମସ୍ତ କାର୍ଯ୍ୟର ସମୀକ୍ଷା ଓ ତଦାରଖ କରିବେ । ଟିମ୍ ସେମାନଙ୍କର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଏଲ୍ଏ ନିଯୁକ୍ତି ଓ ପ୍ରଶିକ୍ଷଣର ସ୍ଥିତି ଅନୁଧ୍ୟାନ କରିବା ସହ ଏ ସମ୍ପର୍କିତ ସମସ୍ତ ବିବରଣୀ ପ୍ରତି ସପ୍ତାହରେ ବିଜେଡି ସଭାପତିଙ୍କୁ ସାପ୍ତାହିକ ରିପୋର୍ଟ ଆକାରରେ ପ୍ରଦାନ କରିବେ ।

### ଖୋର୍ଦ୍ଧା-ନୟାଗଡ଼...

୧୦ ହଜାର ପାସେଞ୍ଜର କାର୍ ୟୁନିଟ୍ (ପିସିଓ) ରହିଲେ ରାସ୍ତାଟି ୪ ଲେନ୍ ବିଶିଷ୍ଟ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଥାଏ । ଖୋର୍ଦ୍ଧା-ନୟାଗଡ଼ ରାସ୍ତା ଟ୍ରାଫିକ ସର୍ଭେରେ ଏହି ଯୋଗ୍ୟତା ଅର୍ଜନ କରୁଥିଲେ ମଧ ଏହାକୁ କାହିଁକି ଅଣଦେଖା କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
25001/189/2627
E.Mail – rw_rourkela@yahoo.co.in
TENDER CALL NOTICE
BID IDENTIFICATION NO. ONLINE-EERKL-04 of 2026-27

1. Name of the Work : Building Works
2. Total No. of works : 04(Four) Nos.
3. Estimated cost : Rs. 5.67 to 17.23 Lakhs
4. Class of contractor : "D" & "C" Class
5. Period of completion : 03 (Three) Months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online - EERKL-04 of 2026-27 | 25.05.2026 from 10.00 AM | 02.06.2026 upto 05.00 PM | 01.06.2026 upto 5.00 PM | 03.06.2026 at 11.00 AM |

Further details can be seen from the website www.tendersorissa.gov.in & for more information please visit the office.
Executive Engineer
RW Division-II, Sundargarh
OIPR-25001/25193/1/26-27/0008

Deputy Director Soil Conservation-cum-Project Director Watersheds, Bargarh
Tender Notice No. 705 Dated. 18/5/26
Sealed quotations tenders are invited from interested reputed Travel Agencies/Tour Operators/Individuals for providing 01 (One) No of Bolero( Neo N8/Neo N10/Bs6 with white color) having sitting capacity not more than 07 including driver, which shall confirm to the terms and conditions (Appendix-A) for official use in Department/Office on monthly rent basis
Cost of Tender paper : Rs. 100/-
EMD Amount : Rs.5000/-
Last date of submission of Tender : Dt.30.5.2026,10.00AM
Opening of Sealed quotations tender : Dt.30.5.2026,11.00AM
The Deputy Director Soil Conservation-cum-Project Director Watersheds, Bargarh reserves the right to change/cancel the tender without assigning any reason thereof.
For details please visit www.bargarh.odisha.gov.in. Or the office of the Deputy Director Soil Conservation-cum-Project Director Watersheds, Bargarh.
1001/50/2627
Deputy Director Soil Conservation
Cum Project Director Watersheds, Bargarh
OIPR-1001/1473/1/26-27/0002

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡ
(Email ID: - excisesupdt.bargarh@od.gov.in)
ଶୁଦ୍ଧିପତ୍ର
ବରଗଡ ଜିଲ୍ଲାର ୨୨ (ବାଇଶି ) ଗୋଟି ବିଦେଶୀ ମଦ ଦୋକାନର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି
ଚିଠି ସଂଖ୍ୟା : ୭୦୫/ଅ. ତାରିଖ: ୧୮.୦୫.୨୦୨୬
ସଂଶୋଧିତ/ ବର୍ଦ୍ଧିତ ସମୟ ସୂଚୀ ନିମ୍ନ ପ୍ରକାରେ ଅଟେ
ବରଗଡ ଜିଲ୍ଲାର ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଲଟେରୀ ମାଧ୍ୟମରେ ୨୨ (ବାଇଶି ) ଗୋଟି ଦେଶୀ ମଦ ଦୋକାନଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ସମ୍ପର୍କିତ ଏହି କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା-୭୦୫/ଅ., ତାରିଖ ୧୮-୦୫-୨୦୨୬ର ଆଂଶିକ ସଂଶୋଧନ ପୂର୍ବକ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଜଣାଇ ଦିଆଯାଉଛି ଯେ, ପ୍ରଶାସନିକ କାରଣରୁ ଅନଲାଇନ୍ ଆବେଦନ ପତ୍ର ଦାଖଲର ଶେଷ ତାରିଖ ଏବଂ ଲଟେରୀ ଉଠାଣର ତାରିଖକୁ ବର୍ଦ୍ଧିତ କରାଯାଇଛି ।

| କ୍ରମିକ ସଂଖ୍ୟା | ବିବରଣୀ | ପୂର୍ବ ନିର୍ଦ୍ଧାରିତ ତାରିଖ | ବର୍ଦ୍ଧିତ ତାରିଖ |
|---|---|---|---|
| ୦୧ | ଆବେଦନ ପତ୍ର ଦାଖଲର ଶେଷ ତାରିଖ | ୨୧.୦୫.୨୦୨୬ | ୨୫.୦୫.୨୦୨୬ |
| ୦୨ | ଲଟେରୀ ଉଠାଣର ତାରିଖ ଓ ସମୟ | ୨୬.୦୫.୨୦୨୬ (ସକାଳ ୯ ଘଟିକା) ଜିଲ୍ଲାପରିଷଦ ସଭାଗୃହ, ବରଗଡ଼ | ୦୨.୦୬.୨୦୨୬ (ସକାଳ ୯ ଘଟିକା) ଜିଲ୍ଲାପରିଷଦ ସଭାଗୃହ, ବରଗଡ |

- ଆବେଦନ ପତ୍ରଗୁଡ଼ିକ ଅନଲାଇନ୍ ମାଧ୍ୟମରେ ଏହି ପୋର୍ଟାଲ୍ ଦ୍ୱାରା ଦାଖଲ କରାଯାଇପାରିବ: http://stateexcise.odisha.gov.in
- ମୂଳ ବିଜ୍ଞପ୍ତିର ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
- ଦୋକାନଗୁଡ଼ିକର ସବିଶେଷ ବିବରଣୀ ଏବଂ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟ୍ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ବରଗଡ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡର ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି ।

ବି.ଦ୍ର.:-ସେବା ପାଇଁ ଟୋଲ୍ ଫ୍ରି ନମ୍ବର- ୧୫୫୩୩୫/୧୮୦୦୩୪୫୬୭୭୦
ସେବା ସମୟ- ସମସ୍ତ ସରକାରୀ କାର୍ଯ୍ୟ ଦିବସ ସକାଳ ୧୦.୦୦ ଘଟିକା ଠାରୁ ସନ୍ଧ୍ୟା ୬.୦୦ ଘଟିକା
ସ୍ୱା/- ଜିଲ୍ଲାପାଳ, ବରଗଡ

OFFICE OF THE ANGUL MUNICIPALITY, ANGUL 13001/559/2627
No. 1812 Date 19/5/2026
TENDER CALL NOTICE
Sealed tenders in prescribed form are invited from the specified class of contractors registered with Govt. of Orissa for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.20.05.2026 to 29.05.2026 up to 5.00 P.M. The tenderers should deposit the E.M.D. at the rate of 1% of the estimated cost as indicated in shape of cash deposit T.D/Postal saving pass book duly pledged in favour of Executive Officer, Angul Municipality along with the tender documents. The tender will be received up to 11.00 A.M. on dt.30.06.2026 in the office of the Executive Officer, Angul Municipality. The tender will be opened on 30.06.2026 at 11.30 A.M. in the presence of the tenderers or their authorized agents if present. The valid RC, PAN card & GSTIN should be accompanied with the tender documents. All other detail information can be available from the office of the Executive Officer, Angul Municipality. The authority reserves the right to reject any or all tenders without assigning any reason thereof.

| Sl. No | Name of the work | Estimated amount (excluding GST) | Cost of tender paper (Non-refundable) | E.M.D (In Rs.) | Class of Contract | Time of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Surrounding area Development of multiply station inside Brahmandei park in ward No.4 | Rs.1,43,618.00 | Rs.600/- | Rs.1450/- | 'D' & 'C' Class | One month |
| 02 | Construction of drain Sanat Kumar house to D.K. Sahoo ward No.1 | Rs.1,62,983.00 | Rs.600/- | Rs.1650/- | 'D' & 'C' Class | One month |
| 02 | Collecting and spreading of crusher dust at different location of Angul Municipality (ward No.01,02,03,04, 05,06,10,12, 13, 15,17, 18, 21 & 23) | Rs.1,68,109.00 | Rs.600/- | Rs.1700/- | -do- | -do- |
| 03 | Repairing of road from Childrens park to Thana chhak in ward No.14 | Rs.1,68,863.00 | Rs.600/- | Rs.1700/- | -do- | -do- |
| 04 | Repairing of boundary wall back side of Fruits market near Kadam padia in ward No.21 | Rs.1,69,000.00 | Rs.600/- | Rs.1700/- | -do- | -do- |
| 05 | Const. of drain inside Kadam padia in ward No.21 | Rs.1,69,150.00 | Rs.600/- | Rs.1700/- | -do- | -do- |
| 06 | Const. of Tarini Mandap new old Bus-stand in ward No.21 | Rs.2,29,941.00 | Rs.2000/- | Rs.2300/- | -do- | -do- |
| 07 | Const. of Toilet at back side of Kalakendra office building | Rs.2,22,539.00 | Rs.2000/- | Rs.2250/- | -do- | -do- |
| 08 | Const. of paver road from Kalyani mandap to Chinmaya mission house ward No.4 | Rs.3,57,293.00 | Rs.2000/- | Rs.3600/- | -do- | -do- |
| 09 | Colour washing of Baanti Durga Mandap and construction of paver block platform for open Air Gym in ward No.20 | Rs.4,22,620.00 | Rs.2000/- | Rs.4250/- | -do- | -do- |

Executive Officer
Angul Municipality
OIPR-13001/13085/1/26-27/0002

AFFIDAVIT
I, Muhammad Dilshad Alam, aged about 40 years, S/o- Mohammad Naushad Alam, resident of Ward No.2, Naushad & Sons Apartment, Rajgangpur, PO/PS: Rajgangpur, Dist: Sundargarh, Odisha-770017 declared by this affidavit No. A/46, dtd-19/05/2026 that now onwards I shall be known as **MOHAMMAD DILSAD ALAM** for all future purposes.

LOST
ମୁଁ **ସବିତା ସାମନ୍ତରାୟ,** ସ୍ୱାମୀ-ରତିକାନ୍ତ ସାମନ୍ତରାୟ, ଠିକଣା: ଗ୍ରାମ-କୋଟିଆଖାଲ, ପୋଷ୍ଟ-ପରିଛଳ, ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧା ଏତଦ୍ୱାରା ଜଣାଉଅଛି କି କୋଟିଆଖାଲ ରୁ ବେଗୁନିଆ ଯିବା ବାଟରେ ମୋର ଏକ ବ୍ୟାଗଟି କେଉଁଆଡ଼େ ହଜିଯାଇଅଛି । ସେହି ବ୍ୟାଗରେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହିତ ଖତିୟାନ ନଂ-**986/158** ଲେଖାଥିବା ଏକ ବିକ୍ରୟ ପତ୍ର (ଦଲିଲ) ଥିଲା । ଯଦି ଉକ୍ତ ବ୍ୟାଗଟିକୁ କେହି ସହୃଦୟବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନଂ **7978605091** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଘୋଷଣାନାମା
ଆମ୍ଭେ ନିମ୍ନ ସାକ୍ଷରକାରୀ ରାଇବଣିଆ ଥାନା ଅନ୍ତର୍ଗତ ଚମାରଗାଁ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମୌଜା- ତେଘରିର ସ୍ଥାୟୀ ବାସିନ୍ଦା ଅଟୁ । ଏତଦ୍ୱାରା ଆମ୍ଭେମାନେ ଧୀରଚିତ୍ତ ମସ୍ତିଷ୍କ ତଥା ବିନା ଚାପ ବଶବର୍ତ୍ତୀ ହୋଇ ନିମ୍ନମତେ ପ୍ରକାଶ କରୁଅଛୁ କି, ଶ୍ରୀଯୁକ୍ତ ହରିଶ ଚନ୍ଦ୍ର ଗିରି, ପିତା- ନିଆସି ଗିରି ଆମ୍ଭ ତେଘରି ଗ୍ରାମର ଜଣେ ସ୍ଥାୟୀ ବାସିନ୍ଦା ଅଟନ୍ତି । ଶ୍ରୀଯୁକ୍ତ ହରିଶ ଚନ୍ଦ୍ର ଗିରିଙ୍କ ଅନ୍ୟ ଏକ ନାମ ଶ୍ରୀଯୁକ୍ତ ହରି ନାରାୟଣ ଗିରି, ପିତା-ନିଆସୀ ଚରଣ ଗିରି ଅଟେ । ଏଣୁ ଆମ୍ଭେ ତେଘରି ଗ୍ରାମର ଶ୍ରୀଯୁକ୍ତ ହରିଶ ଚନ୍ଦ୍ର ଗିରି, ପିତା- ନିଆସି ଗିରି ଏବଂ ଶ୍ରୀଯୁକ୍ତ ହରି ନାରାୟଣ ଗିରି ପିତା-ନିଆସୀ ଚରଣଗିରି ଏକ ଓ ସମାନ ଅଟନ୍ତି ।

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି ।
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2026-27/28, ତା.15.05.2026ରିଖ
01. ଟେଣ୍ଡର ନଂ. 04261037: ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କପଲିଂ ସକେଟ୍ ଆସେମ୍ବଲି, ପରିମାଣ : 433 ଗୋଟି
02. ଟେଣ୍ଡର ନଂ. 04261001 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲଭ ନିୟନ୍ତ୍ରିତ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ
03. ଟେଣ୍ଡର ନଂ. 05265027 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରୁଟ୍ LED ସିଗ୍ନାଲ୍ ଲାଇଟିଂ ୟୁନିଟ୍, ପରିମାଣ : 800 ଗୋଟି
04. ଟେଣ୍ଡର ନଂ. 02261185 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଧାତୁକୃତ କାର୍ବନ ଷ୍ଟ୍ରିପ୍, ପରିମାଣ : T.S. ଅନୁସାରେ
05. ଟେଣ୍ଡର ନଂ. 02261608 : 3 ଫେଜ୍ ଲୋକୋ ପାଇଁ ନିକେଲ୍ କ୍ୟାଡମିୟମ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ
06. ଟେଣ୍ଡର ନଂ. 03263791 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଲ୍ ଜଏଣ୍ଟ ରୋଲ୍ ଲିଙ୍କ୍, ପରିମାଣ : 8659 ଗୋଟି
07. ଟେଣ୍ଡର ନଂ. 03261626 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଉଚ୍ଚ କ୍ଷମତାସମ୍ପନ୍ନ ଥର୍ମୋପ୍ଲାଷ୍ଟିକ୍ ପଲିଷ୍ଟର ଇଲାଷ୍ଟୋମର, ପରିମାଣ : 7454 ଗୋଟି
08. ଟେଣ୍ଡର ନଂ. 03263903 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରାଥମିକ ଭର୍ଟିକାଲ ଡ୍ୟାମ୍ପର, ପରିମାଣ : 3603 ଗୋଟି
09. ଟେଣ୍ଡର ନଂ. 02261163 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CGL ପାଇଁ ସମ୍ପୂର୍ଣ୍ଣ ଇନଭର୍ଟର କାର୍ଡ, ପରିମାଣ : 21 ଗୋଟି
10. ଟେଣ୍ଡର ନଂ. 03263790 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଲ୍ ଜଏଣ୍ଟ ଟ୍ରାକ୍ସନ୍ ଲିଭର, ପରିମାଣ : 9491 ଗୋଟି
ଟେଣ୍ଡର ଖୋଲାଯିବା ତାରିଖ : **28.05.2026** (କ୍ରମ ସଂ. 02 ପାଇଁ), **29.06.2026** (କ୍ରମ ସଂ. 01 ପାଇଁ), **01.06.2026** (କ୍ରମ ସଂ. 05 ପାଇଁ), **02.06.2026** (କ୍ରମ ସଂ. 09 ପାଇଁ), **05.06.2026** (କ୍ରମ ସଂ. 06 ଏବଂ 07 ପାଇଁ), **08.06.2026** (କ୍ରମ ସଂ. 03, 04 ଏବଂ 08 ପାଇଁ) ଏବଂ **10.06.2026** (କ୍ରମ ସଂ. 10 ପାଇଁ), ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର
PR-172/R/26-27

## ଅନ୍‌ଲାଇନ୍ ଔଷଧ ବିକ୍ରୟକୁ ବିରୋଧ

# ଔଷଧ ଦୋକାନୀଙ୍କ ଧର୍ମଘଟ; ରୋଗୀ ହନ୍ତସନ୍ତ









ରାଉରକେଲା, ୨୦।୫(ସମିସ)

କରୋନା ସମୟରେ ସମଗ୍ର ଦେଶରେ ଆରମ୍ଭ କରାଯାଇଥିବା ଅନ୍‌ଲାଇନ୍ ମେଡିସିନ୍ ବିକ୍ରୟ ଏ ପର୍ଯ୍ୟନ୍ତ ଜାରି ରହିଥିବାରୁ ଏହାକୁ ବିରୋଧ କରି ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଆଜି ଔଷଧ ଦୋକାନୀଙ୍କ ଧର୍ମଘଟ ପାଳନ କରାଯାଇଥିଲା। ଦିନସାରା ଔଷଧ ଦୋକାନ ବନ୍ଦ ରହିଥିବା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ମେଡିସିନ୍ ସହିତ ନିଶା ଔଷଧ ମଧ୍ୟ ମିଳୁଥିବାରୁ ଏହାର କୌଣସି ରେକର୍ଡ ରଖାଯାଉ ନଥିବା ବେଳେ ଔଷଧ ଦୋକାନ ବା ମେଡିସିନ ଷ୍ଟୋରରେ ଏ ସମସ୍ତ କାର୍ଯ୍ୟ ଲିଖିତ ଆକାରରେ ରଖିବାକୁ ପଡୁଛି। ଏଥିସହିତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଡ୍ରଗ୍ସ ଇନିସପେକ୍ଟରମାନେ ଏହାର ତନଖି କରୁଛନ୍ତି ଏବଂ ଏହାର ବ୍ୟତିକ୍ରମରେ ମେଡିସିନ୍ ଷ୍ଟୋରକୁ ଜୋରିମାନା ମଧ୍ୟ କରୁଛନ୍ତି। ଏହା ଫଳରେ ମେଡିସିନ୍ ଷ୍ଟୋରମାନେ ଅସୁବିଧାରେ ପଡୁଛନ୍ତି। ଅନ୍ୟପକ୍ଷରେ ଅନ୍ ଲାଇନ୍ ମେଡିସିନ୍ ବିକ୍ରୟ ଯୋଗୁଁ ମେଡିସିନ୍ ଷ୍ଟୋରମାନେ ବିଭିନ୍ନ ପ୍ରକାର କ୍ଷତି ସହୁଥିବା ଅଭିଯୋଗ କରି ଦୋକାନୀମାନେ ଏହି ଧର୍ମଘଟ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସଭାପତି ଅନିଲ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ପଦାଧିକାରୀ ସରକାରଙ୍କ ଏହି ପଦକ୍ଷେପ ଭାରତର ସମସ୍ତ ଔଷଧ ଦୋକାନୀଙ୍କୁ ପ୍ରଭାବିତ କରୁଥିବାରୁ ଆଜିର ଏହି ବନ୍ଦ ପାଳନ କରାଯାଉଥିବା କହିଛନ୍ତି। ଅନ୍ୟପଟରେ ଆଜି ବିଭିନ୍ନ ସ୍ଥାନରେ ଜନ ଔଷଧୀ କେନ୍ଦ୍ର, ମେଡିସିନ୍ ଷ୍ଟୋର ବନ୍ଦ ରହିଥିବାରୁ ସରକାରୀ ଡାକ୍ତରଖାନା, ବେସରକାରୀ ଡାକ୍ତରଖାନାଗୁଡ଼ିକରେ ରୋଗୀମାନେ ଔଷଧ ପାଇଁ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। କିଛି ସ୍ଥାନରେ ରୋଗୀଙ୍କ ଚିକିତ୍ସା ମଧ୍ୟ ପ୍ରଭାବିତ ହୋଇଥିବା ଶୁଣିବାକୁ ମିଳିଛି।

**ବଣାଇଁ:** ବଣାଇଁ ସହର ସମେତ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଆଜି ମେଡ଼ିସିନ ଷ୍ଟୋର ବନ୍ଦ ରହିଥିବାରୁ ସାଧାରଣ ଲୋକ ଓ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜରୁରୀ ଔଷଧ କିଣିବା ପାଇଁ ଲୋକମାନେ ଏକ ଷ୍ଟୋରରୁ ଅନ୍ୟ ଷ୍ଟୋରକୁ ଘୁରିଥିଲେ ମଧ୍ୟ ଅଧିକାଂଶ ଦୋକାନ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ମେଡ଼ିସିନ ବ୍ୟବସାୟୀ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ଦାବି ପୂରଣ ପାଇଁ ଏହି ବନ୍ଦ ପାଳନ କରାଯାଇଥିବା ସୂଚନା ମିଳିଛି। ବିଶେଷ କରି ଦୈନିକ ଔଷଧ ଉପରେ ନିର୍ଭରଶୀଳ ବୃଦ୍ଧ, ଡାଇବେଟିସ ଓ ହୃଦ୍‌ରୋଗୀମାନେ ବେଶି ହଇରାଣ ହୋଇଥିଲେ। ସରକାରୀ ହସ୍ପିଟାଲ ନିକଟରେ କିଛି ଜରୁରୀ ସେବା ଷ୍ଟୋର ଖୋଲା ଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏହାଫଳରେ ଦୂରଦୂରାନ୍ତରୁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ସୂଚନା ଦେଇଛି।

## ଆର୍‌ଏସ୍‌ପିର ପ୍ରୋପେନ୍ ପ୍ଲାଣ୍ଟରେ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍

**ରାଉରକେଲା, ୨୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟର ପ୍ରୋପେନ୍ ପ୍ଲାଣ୍ଟ-୩ ଠାରେ ୨୦ ମେ ୨୦୨୬ ତାରିଖରେ ଏକ ପ୍ରୋପେନ୍ ଗ୍ୟାସ୍ ଅଗ୍ନିକାଣ୍ଡର କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଓଡ୍ରାଫ୍ (ଓଡିଆରଏଫ) ସହିତ ଆରଏସପିର ଅଗ୍ନିଶମ ସେବା ଏବଂ ସେଫ୍ଟି ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏକ ମିଳିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଡ୍ରିଲ୍ ସିଜିଏମ୍ ଇନଚାର୍ଜ (ସର୍ଭିସେସ୍) ଏବଂ କାର୍ଯ୍ୟକାରୀ ଇଡି (ୱାର୍କସ) ଅତିଶ ଚନ୍ଦ୍ର ସରକାର, ସିଆଇଏସଏଫର ଡିଆଇଜି ବିଷ୍ଣୁ ସ୍ୱରୂପ, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଉପ ନିର୍ଦ୍ଦେଶକ ବିଭୁ ପ୍ରସାଦ, ଡିଏସ୍‌ପି ଜିତେନ ସେଠୀ, ସିଆଇଏସ୍‌ଏଫ୍‌ର ସିନିୟର କମାଣ୍ଡାଣ୍ଟ ବିଜୟ କୁମାର, ମୁଣ୍ଡଳୀ ତୃତୀୟ ଏନଡିଆରଏଫର ୨ଆଇସି ବର୍ଦ୍ଧମାନ ମିଶ୍ର, ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଆସିଷ୍ଟାଣ୍ଟ ଡିରେକ୍ଟର ଜି. ମାର୍ଡି ଏବଂ କାରଖାନା ଓ ବଏଲର, ଏନଡିଆରଏଫ, ଏସଡିଆରଏଫ, ଓଡିଆରଏଫ, ସିଆଇଏସଏଫର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା। ଆର୍‌ଏସ୍‌ପି ପକ୍ଷରୁ ସିଜିଏମ୍ (ମେଣ୍ଟେନାନ୍ସ) ଏସ୍‌ଏସ୍ ରାୟଚୌଧୁରୀ, ସିଜିଏମ୍ (ୟୁଟିଲିଟିଜ୍ ଆଣ୍ଡ ଏନଭାଇରନମେଣ୍ଟ) ଆଶା କାର୍ଥା, ସିଜିଏମ୍ (ଏଚ୍‌ଆର୍) ମାନସ ରଞ୍ଜନ ରଥ, ସିଜିଏମ୍ (ସେଫ୍‌ଟି ଆଣ୍ଡ ଫାୟାର) ହୀରାଲାଲ ମହାପାତ୍ର, ଜିଏମ୍ (ଏସ୍‌ଇଡି) ଅବକାଶ ବେହେରା, ଅନେକ ସିଜିଏମ୍, ସେଫ୍ଟି, ଅଗ୍ନିଶମ ସେବା, ଓଏଚଏସସି ଏବଂ ଅକ୍ସିଜେନ୍ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଶ ଚନ୍ଦ୍ର ସରକାର ୱର୍କମ୍ୟାନ୍ କଣ୍ଟ୍ରୋଲର (କାର୍ଯ୍ୟକ୍ଷେତ୍ର ନିୟନ୍ତ୍ରକ) ଭାବେ ଦାୟିତ୍ୱ ତୁଲାଇଥିଲେ। ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର ତଥା ଅକ୍ସିଜେନ୍ ପ୍ଲାଣ୍ଟର ଜିଏମ୍ ଇନଚାର୍ଜ ଏସ୍. ଏସ୍. ସାଇନିଙ୍କ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଘୋଷଣା କରାଯିବା ସହ ମକ୍ ଡ୍ରିଲ୍ ଆରମ୍ଭ ହୋଇଥିଲା। ସମଗ୍ର ଦଳକୁ କମ୍ବାଟ୍ ଟିମ୍ (ମୁକାବିଲା ଦଳ), ରେସକ୍ୟୁ ଟିମ୍ (ଉଦ୍ଧାରକାରୀ ଦଳ) ଏବଂ ଅକ୍ସିଲିଆରି ଟିମ୍ (ସହାୟକ ଦଳ) ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା। ଯେଉଁଥିରେ ଏସଡିଆରଏଫ, ଅକ୍ସିଜେନ୍ ପ୍ଲାଣ୍ଟ, ଅଗ୍ନିଶମ ସେବା ଏବଂ ସିଆଇଏସଏଫର ସଦସ୍ୟମାନେ ସାମିଲ ଥିଲେ। କମ୍ବାଟ୍ ଟିମ୍‌ର ନେତୃତ୍ୱ ଜିଏମ୍ (ଅକ୍ସିଜେନ୍ ପ୍ଲାଣ୍ଟ) ୟୁକେ ଭୁଜବଳ ଏବଂ ସିନିୟର ମ୍ୟାନେଜର ଏମ୍ ପ୍ରଧାନ ନେଇଥିବା ବେଳେ ରେସକ୍ୟୁ ଟିମ୍‌ର ନେତୃତ୍ୱ ଡିଜିଏମ୍ ସିପି ବାସ୍କେ ଏବଂ ଏଜିଏମ୍ ଆର୍. ନାୟକ ନେଇଥିଲେ। ଅକ୍ସିଲିଆରି ଟିମ୍‌ର ନେତୃତ୍ୱ ଅକ୍ସିଜେନ୍ ପ୍ଲାଣ୍ଟର ଏଜିଏମ୍ ଏସ୍‌କେ ପାଣିଗ୍ରାହୀ ନେଇଥିଲେ। ଜିଏମ୍ (ଅଗ୍ନିଶମ ସେବା) ପି.ଏସ୍ ଠାକରେ ଅଗ୍ନିଶମ ସେବା ଦଳ ପକ୍ଷରୁ ସହଯୋଗ ପ୍ରଦାନ କରିଥିଲେ। ବିଭୁ ପ୍ରସାଦ ସଙ୍କଟ ପରିଚାଳନା ଏବଂ ବିପଦ ନିୟନ୍ତ୍ରଣ କ୍ଷେତ୍ରରେ ମିଳିତ ମକ୍ ଡ୍ରିଲ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ମକ୍ ଡ୍ରିଲ୍‌କୁ ଅବକାଶ ବେହେରା ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ ମ୍ୟାନେଜର (ଏସଇଡି) ପ୍ରଜ୍ଞା ନାଥ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।




● **ବିଜେଡିର ନାରୀ ଅଧିକାର ଅଭିଯାନ**

## ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାର ବିରୋଧରେ ଗର୍ଜିଲେ ମହିଳା

**ବଣାଇଁ, ୨୦।୫(ସମିସ):** ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନରେ ବିଫଳତା ଏବଂ ଦେଶରେ ବଢ଼ୁଥିବା ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅସମର୍ଥତା ଏବଂ ଅଯଥାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିରୋଧ ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ବଣାଇଁରେ ନାରୀ ଅଧିକାର ଅଭିଯାନ ଆୟୋଜିତ ହୋଇଥିଲା। ବିଜୁ ମହିଳା ଜନତା ଦଳର ଆହ୍ୱାନରେ ବଣାଇଁ ରାଜା ଧରଣୀଧର ବହୁମୁଖୀ ଖେଳ ପଡ଼ିଆଠାରୁ ଶତାଧିକ ମହିଳା ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଉରକେଲା ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର, ରଞ୍ଜିତ କିସାନ, ରଘୁନାଥ ସାହୁ, ଶ୍ୱେତ ବସନ୍ତ ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟା ଜୁଲିଆଣି କାଣ୍ଡିର ଓ ସୁଶୀଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବଣାଇଁଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ଉପାଧ୍ୟକ୍ଷା ବିନତି ବେହେରା, ବଣାଇଁଗଡ଼ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ସାଣ୍ଡିଲ, ଗୁରୁଣ୍ଡିଆ ମହିଳା ସଭାନେତ୍ରୀ ପ୍ରିୟଙ୍କା ପ୍ରଧାନ, ଲହୁଣୀପଡ଼ା ମହିଳା ସଭାନେତ୍ରୀ ଲକ୍ଷ୍ମୀ କିସାନ, କୋଇଡା ମହିଳା ସଭନେତ୍ରୀ ଦ୍ରୌପଦୀ କିଷାନ, ପୂର୍ବତନ କାଉନସିଲର ସୁନନ୍ଦା ଦାସ, ବରିଷ୍ଠ ନେତ୍ରୀ ଛବି ମହାନ୍ତି, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପବନୀ ଭୋଇ, ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ସଭାପତି ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ସଭାପତି ରାମ୍ବାଲ ଓରାମ, ଯୁବ ନେତା ରୋହିତାଶ୍ୱ ମିଶ୍ର, ବାସୁଦେବ ଛଦିଆ, ଉମେଶ ରାୟ, ସରୋଜ ମିଶ୍ର ଓ କାନ୍ଦରୁ କିଷାନଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ନାରୀ ନେତୃତ୍ୱ ଓ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ନାରୀ ସୁରକ୍ଷା, ସମାନ ଅଧିକାର ଏବଂ ମହିଳା ସଂରକ୍ଷଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଥିଲେ।




# ବଣାଇଁ ଉପଖଣ୍ଡ ମହାବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀଙ୍କ ସଫଳତା

**ବଣାଇଁ, ୨୦।୫(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ବଣାଇଗଡ଼ କନିଷ୍ଠ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହାବିଦ୍ୟାଳୟର ୨୬୫ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୨୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ସମୁଦାୟ ୬୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୫ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬ ଜଣ ଓ ତୃତୀୟ ଶ୍ରେଣୀରେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦା ମୂଳକରେ ସମୁଦାୟ ୨୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬ ଜଣ ତୃତୀୟରେ ୯ ଜଣ ପାସ କରିଛନ୍ତି। ଗୁରୁଣ୍ଡିଆ ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟର ୨୧୫ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀ, ୯୯ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯଦୁପତି କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୦୧ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୨ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ, ତୃତୀୟରେ ୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨ଜଣ, ଦ୍ୱିତୀୟ ଶ୍ରେଣୀରେ ୦୮ ଜଣ, ତୃତୀୟରେ ୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦା ମୂଳକ ପରୀକ୍ଷାରେ ସମୁଦାୟ ୩୦ ଜଣ ପରୀକ୍ଷା ଦେଇଥିବା ବେଳେ ୨୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଜଣ, ତୃତୀୟରେ ୫ ଜଣ ପାସ କରିଛନ୍ତି। ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଚଳିତ ବର୍ଷ ମୋଟ ୧୪୦ ଜଣ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୪ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୧ଜଣ ପ୍ରଥମ ଶ୍ରେଣୀ, ୧୩ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ସମୁଦାୟ ୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବେଳେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୦୧ଜଣ, ଦ୍ୱିତୀୟ ଶ୍ରେଣୀରେ ୦୭ ଜଣ ଓ ତୃତୀୟ ଶ୍ରେଣୀରେ ୨୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଂଶୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୮ ଜଣ ଛାତ୍ରଛାତ୍ରୀମ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୮ ଜଣ ପ୍ରଥମ ଶ୍ରେଣୀ, ୨୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାବା ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାନ୍ଦିଲିରେ କଳାରେ ୧୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୮ଜଣ ପ୍ରଥମ ଶ୍ରେଣୀ, ୨୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୭୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଇଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୧୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୫ ଜଣ ପ୍ରଥମ ଶ୍ରେଣୀ, ୧୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୪୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୦୩ ଜଣ ପ୍ରଥମ ଶ୍ରେଣୀ, ୪ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଲାଣିପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝିରଡାପାଲି ଯୁକ୍ତ ଦୁଇ କଳାରେ ୧୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୩୧ଜଣ ପ୍ରଥମ ଶ୍ରେଣୀ, ୩୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଶ୍ରପାଲି ଯୁକ୍ତ ଦୁଇ କଳାରେ ୬୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୫୯ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୯ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ଓ୨୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୮୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୮୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୮ ଜଣ ପ୍ରଥମ ଶ୍ରେଣୀ, ୨୪ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିମଳାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୧୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୨ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୪ଜଣ ପ୍ରଥମ ଶ୍ରେଣୀ, ୧୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଲକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଳା ପରୀକ୍ଷାରେ ୮୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୯ଜଣ ପ୍ରଥମ ଶ୍ରେଣୀ, ୧୯ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୧ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋପନା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୮୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୫୪ଜଣ ପ୍ରଥମ ଶ୍ରେଣୀ, ୨୬ଜଣ ଦ୍ୱିତୀୟ ଶ୍ରେଣୀ ଓ ୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜାମଦର ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୭୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୧୮ ଜଣ ପ୍ରଥମ ଶ୍ରେଣୀ, ୨୩ଜଣ ଦ୍ୱିତୀୟ ଶ୍ରେଣୀ ଓ୨୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁଣ୍ଡିଆ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୭୬ଜଣ ପ୍ରଥମ ଶ୍ରେଣୀ, ୨୧ଜଣ ଦ୍ୱିତୀୟ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଯୁକ୍ତ ଦୁଇ ଫଳାଫଳ

● **ସ୍ୱୟଂଶାସିତ ମହାବିଦ୍ୟାଳୟ**

### ବିଜ୍ଞାନରେ ସଙ୍ଘମିତ୍ରା, କଳାରେ ଅର୍ଚ୍ଚିତା କଲେଜ ଟପ୍ପର

● **ବାଣିଜ୍ୟରେ ଅରସଲା, ଅନୁ, ସମୀର ଟପ୍ପର**

**ରାଉରକେଲା, ୨୦।୫(ସମିସ):** ଆଜି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ରାଉରକେଲା ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ୮୫.୫୭ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ଯୁକ୍ତ ଦୁଇ କଳାରେ ୬୭.୩୨ ପ୍ରତିଶତ ଏବଂ ଯୁକ୍ତ ଦୁଇ ବାଣିଜ୍ୟରେ ୮୪.୦୩ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୩୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯୮ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୨୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବିଜ୍ଞାନରେ ସଙ୍ଘମିତ୍ରା ସାହୁ ୫୭୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଗାୟତ୍ରୀ ଦାସ ୫୭୦ ନମ୍ବର ରଖି ଦ୍ୱିତୀୟ ଏବଂ ଶୁଭମ ସିଂହ ୫୬୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୧୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୩ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୨ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୧୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୭ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କଳାରେ ଅର୍ଚ୍ଚିତା ସାହୁ ୫୭୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଅଞ୍ଜଳି କୁମାରୀ ୫୬୨ ନମ୍ବର ରଖି ଦ୍ୱିତୀୟ ଏବଂ ଶିବାନୀ ରଜାକ୍ ୫୫୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୧୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୯ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅରସଲା ଅବତାବ, ଅନୁ ଯାଦବ ଏବଂ ସମୀର ବିଶ୍ୱକର୍ମା ୩ ଜଣ ୫୫୫ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଏମ୍‌ଡି ଫୈସାଲ ୫୫୨ ନମ୍ବର ରଖି ଦ୍ୱିତୀୟ ଏବଂ ଅମିତ ସେଠୀ ୫୪୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

● **ରାଉରକେଲା ମ୍ୟୁନିସପାଲ ମହାବିଦ୍ୟାଳୟ**

### ବିଜ୍ଞାନରେ ରାଧା, ବାଣିଜ୍ୟରେ ଶୁକମତି ଟପ୍ପର

● **କଳାରେ ପ୍ରିନ୍ସ, ବିଦ୍ୟା ଯୁଗ୍ମ ଟପ୍ପର**

ଯୁକ୍ତ ଦୁଇ ପରୀକ୍ଷାରେ ରାଉରକେଲା ଉଦିତନଗର ସ୍ଥିତ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ବିଜ୍ଞାନରେ ୮୧.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବା ବେଳେ ଯୁକ୍ତ ଦୁଇ କଳାରେ ୯୭.୫୨ ପ୍ରତିଶତ ଏବଂ ଯୁକ୍ତ ଦୁଇ ବାଣିଜ୍ୟରେ ୯୩.୩୫ ପ୍ରତିଶତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୨୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୨ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୭ ଜଣ ପ୍ରଥମ ଶ୍ରେଣୀରେ, ୯୩ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୩୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୪ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ବିଜ୍ଞାନରେ ରାଧା ମହାକୁଡ ୪୬୦ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଶୁଭମ ସାହା ୪୩୯ ନମ୍ବର ରଖି ଦ୍ୱିତୀୟ ଏବଂ ସାଇନା ପରବିନ ୪୩୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୨୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୬ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୭୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୬ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପ୍ରିନ୍ସ ପ୍ରସାଦ ଓ ବିଦ୍ୟା ନାୟକ ୪୯୮ ନମ୍ବର ରଖି ଯୁଗ୍ମ କଲେଜ ଟପ୍ପର ହୋଇଥିବା ବେଳେ ନିଳାମ୍ବର ମାଝୀ ୪୯୪ ନମ୍ବର ରଖି ଦ୍ୱିତୀୟ ଏବଂ ଅଞ୍ଜଳି ସୋନି ଓ ପ୍ରତିମା କୁମାରୀ ଶ' ୪୯୧ ନମ୍ବର ରଖି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୨୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩୮ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୨ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୪୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଶୁକମତି ସୁରିନ୍ ୫୪୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ପ୍ରାଚୀ ସାହୁ ୫୩୭ ନମ୍ବର ରଖି ଦ୍ୱିତୀୟ ଏବଂ ଟୁଇଁକିଲ ଓରାମ୍ ୫୨୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

● **ସରବତୀ ଦେବୀ ମହିଳା ମହାବିଦ୍ୟାଳୟ**

### ବିଜ୍ଞାନରେ ବି. ଦେବୀକା, କଳାରେ ଅନ୍ନପୂର୍ଣ୍ଣା, ବାଣିଜ୍ୟରେ ପ୍ରିନ୍ସି ଟପ୍ପର

ଯୁକ୍ତ ଦୁଇ ବିଜ୍ଞାନରେ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ୧୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୧ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୫ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୪୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୪୧ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବି. ଦେବୀକା ରାଓ ୪୪୫ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୩୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୩୬ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦୩ ଜଣ ଦ୍ୱତୀୟ ଶ୍ରେଣୀରେ ଏବଂ ୧୦୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ୨୮ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ତ୍ରିପାଠୀ ୫୫୯ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୪ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫ ଜଣ ଫେଲ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପ୍ରିନସି କୁମାରୀ ସିଂହ ୪୯୬ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି।

# ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ଓ ସିଆଇଟିୟୁର ଧାରଣା

## ଖଣିରେ ତାଲିବାନି ଶାସନ ବନ୍ଦ ହେଉ: ବିଧାୟକ

**କୋଇଡା, ୨୦।୫(ସମିସ):** ନିଯୁକ୍ତି ଓ ପାରିପାର୍ଶ୍ୱିକ ଦାବି ସମୂହ ନେଇ ୨୦୨୪ ଅକ୍ଟୋବର ମାସରେ କୋଇଡା ଖଣି ମଣ୍ଡଳ ଅଧୀନସ୍ଥ ସାଗାସାହି କୋଇଲା ଖଣି ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ୯ ଦିନ ଗଣଧାରଣା ପରେ ପ୍ରଶାସନ ଅଧ୍ୟକ୍ଷତାରେ ଖଣି ପକ୍ଷରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ତେବେ ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ନ ହେବାରୁ ଆଜି ପୁଣି ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନତି ଦାବିରେ ଖଣି ଗେଟ୍ ସମ୍ମୁଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ଓ ସିଆଇଟିୟୁ କର୍ମୀମାନେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୁକ୍ତିନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ୨୦୦ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ଓ ସ୍ଥାୟୀ ନିଯୁକ୍ତିରେ ସ୍ଥାନୀୟ ଯୁବକମାନଙ୍କୁ ପ୍ରାଥମିକତା ଦେବାକୁ ଏଥିରେ ଦାବି କରାଯାଇଥିଲା। ସେହିପରି ଖଣି ପ୍ରଭାବିତ ଅଞ୍ଚଳରେ ଡାକ୍ତରଖାନା ନିର୍ମାଣ, କୋଇଡା ଠାରୁ କଳମଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ସମସ୍ତ ଗ୍ରାମରେ ପିଇବା ପାଣି ଓ ସୋଲାର ଲାଇଟିଂ ବ୍ୟବସ୍ଥା କରିବାକୁ ମଧ୍ୟ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ପରେ କୋଇଡା ଥାନାରେ ଖଣି କର୍ତ୍ତୃପକ୍ଷ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଧାରଣାରେ ବିଧାୟକଙ୍କ ସମେତ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ବଣାଇଁ ଟ୍ରକ୍ ଏବଂ ଟିପର୍ ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ ସାମଲ, ମାଲଦା ସରପଞ୍ଚ ପ୍ରତିନିଧି ଟିକେଶ୍ୱର ପାତ୍ର, ପୂର୍ବତନ ସରପଞ୍ଚ ଦିବାକର ନାଏକ, ଡ. ବାଦଲ ବାରିକ, କୃଷ୍ଣ ଚନ୍ଦ୍ର ବାରିକ, ଦଶରୁ ନାଏକ, ଆକାଶ ନାଏକ, ମିଲି ବେହେରା, ଝିଲି ବେହେରା, ସୁରେଶ ମୁଦୁଲି, ସୁଦର୍ଶନ ପାତ୍ର, ଆଶୁତୋଷ ସିହ୍ନା, ପଟେଲ ପାତ୍ର, ଡାଗେ ମୁଣ୍ଡା, ବାଟୁ ମୁଣ୍ଡା, ବିଶ୍ୱନାଥ ନାଏକ, ବଳଭଦ୍ର ନାଏକ, ରବି ମୁଣ୍ଡା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।



## ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଭଗତରାମ ମାଝୀଙ୍କ ପରଲୋକ



ନୂଆପଡ଼ା, ୨୦।୫(ସମିସ): ନୂଆପଡ଼ା ଜିଲ୍ଲାର ତତ୍କାଳୀନ ବିଜେଡି ସରକାର ସମୟର ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି )ଅଧ୍ୟକ୍ଷ ଭଗତ ରାମ ମାଝୀଙ୍କ ପରଲୋକ ଘଟିଛି। ପଡୋଶୀ ଛତିଶଗଡ଼ସ୍ଥିତ ମହାସମୁନ୍ଦର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ କିଡ଼ନୀ ରୋଗରେ ଆକ୍ରାନ୍ତ ଥିବା କୁହାଯାଇଛି। ସଦର ବ୍ଲକ ଅନ୍ତର୍ଗତ କେନ୍ଦୁବାହାରା ପଞ୍ଚାୟତ ଜାମୁସାଲେଭଟା ଗାଁରେ ଅନ୍ତିମ ସଂସ୍କାର କରାଯାଇଛି। କେନ୍ଦୁପତ୍ର ଫଡ଼ି ଘର ମୁନସୀ କାମରୁ ନିଜର କ୍ୟାରିୟର ଆରମ୍ଭ କରି କେନ୍ଦୁବାହାରା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ନୂଆପଡ଼ା ବ୍ଲକ ଅଧ୍ୟକ୍ଷ ଦାୟିତ୍ୱ ନେଇ ସଫଳ ଭାବେ ନିର୍ବାହ କରିଥିଲେ। ଗତ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇ ଜିଲ୍ଲାର ବିକାଶ ପାଇଁ ବହୁ ପଦକ୍ଷେପ ନେଇଥିଲେ। ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ତଥା ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ତୁରନ ମାଝୀ, ଭାନୁ ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଆଇନଜୀବି ଧନୀ ସାହୁ, ରାମଲାଲ ହଂସ, ରବି ବାଗ, ରମାକାନ୍ତ ଠାକୁର, ଉଦ୍ଧବ ମାଝୀ, ସୁରେଶ ମିର୍ଦ୍ଧା, କିଶୋର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ବାଇକ୍ ଚାଳକଙ୍କ ମୃତ୍ୟୁ

କୋକସରା, ୨୦।୫(ସମିସ): କୋକସରା ବ୍ଲକ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ଜନିତ ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଛି। ବଜ୍ରପାତର ଶିକାର ହୋଇ ଟେମରା ଗ୍ରାମର ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ପଦ୍ମଲୋଚନ ଦଳପତିଙ୍କ ପୁଅ ଅକ୍ଷୟ କୁମାର ଦଳପତି (୩୭)। ମିଳିଥିବା ସୂଚନା ମୁତାବକ, ଅକ୍ଷୟ ନିଜ ଶଶୁର ଘର ଭୁର୍ଖାଗୁଡ଼ାରୁ ବାଇକ୍ ଯୋଗେ ନିଜ ଗ୍ରାମ ଟେମରାକୁ ଫେରୁଥିଲେ। ଫେରିବା ବାଟରେ ଟେମରା ପୁରୁଣା ମଦଭାଟି ଛକ ନିକଟରେ ହଠାତ୍ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ କୋକସରା ଥାନାକୁ ଅବଗତ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍‌ଚାଳକ ମୃତ

କେସିଙ୍ଗା, ୨୦।୫(ସମିସ): ମଙ୍ଗଳବାର ରାତିରେ କେସିଙ୍ଗା ଗାୟତ୍ରୀ ଅଏଲ ମିଲ ପାଖରେ ଅଜଣା ଗାଡ଼ି ଧକ୍କା ରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ କେସିଙ୍ଗାରେ କାମସାରି ନିଜ ଗ୍ରାମ କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମ ଯାଉଥିବା ବେଳେ କେସିଙ୍ଗା ରୁପ୍ରା ପିଡବ୍ଲୁଡି ରାସ୍ତାର ପରଲସିଙ୍ଗା ଗ୍ରାମ ପାଖରେ ଥିବା ଗାୟତ୍ରୀ ଅଏଲ ମିଲ ପାଖରେ କୌଣସି ଗାଡ଼ି ଧକ୍କା ଦେବା ଫଳରେ ମାଧବ ମାହାର (୨୮)ଙ୍କ ମୃତ୍ୟୁ ହୋଇଛି। ପରିବାର ବର୍ଗଙ୍କ କହିବା ଅନୁସାରେ ରାତି ପ୍ରାୟ ୧୧ରେ ସମୟରେ ପରିବାର ବର୍ଗଙ୍କ ପାଖରେ ଖବର ପହଞ୍ଚିବା ପରେ ମାଧବଙ୍କୁ କେସିଙ୍ଗା ମେଡିକାଲକୁ ଆଣିବା ସମୟରେ ମାଧବ ବଞ୍ଚିଥିଲେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ବର୍ଗ କହୁଥିବା ବେଳେ ରାତି ପ୍ରାୟ ୧୧.୩୦ ମିନିଟ୍ ସମୟରେ ପରିବାରବର୍ଗ ଥାନାରେ ଲିଖିତ ଅଭିଯୋଗ କଲାପରେ ମଧ୍ୟ ପୁଲିସ ତତ୍ପରତା ଦେଖାଉ ନାହିଁ ବୋଲି ପରିବାର ଓ ଗ୍ରାମବାସୀ ଅଭିଯୋଗ କରି ସକାଳୁ କେସିଙ୍ଗା ଥାନାରେ ଠୁଳ ହୋଇଥିଲେ। ଶୀଘ୍ର ଅଜଣା ଗାଡ଼ିକୁ ଟ୍ରାକ କରିବା ସହିତ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି କେସିଙ୍ଗାରେ କାର୍ଯ୍ୟରତ ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି।

## ପାଣିରେ ବୁଡ଼ି ନାବାଳକର ମୃତ୍ୟୁ, ଜଣେ ଗୁରୁତର

ଧର୍ମଗଡ଼, ୨୦।୫(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ପର୍ଲାଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି। ଗାଁ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ଗୁରୁତର ବାଳକଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବୁଧବାର ମଧ୍ୟାହ୍ନରେ ପର୍ଲାଗ୍ରାମର ରାଜାରାମ ବାଗଙ୍କ ପୁଅ ମହାବୀର ବାଗ (୧୩) ଏବଂ ସରୋଜ ସୁନାନୀଙ୍କ ପୁଅ ରୋହିତ ସୁନାନୀ (୧୪) ସାଙ୍ଗମାନଙ୍କ ସହ ଗାଁ ନିକଟରେ ପ୍ରବାହିତ ମୁଟୁରା ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ମହାବୀର ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଅପରପକ୍ଷରେ, ତାଙ୍କ ସାଙ୍ଗ ରୋହିତ ମଧ୍ୟ ବୁଡ଼ି ଯାଉଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ମରଣ ମୁଖରୁ ଉଦ୍ଧାର କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ, ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ସାଙ୍ଗେ ସାଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି ପରେ ପାଣିରେ ବୁଡ଼ି ଯାଇଥିବା ମହାବୀରଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅସୁସ୍ଥ ରୋହିତଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଅନ୍ୟପଟେ, ମୃତ ମହାବୀରଙ୍କ ଶବକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନାକୁ ପଠାଇଛି। ପୁଲିସ ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

## ମେଗା ପ୍ରକଳ୍ପରୁ ମେଗା ସମସ୍ୟା
# ଆମରଣ ଅନଶନରେ ବସିଲେ ଚାଷୀକୁଳ

କୋକସରା, ୨୦।୫(ସମିସ)




ରବି ଧାନର ପଞ୍ଜୀକରଣ ଏବଂ ପି-ପାସ୍ ପୋର୍ଟାଲ୍ ଖୋଲିବା ଦାବିରେ କଳାହାଣ୍ଡି ଜିଲ୍ଲା କୋକସରା ଠାରେ ଚାଲିଥିବା ଚାଷୀ ଆନ୍ଦୋଳନ ତୀବ୍ରରୂପ ଧାରଣ କରିଛି। ମଙ୍ଗଳବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ପ୍ରଶାସନକୁ ଚେତାବନୀ ଦେଇଥିବା ବେଳେ, ବୁଧବାର ଠାରୁ କୋକସରାରେ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଚାଷୀମାନେ ସାମୂହିକ 'ଭୁକ ହରତାଳ' (ଅନଶନ) ଆରମ୍ଭ କରିଛନ୍ତି। ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା ଓ ଉପସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଏହି ଆନ୍ଦୋଳନ। ଭୁକ୍ ହରତାଳରେ ରାଜୀବ କୁମାର ଅଗ୍ରୱାଲ, ମାନସ ରଞ୍ଜନ ବାଗ, ବେନୁପାଣି ଦୁର୍ଗା, ଧବଳେଶ୍ୱର ନାଗ, ଦୁର୍ଗା ପ୍ରସାଦ ନାଏକ, ସହଦେବ ଦାସ, ଇନ୍ଦ୍ରମଣି ସାହୁ, ମୁକେଶ ଲହଜଲ, ସୁନୀଲ ସାହୁ ପ୍ରମୁଖ ବସିଛନ୍ତି। ଏମାନେ ସମସ୍ତେ ସାକାଳ ୮ ଘଣ୍ଟା ସମୟରୁ ଭୁକ୍ ହରତାଳରେ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ବସିଥିବା ବେଳେ ସରକାର ଯଦି ଚାଷୀଙ୍କ ଦାବି ନସୁଣନ୍ତି ଅନଶନ ଆଗକୁ ତିବ୍ରତର ହେବ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ବରିଷ୍ଠ ଅଧିକାର ଆମରଣ ଅନଶନ ସ୍ଥାନରେ ପହଞ୍ଚି ନଥିବା ବେଳେ, ମେଡିକାଲ ଟିମ୍ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଫେରିଛନ୍ତି। ଅନଶନରେ ବସିଥିବା ଚାଷୀମାନଙ୍କ ମନୋବଳ ବଢ଼ାଇବା ପାଇଁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହ ଦେଓ, ରାଜେନ୍ଦ୍ର ନାଏକ, ପ୍ରଶାନ୍ତ ତିୱାରୀ ପ୍ରମୁଖ ସେମାନଙ୍କ ସହିତ ସାମିଲ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ରବି ଋତୁରେ କୋକସରା, ଜୟପାଟଣା ଏବଂ ଧର୍ମଗଡ଼ ବ୍ଲକର ପ୍ରାୟ ୧୫ ହଜାରରୁ ଅଧିକ ଚାଷୀ ୧୮୮୫୫ ହେକ୍ଟର ଜମିରେ ପ୍ରଭୂତ କଷ୍ଟ ସ୍ୱୀକାର କରି ଧାନ ଚାଷ କରିଛନ୍ତି। କିନ୍ତୁ ସରକାରୀ ସ୍ତରରେ ପି-ପାସ୍ ପୋର୍ଟାଲ୍‌ରେ ମେଗା ଉଠାଜଳସେଚନ ବିକଳ୍ପ ନଆସିବା ଏବଂ ପଞ୍ଜୀକରଣ ପ୍ରକ୍ରିୟାରେ ଅବ୍ୟବସ୍ଥା ଯୋଗୁଁ ଏହି ସମସ୍ତ ଚାଷୀଙ୍କ ଧାନ ବିକ୍ରି ଏବେ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଫସଲ ଅମଳ ସମୟ ପାଖେଇ ଆସୁଥିଲେ ହେଁ ସରକାର ଧାନ କିଣିବା ପାଇଁ ସୁବ୍ୟବସ୍ଥା ନକରିବା ଚାଷୀକୂଳକୁ ଗଭୀର ଚିନ୍ତାରେ ପକାଇଛି। ଏନେଇ ବିଭିନ୍ନ ସମୟରେ ଚାଷୀ ସଂଗଠନ ସ୍ଥାନୀୟ ପ୍ରଶାସନକୁ ଦାବି କରିଥିବା ବେଳେ, କୋକସରା ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ବିଭାଗୀୟ ମୁଖ୍ୟ ସଚିବଙ୍କୁ ମଧ୍ୟ ଦାବି କରିଛନ୍ତି। ଏହା ବାଦ୍ ଲାଞ୍ଜିଗଡ଼ ବିଧାୟକ ମଧ୍ୟ ବିଭିନ୍ନ ସମୟରେ ଏହି ସମସ୍ୟାକୁ ନେଇ ଦାବି କରି ଆସୁଛନ୍ତି। ତଥାପି ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ସାକାରିକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାକୁ ନେଇ ଗତ ୮ ତାରିଖରେ କୋକସରାଠାରେ ଜାତୀୟ ରାଜପଥ ଅବରୋଧ କରି କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ହଜାର ହଜାର ଚାଷୀ ଆନ୍ଦୋଳନ କରିଥିଲେ। ଏହା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଦିର୍ଘ ୧୨ ଦିନ ଧରି ଚାଷୀମାନେ ଗଣଧାରଣାରେ ବସିଥିଲେ। ଶେଷରେ ଅସନ୍ତୋଷ ଚାଷୀମାନେ ମଙ୍ଗଳବାର ଇନ୍ଦ୍ରାବତୀ ଉଠା ଜଳସେଚନ ଚାଷୀ ସଂଗଠନ ଏବଂ ସ୍ଥାନୀୟ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ପରେ ମଧ୍ୟ କୌଣସି ସ୍ପଷ୍ଟ ସକାରାଟକ ପ୍ରତିଶ୍ରୁତି ନମିଳିବାରୁ, କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ଚାଷୀମାନେ ଆଜିଠାରୁ ୨୬ ନମ୍ବର ଜାତୀୟ ରାଜପଥ କୋକସରାଠାରେ ଅନଶନରେ ବସିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିନଥିବା ବେଳେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ପ୍ରତ୍ୟାହାର ହେବ ନାହିଁ ବୋଲି ଚାଷୀ ସଂଗଠନ ଜିଦ୍‌ରେ ଅଟଳ ରହିଛି।

## ଜଳ ଓ ବିଭିନ୍ନ ସମସ୍ୟା ନେଇ ବିଜେଡିର ଦାବିପତ୍ର

ଧର୍ମଗଡ଼, ୨୦।୫(ସମିସ): ଧର୍ମଗଡ଼ ବ୍ଲକରେ ଦେଖାଦେଇଥିବା ବିଭିନ୍ନ ଜନସମସ୍ୟା ଓ ବିଶେଷ କରି ପାନୀୟ ଜଳସଙ୍କଟର ସମାଧାନ ଦାବିରେ ଆଜି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପ୍ରତିନିଧି ଦଳ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସମ୍ପାଦିକା ସୁଶ୍ରୀ ହୀରା ବାଗ, ବ୍ଲକ ମହିଳା ସଭାନେତ୍ରୀ ମମତା ରାଣୀ ଗୋପାଳ ଏବଂ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ ପ୍ରମୁଖ ସାମିଲ ହୋଇଥିଲେ। ପ୍ରତିନିଧି ଦଳ ପକ୍ଷରୁ ଧର୍ମଗଡ଼ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ନିର୍ବାହୀ ଯନ୍ତ୍ରୀ ଏବଂ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର



ସାନକେନ୍ଦୁଗୁଡ଼ା, ବେହେରାଗୁଡ଼ା ଓ ରାଜମୋଟେରେ ଭଳି ପ୍ରାୟ ୨୫ ରୁ ୩୦ଟି ସ୍ଥାନରେ ନୂଆ ନଳକୂଅ ଖୋଳାଯାଇଥିଲେ ମଧ୍ୟ ମାସେ ହେବ ତାହା ସମ୍ପୂର୍ଣ୍ଣ କରାଯାଇନାହିଁ। ବେହେରାଗୁଡ଼ା ଅଞ୍ଚଳରେ 'ବସୁଧା ଯୋଜନା' ସମ୍ପୂର୍ଣ୍ଣ ଫେଲ ମାରିଥିବା ଅଭିଯୋଗ ହୋଇଛି। ସେହିପରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂଆ ଡ୍ରେନ୍ ନିର୍ମାଣ, ପୋଖରୀ ପଙ୍କଉଦ୍ଧାର ଏବଂ ନୂଆ ସୁଲଭ ଶୌଚାଳୟ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହା ସହ ସହରରେ ଷ୍ଟ୍ରିଟ୍ ଲାଇଟ୍ ବନ୍ଦ ରହୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସବୁ ଜନସ୍ୱାର୍ଥ ହିତ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି।

## ଜେଲ୍ ଗଲେ ଜମିଦାର ନିର୍ବାହୀ ଯନ୍ତ୍ରୀ

- ୯୭ ପ୍ଲଟ୍ ସହିତ ୮୩ ଏକର ଜମି ଠାବ
- ୩କୋଟି ୭୦ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି

ଭବାନୀପାଟଣା, ୨୦।୫(ସମିସ): ପୂର୍ତ୍ତ ବିଭାଗ ଅଧିନ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ରାସ୍ତା ଓ ଗୃହ ଉପ-ବିଭାଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ଭୁବନେଶ୍ୱର ଶବରଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ପ୍ରଚ୍ୟାପ୍ତ ଟଙ୍କା କି ସୁନା ଅଳଙ୍କାର ଯଦି ଓ ଭିଜିଲାନ୍ସ ହାତରେ ଲାଗିନାହିଁ ତଥାପି ଦୁଇ ଦିନର ଯାଞ୍ଚରେ ଭିଜିଲାନ୍ସ ଟିମ୍



କିଣିଥିବା ଜମିର କାଗଜପତ୍ର ଦେଖି ତାଜୁବ୍ ହୋଇଯାଇଥିଲେ। ଭୁବନେଶ୍ୱରଙ୍କ ୯୭ ପ୍ଲଟ୍, ୮୩ ଏକର ଜମି, ୫ କୋଠା ସମେତ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଯାହାର ସରକାରୀ ମୂଲ୍ୟ ୩ କୋଟି ୭୦ ଲକ୍ଷରୁ ଉକ୍ଷରୁ ରହିଥିବା ବେଳେ ତାଙ୍କ ଆୟଠାରୁ ୨୧୦ ଶତକଡ଼ା ଅଧିକ ରହିଛି। ଜମିର ବେସରକାରୀ ମୂଲ୍ୟକୁ ଅନୁମାନ ଲଗାଇଲେ ଆଜି ତାରିଖରେ ୨୦କୋଟିରୁ ଉର୍ଦ୍ଧ୍ୱ ହେବ। ଠାବ ହୋଇଥିବା ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କୁ ବୁଧବାର ଗିରଫ କରିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୭/୨୦୨୬) ରୁଜୁ ହୋଇଛି। ଅଭିଯୁକ୍ତ ଭୁବନେଶ୍ୱରଙ୍କୁ ଗିରଫ ପରେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି ବୋଲି କୋରାପୁଟ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଜାମିନ ନ ମିଳିବାରୁ ଅଭିଯୁକ୍ତ ଭୁବନେଶ୍ୱରଙ୍କୁ ଜେଲ ଯିବାକୁ ପଡ଼ିଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରଙ୍କ ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡାରେ ୪୫୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, କୁସୁମଖୁଣ୍ଟିରେ ୨୬୨୫ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, ସେଠାରେ ୧୩୦୦ ବର୍ଗଫୁଟରେ ଆଉ ଏକ ଦୁଇ ମହଲା କୋଠା, କୋକସରା ମୋଟର ଛକରେ ୪୨୨୮ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, ଭବାନୀପାଟଣା ଦୁଆରଶୁନିରେ ୧୧୮୦ ବର୍ଗଫୁଟରେ ଗୋଟିଏ କୋଠା, କୋକସରା ମୋଟର ଛକରେ ୮ଟି କ୍ୟାବିନ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କିଟପଦରରେ ୧୬.୯୩ ଏକର ପରିମିତ ଅଞ୍ଚଳରେ ଥିବା ଫାର୍ମ ହାଉସ ଠାବ ହୋଇଛି। ତେବେ ଭବାନୀପାଟଣା, କୋକସରା ଓ ନବରଙ୍ଗପୁର ଉପକଣ୍ଠରେ ଭୁବନେଶ୍ୱରଙ୍କର ୮୩ ଏକର ପରିମିତ ୯୭ଟି ପ୍ଲଟ୍ ଠାବ ହୋଇଛି। ଭୁବନେଶ୍ୱରଙ୍କ ଘରୁ ଗୋଟିଏ ଚାରି ଚକିଆ ଯାନ ହ୍ୟୁଣ୍ଡାଇ କ୍ରେଟା ମଧ୍ୟ ଠାବ ହୋଇଛି। ଏଥିସହିତ ୧୦.୭୦ଲକ୍ଷର ବ୍ୟାଙ୍କ୍ ଜମା ଓ ୧୬.୭୮ ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ଅର୍ଥରାଶି ମଧ୍ୟ ଠାବ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରଙ୍କ ୬ଟି ସ୍ଥାନରେ ୪୩ଜଣ ଷ୍ଟାଫ୍ ମଙ୍ଗଳବାର ଭୋର ସମୟରୁ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ହେଉଥିବା ଚଢ଼ାଉରେ ୬ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଥିଲେ। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଆଉ କିଛି ଜମି ଜମା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ ପରେ ଜମି ପରିମାଣ ୧୦୦ଏକର ପାର ହେବାର ସମ୍ଭାବନା ରହିଛିବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ପଣ୍ଡା କହିଛନ୍ତି।

## ● ୫ ତମ୍ବାତାର ଚୋର ଗିରଫ
## ତମ୍ବାତାର, ନଗଦ ଟଙ୍କା ଜବତ

କେସିଙ୍ଗା, ୨୦।୫(ସମିସ): ସପ୍ତାହ ତଳେ କେସିଙ୍ଗା ତେଲନଦୀ ତୁଠରେ ଥିବା ପମ୍ପ ହାଉସର ବିଦ୍ୟୁତ୍ ସବ ଷ୍ଟେସନରେ ଥିବା ୩ଟି ଟ୍ରାନ୍ସଫାର୍ମରରୁ ତମ୍ବା ତାର ଚୋରି ହୋଇଥିବା ଉକ୍ତ ପମ୍ପ ହାଉସର କେୟାରଟେକର ଗତ ୧୫ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସିଙ୍ଗା ପୁଲିସ ଏହାକୁ ଗୁରୁତର ସହିତ ନେଇ ତନାଘନା ଆରମ୍ଭ କରିଥିଲା। ମଙ୍ଗଳବାର ଦିନ କଳାହାଣ୍ଡି ଓ ବଲାଙ୍ଗୀର ସୀମା ଅମାଠ ଛକଠାରେ ଗାଡ଼ି ଚେକିଂ କରୁଥିବା ସମୟରେ ଏକ ଛତିଶଗଡ଼ ନମ୍ବର ଥିବା ଟାଟା ଛୋଟାହାତୀ ଗାଡ଼ିକୁ ଚେକିଂ କରିବାରୁ ଗାଡ଼ି ଭିତରେ ତମ୍ବାତାର ଯାଉଥିବା ଦେଖିବାକୁ ପାଇ ଗାଡ଼ିକୁ ସିଜ୍ କରି କେସିଙ୍ଗା ଥାନାକୁ



ଆଣି ପଚରା ଉଚରା କରିବା ସହିତ ଗାଡ଼ି ଭିତରୁ ପ୍ରାୟ ୪୮୦ କେଜି ତମ୍ବାତାର ଯାହାର ବଜାରର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା, ଗାଡ଼ିରୁ ପ୍ରାୟ ୨ଲକ୍ଷ ୫୦ ହଜାର ଟଙ୍କା ନଗଦ ସହ ଉକ୍ତ ଚୋରିରେ ଜଡିତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା କେସିଙ୍ଗା ଥାନାରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏସପିଙ୍କ ସୂଚନା ଅନୁଯାୟୀ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ତିନି ଜଣ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଅଞ୍ଚଳର ଜଣେ ଭବାନୀପାଟଣାର ଓ ଚୋରା ତମ୍ବାତାର କିଣିବାକୁ କଥା ଦେଇଥିବା ଜଣେ ବଲାଙ୍ଗିରର ବୋଲି ପୁଲିସ ସ୍ପଷ୍ଟ କରିଛି। ଅଭିଯୁକ୍ତମାନେ ହେଲେ ଜିତୁ (୨୭) ଯାହାର ଘର ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲାର ବାସନାଗ୍ରାମରେ, ପକଲୁ ଦିୱାର (୨୩) ଘର ଉକ୍ତ ମହା ସମୁନ୍ଦ ଜିଲ୍ଲାର ଦେବାରପରା ଗ୍ରାମ, ଜନ (୪୦) ମଧ୍ୟ ଉକ୍ତ ମହାସମୁନ୍ଦ ଜିଲ୍ଲା ବାଗବେହେରା ଥାନା ରାବଣଭଟା ଗ୍ରାମର ହୋଇଥିବା ବେଳେ ଚତୁର୍ଥ ଅଭିଯୁକ୍ତ ଜଣକ ଭବାନୀପାଟଣାର ଦେବ ମାଝୀ ଓରଫ ରିଶି (୨୫) ବୋଲି ପ୍ରକାଶ କରିଛି। ଉକ୍ତ ଚୋରି ତମ୍ବା ତାରକୁ କିଣିବାକୁ ଅଗ୍ରୀମ ୨ ଲକ୍ଷ ୫୦ ଟଙ୍କା ଦେଇଥିବା ବଲାଙ୍ଗିର ସୁଦପଡ଼ାର କବାଡି ମହମ୍ମଦ ଜିଲ୍ଲାନୀ (୩୪) ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେହିପରି ତାଙ୍କୁ ସାହାଯ୍ୟ କରିଥିବା କେସିଙ୍ଗା ଅଞ୍ଚଳର ଜଣେ ଅଭିଯୁକ୍ତ ଫେରାର ଥିବାରୁ ତାକୁ ପୁଲିସ ଧରି ପାରିନାହିଁ। ୧୫ ତାରିଖରେ ଅଭିଯୋଗ ୧୯ ତାରିଖରେ ଚୋରା ମାଲ ସହିତ ଚୋର ଗିରଫ ଓ ୨୦ ତାରିଖରେ ସାମ୍ବାଦିକ ସମ୍ମିଳନୀରେ ପର୍ଦ୍ଦାଫାଶ କରିଛି।

## ● ବାଇକ୍ ଚୋରି ରାକେଟର ପର୍ଦ୍ଦା ଫାସ
## ୪୪ ବାଇକ୍ ଉଦ୍ଧାର, ୬ ଗିରଫ

ଜୁନାଗଡ଼, ୨୦।୫(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପୁଲିସ ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ କରି ୪୪ଟି ଚୋରି ବାଇକ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁନାଗଡ଼ (ଗନ୍ତାୟତପଡ଼ା) ସୁରଜ କୈବର୍ତ୍ତ (୧୮), ପବନ କୈବର୍ତ୍ତ(୨୩), ଆକାଶ କୈବର୍ତ୍ତ(୧୯), ହିଞ୍ଜିଲିବାହାଲିପଡ଼ାର ଆଲୋକ ବାରିକ (୧୯), ମୁଣ୍ଡରାଗୁଡାର ଚାନ୍ଦ ନାଏକ(୨୧) ଓ ଭବାନୀପାଟଣା ନକଟିଗୁଡାର ସମୀର



ଦୁର୍ଗା (୨୨)। ଏ ନେଇ ବୁଧବାର ଜୁନାଗଡ଼ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡା ସୂଚନା ଦେଇଛନ୍ତି। ଗତ ୧୩ ତାରିଖରେ ଜୁନାଗଡ଼ ଥାନାରେ ବାଇକ୍ ଚୋରି ନେଇ ମାମଲା ରୁଜୁ ହେବା ପରେ ପୁଲିସ ତଦନ୍ତକୁ ଜୋରଦାର କରିଥିଲା। ଏହାପରେ ଉପରୋକ୍ତ ବାଇକ୍ ସବୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଚୋରି ବାଇକ ଗୁଡିକ ଜୁନାଗଡ଼ ଥାନା ସମେତ ଜିଲାର ଧର୍ମଗଡ଼, କୋକସରା, ଆମପାଣି ଓ ଗୋଲାମୁଣ୍ଡା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଏସବୁ ଥାନା ଗୁଡିକରେ ପୂର୍ବରୁ ବାଇକ୍ ଚୋରି ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପି ଦେବରକୋଣ୍ଡା ସହ ଧର୍ମଗଡ଼ ଏସ୍‌ଡିପିଓ ଭର୍ଷିତା ଆଷ୍ଟାପୁ ଏବଂ ଜୁନାଗଡ଼ ଥାନା ଆଇଆଇସି ଶେଷଦେବ ବେହେରା ଉପସ୍ଥିତ ଥିଲେ। ଏସ୍‌ପି ଦେବରକୋଣ୍ଡା ଜୁନାଗଡ଼ ପୁଲିସର କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହି ଗ୍ୟାଙ୍ଗ ବହୁଦିନରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଇକ୍ ଚୋରି କରି ବିକ୍ରି କରୁଥିଲେ। ଉଦ୍ଧାର ବାଇକ୍ ଗୁଡ଼ିକୁ ଯଥାଶୀଘ୍ର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ
# ବିଶ୍ୱଜିତ ୫୭୭ ମାର୍କ ରଖି ନୂଆପଡ଼ା ଜିଲ୍ଲା ଟପ୍ପର

ଖଡ଼ିଆଳ/କୋମନା, ୨୦।୫(ସମିସ)



ଯୁକ୍ତ ଦୁଇ ପରୀକ୍ଷା ଫଳରେ ନୂଆପଡ଼ା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଜଣେ ମେଧାବୀ ଛାତ୍ର। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପରିକ୍ଷିତ ଟାଇଗର କଲେଜର ଛାତ୍ର ବିଶ୍ୱଜିତ ପ୍ରଧାନ ଚଳିତ +୨ ପରୀକ୍ଷାରେ ମୋଟ ୫୭୭ ମାର୍କ ରଖି ସମଗ୍ର ଜିଲ୍ଲାରେ ସର୍ବୋଚ୍ଚ ସ୍ଥାନ ବା ଜିଲ୍ଲା ଟପର ହେବାର ଗୌରବ ଲାଭ କରିଛନ୍ତି। ବିଶ୍ୱଜିତଙ୍କ ଏହି ଅଭୁତପୂର୍ବ ସଫଳତା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁଯାୟୀ, ବିଶ୍ୱଜିତ ବଲାଙ୍ଗୀର ଜିଲ୍ଲା ବେନ୍ଦେର ଗ୍ରାମର ସ୍ୱର୍ଗତ ଧନସିଂ ପ୍ରଧାନ ଓ ମାତା ବସୁଧା ଖମାରିଙ୍କ ପୁତ୍ର ଅଟନ୍ତି। ତେବେ ପିଲାଦିନୁ ସେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ମହୁଲଭଟା ଗ୍ରାମ ସ୍ଥିତ ନିଜ ମାମୁଁଘରେ ରହି ଆସୁଥିଲେ। ମାମୁଁ ଓ ମାଇଁଙ୍କ ବଡ଼ ଭଉଣୀ ଅନୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସ୍ନେହ ଆଦର ମଧ୍ୟରେ ସେ ଛୋଟବେଳୁ ନିଜ ପାଠପଢ଼ା ଜାରି ରଖିଥିଲେ। ସେ ଡ଼ମଝର ହାଇସ୍କୁଲରୁ କୃତିତ୍ୱର ସହ ମାଟ୍ରିକ ପାସ କରିବା ପରେ ଖଡ଼ିଆଳର ସୁନାମଧନ୍ୟ ପରକ୍ଷିତ ଟାଇଗର କଲେଜରେ ଯୁକ୍ତ ଦୁଇ ନାମ ଲେଖାଇଥିଲେ। ଆଜିର ଏହି ସଫଳତା ପଛରେ କଲେଜର ଅନୁକୂଳ ପରିବେଶ ଓ ଉତ୍ତମ ଶିକ୍ଷାଦାନର ବଡ଼ ଅବଦାନ ରହିଛି ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି। କଲେଜ ନିର୍ଦ୍ଦେଶକ ତେଜରାଜ ବାଗ ଏବଂ ଅନ୍ୟାନ୍ୟ ଅଧ୍ୟାପକ ମାନଙ୍କ ଉଚ୍ଚକୋଟୀର ମାର୍ଗଦର୍ଶନ ଫଳରେ ସେ ଆଜି ଏହି ଗୌରବ ଅର୍ଜନ କରିପାରିଛନ୍ତି। ଏହା ସହିତ ନିଜ ମା', ମାମୁଁ ଓ ମାଇଁଙ୍କ ନିରନ୍ତର ପ୍ରେରଣା ଯୋଗୁଁ ସେ ଏତେ ବଡ଼ ସଫଳତା ପାଇଛନ୍ତି ବୋଲି କହିଛନ୍ତି। ବିଶ୍ୱଜିତଙ୍କ ଏହି ସଫଳତା ପାଇଁ ପରକ୍ଷିତ ଟାଇଗର କଲେଜ କର୍ତ୍ତୃପକ୍ଷ, ମହୁଲଭଟା ଓ ବେନ୍ଦେର ଗ୍ରାମବାସୀ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବିଶ୍ୱଜିତଙ୍କ ମା', ମାମୁଁ ଏବଂ ମାଇଁ ତାଙ୍କର ଏହି କୃତିତ୍ୱ ପାଇଁ ଭଗବାନଙ୍କ ପାଖରେ କୃତଜ୍ଞତା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ପୁଣି ରେକର୍ଡ କଲା ଶ୍ରୀଏଜୁକେଶନ



ମ.ରାମପୁର, ୨୦।୫(ସମିସ): ଆଜି ପ୍ରକାଶ ପାଇଛି ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳାଫଳ। ଶ୍ରୀଏଜୁକେଶନ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳରେ ରେକର୍ଡ କରିଛି। ୯୬ଧ% ରଖିଛନ୍ତି ଡିଲେଶ୍ୱର ପଧାନ, ୯୫% ରଖି ଦ୍ୱିତୀୟ ହେଇଛନ୍ତି ଅନ୍ୱେଷ ଅଙ୍କିତ ଆଚାର୍ଯ୍ୟ, ୯୪% ରଖି ନାରାୟଣ ପଧାନ ତୃତୀୟ ସ୍ଥାନରେ ରହିଛନ୍ତି। ୧୭୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିବା ବେଳେ ପାଶହାର ୯୯ ପ୍ରତିଶତ, ୧୬୫ ଜଣ ପ୍ରଥମ ଶ୍ରେଣୀ ଓ ସେଥି ମଧ୍ୟରୁ ୧୦ ଜଣ ନବେ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ମ, ରାମପୁର ବ୍ଲକର ତୁଜୁଙ୍ଗ ଗ୍ରାମରେ ଥିବା ଶିକ୍ଷା ଅନୁଷ୍ଠାନ ଶ୍ରୀଏଜୁକେଶନ ଏକାଡେମୀ। ସଫଳତା ପାଇଁ ଶ୍ରୀଏଜୁକେଶନର ମୁଖ୍ୟ ପରିଚାଳକ ସରୋଜ ପତି, ସଭାପତି ବରିଷ୍ଠ ଆଇନଜୀବୀ ସପନ କୁମାର ପଟ୍ଟନାୟକ, ପ୍ରକଳ୍ପ ସଂଯୋଜକ ମନୋଜ କୁମାର ପତି, ମ୍ୟାନେଜିଙ୍ଗ ଟ୍ରଷ୍ଟି ସସ୍ମିତା ପତି, ଅଧ୍ୟକ୍ଷା ଅନିଶା ମିଶ୍ର ଏବଂ ଅଧ୍ୟାପକ ଅଧ୍ୟାପକମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଚମକିଲେ ଭବାନୀପାଟଣା ବିକାଶ ଛାତ୍ରଛାତ୍ରୀ



ଭବାନୀପାଟଣା, ୨୦।୫(ସମିସ): ସ୍ଥାନୀୟ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ବୋର୍ଡ ପରୀକ୍ଷା ୨୦୨୬ ରେଜଲ୍ଟ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ବିଜ୍ଞାନ ବିଭାଗରେ ଅଭିଜିତ୍ ସରାଫ ୯୮.୩୪%ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ବିଜ୍ଞାନ ବିଭାଗରେ ସର୍ବମୋଟ ୨୫୫ ଜଣ ପରୀକ୍ଷା ଦେଇଥିବା ବେଳେ ୪ ଜଣ ୯୫% ପ୍ରତିଶତରୁ ଉର୍ଦ୍ଧ୍ୱ, ୨୪ଜଣ ୯୦% ପ୍ରତିଶତରୁ ଉର୍ଦ୍ଧ୍ୱ, ୧୫୧ ଜଣ ୮୦ଧ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୨୧୬ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷର ପରୀକ୍ଷା ଫଳାଫଳ ବିଗତ ବର୍ଷ ମାନଙ୍କର ରେକର୍ଡ ଭାଙ୍ଗିଛି। ବୋର୍ଡ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଲକ୍ଷ୍ମୀ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ଡି ପଦ୍ମିନୀ, ପ୍ରିନ୍ସିପାଲ କମ ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବାସହ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଜିଲ୍ଲାରେ ରବି ଧାନ କିଣା ଆରମ୍ଭ

ନୂଆପଡ଼ା/ଖଡ଼ିଆଳ, ୨୦।୫(ସମିସ): ନୂଆପଡ଼ା ଜିଲ୍ଲାରେ ବୁଧବାର ଦିନ ଆନୁଷ୍ଠାନିକ ଭାବେ ରବିଧାନ କିଣା ଆରମ୍ଭ ହୋଇଛି। ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଏବଂ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଳ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲ୍ଲାପାଳ ଦାଶ ବିଶେଷ ଅତିଥି ଭାବରେ ଯୋଗ ଦେଇ ଧାନ ସଂଗ୍ରହ ସୁଚାରୁଭାବେ ଚାଲିବା ସହ ବାହାର ରାଜ୍ୟର ଧାନ ମଣ୍ଡିରେ ପଶିବା ଅଭିଯୋଗକୁ ସଜାଗ



ପ୍ରହରୀ ଭାବେ ଜଗିବାକୁ ଆହ୍ୱାନ କରିଥିଲେ। ଜିଲ୍ଲାରେ ଗତ ରବିରେ ୭ ଲକ୍ଷ ୫୦ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିଥିବା ବେଳେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୪ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ଲକ୍ଷ ଆସିଛି। ୨୬ଟି ପକ୍ସ ଜରିଆରେ ୫୧ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଚାଷୀଙ୍କ ଧାନ ଅଭାବି ବିକ୍ରି ନହେବା ସହ ସମସ୍ତ ଚାଷୀ ନିଜ ଉତ୍ପାଦନ ଧାନ ବିକ୍ରୀକରିବେ ବୋଲି ନିଷ୍ପତ୍ତି ହୋଇଅଛି। କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ମେଘ, ଜିଲ୍ଲାପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ବେହେରା, ମାଣ୍ଡୋସିଲ ସରପଞ୍ଚ ସୁବାସିନୀ ପାନ, ଆରଏମ୍‌ସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ, ପାକ୍ସ ଅଧ୍ୟକ୍ଷ ଗୋପୀନାଥ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।






# ‘ଧୁରନ୍ଧର’ରେ ସେନାର ଗୋପନୀୟ ତଥ୍ୟ ଲିକ୍!

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ରଣବୀର ସିଂହଙ୍କ ଅଭିନୀତ ଫିଲ୍ମ ‘ଧୁରନ୍ଧର ୨’ରେ ସେନାର ଗୋପନୀୟ ଓ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ତଥ୍ୟ ପ୍ରକାଶ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର ଏବଂ ସେନସର ବୋର୍ଡକୁ ଅଭିଯୋଗର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଶସ୍ତ୍ର ସୀମା ବଳ (ଏସଏସବି)ର ଜଣେ ଯବାନ ଦୀପକ କୁମାରଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଉପରେ ଶୁଣାଣି କରି କୋର୍ଟ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଫିଲ୍ମରେ

**ଯାଞ୍ଚ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଲେ ଦିଲ୍ଲୀ ହାଇକୋର୍ଟ**



ସେନାର ଗୁପ୍ତ ରଣନୀତି ଏବଂ ଉଚ୍ଚ ପଦାଧିକାରୀଙ୍କ ସହ ଜଡ଼ିତ ସୂଚନାକୁ ଏଭଳି ଭାବେ ଦେଖାଯାଇଛି, ଯାହା ଦେଶର ସୁରକ୍ଷା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିପାରେ। କୋର୍ଟ କହିଛନ୍ତି ଯେ, ଫିଲ୍ମଟି କାଳ୍ପନିକ କାହାଣୀ ଉପରେ ଆଧାରିତ ହୋଇଥାଇପାରେ, କିନ୍ତୁ ଦେଶର ସୁରକ୍ଷା ସହ ଜଡ଼ିତ ଜଣେ ଯବାନଙ୍କ ଆଶଙ୍କାକୁ ଅଣଦେଖା କରାଯାଇପାରିବ ନାହିଁ। ଏହି ଫିଲ୍ମ ସରକାରୀ ଗୋପନୀୟତା ଆଇନ (ଅଫିସିଆଲ୍ ସିକ୍ରେଟ୍ସ ଆକ୍ଟ)ର ଉଲ୍ଲଂଘନ କରୁଛି କି ନାହିଁ, ତାହା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଯାଞ୍ଚ କରିବ। ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ଦ୍ୱାରା ନିର୍ମିତ ‘ଧୁରନ୍ଧର’ ଫିଲ୍ମର ଦୁଇଟି ଯାକ ଭାଗ ବକ୍ସ ଅଫିସରେ ୧୦୦୦ କୋଟିରୁ ଅଧିକ ବ୍ୟବସାୟ କରି ସଫଳ ହୋଇଥିବା ବେଳେ, ଏବେ ଏହି ଆଇନଗତ ବିବାଦ କାରଣରୁ ଫିଲ୍ମଟି ପୁଣି ଚର୍ଚ୍ଚାକୁ ଆସିଛି। କୋର୍ଟ କେନ୍ଦ୍ର ସରକାରଙ୍କୁ ଏହି ଆବେଦନ ଉପରେ ଶୀଘ୍ର ବିଚାର କରି ଉଚିତ୍ ନିଷ୍ପତ୍ତି ନେବାକୁ କହିଛନ୍ତି।

# ଢାକା ଦୂତାବାସର ଭାରତୀୟ ଅଧିକାରୀଙ୍କ ରହସ୍ୟଜନକ ମୃତ୍ୟୁ

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ବାଂଲାଦେଶର ଚିଟାଗଙ୍ଗ (ଚଟ୍ଟଗ୍ରାମ) ସ୍ଥିତ ଭାରତୀୟ ଦୂତାବାସ ପରିସରରୁ ଜଣେ ଭାରତୀୟ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଜଣକ ହେଉଛନ୍ତି ୩୫ ବର୍ଷୀୟ ନରେନ୍ଦ୍ର, ଯିଏ କି ଦୂତାବାସରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସକାଳେ ତାଙ୍କ କୋଠରୀ ଭିତରୁ ତାଙ୍କର ଶବ ମିଳିବା ପରେ ସେଠାରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ଏବଂ ଦୂତାବାସର ସୂଚନା ଅନୁଯାୟୀ, ନରେନ୍ଦ୍ର ଧର ସୋମବାର ରାତିରେ ନିଜ କାମ ସାରି କୋଠରୀକୁ ଫେରିଥିଲେ। ମଙ୍ଗଳବାର ସକାଳେ ସେ ଡ୍ୟୁଟିକୁ ନଆସିବାରୁ ସହକର୍ମୀମାନେ ତାଙ୍କୁ ଫୋନ୍ କରିଥିଲେ ଏବଂ କବାଟ ବାଡେଇଥିଲେ। କିନ୍ତୁ କୌଣସି ପ୍ରତିକ୍ରିୟା ନମିଳିବାରୁ କବାଟ ଖୋଲାଯାଇଥିଲା ଏବଂ ସେ ଚଟାଣରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରାଥମିକ ତଦନ୍ତ କରିଥିବା ପୋଲିସ ଅଧିକାରୀ ଆରିଫୁଲ୍ ଇସଲାମ କହିଛନ୍ତି ଯେ, ମୃତଦେହ ଉପରେ କୌଣସି ପ୍ରକାରର ଆଘାତ, କ୍ଷତ କିମ୍ବା ଧସ୍ତାଧସ୍ତିର ଚିହ୍ନ ମିଳିନାହିଁ। ପୋଲିସର ପ୍ରାଥମିକ ଅନୁମାନ ଅନୁଯାୟୀ, ରାତିରେ କିମ୍ବା ସକାଳେ ଶୌଚାଳୟରୁ ବାହାରିବା ସମୟରେ ହୃଦଘାତ କିମ୍ବା ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥାଇପାରେ। ଭାରତୀୟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ଚିଟାଗଙ୍ଗ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବାଂଲାଦେଶ ପୋଲିସ ପ୍ରକାଶ କରିଛି। ବର୍ତ୍ତମାନ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରାଯାଇ ଭାରତୀୟ ଉଚ୍ଚାୟୁକ୍ତଙ୍କ ସହଯୋଗରେ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା: ଜେଲ୍ ଗଲେ ୫ ଅଭିଯୁକ୍ତ

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ଦେଶବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଦିଲ୍ଲୀର ଏକ ଅଦାଲତ ୫ ଜଣ ଅଭିଯୁକ୍ତଙ୍କୁ ଆସନ୍ତା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତ (ଜେଲ୍)କୁ ପଠାଇ ଦେଇଛନ୍ତି। କେନ୍ଦ୍ରୀୟ ସେବା ସଂସ୍ଥା ସିବିଆଇ (ସିବିଆଇ) ଏହି ୫ ଜଣଙ୍କୁ ଅଧିକ ପଚରାଉଚରା ପାଇଁ ନିଜ ହେପାଜତକୁ ନେବାକୁ ଆବେଦନ କରି ନ ଥିଲା, ଯାହା ଦର୍ଶାଉଛି ଯେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ସିଧାସଳଖ ଜେରା କରିବାର ଆବଶ୍ୟକତା ନାହିଁ। ଏହି ମାମଲାରେ ସିବିଆଇ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତର ହେପାଜତ ଅବଧିକୁ ଆଉ ୭ ଦିନ ବଢ଼ାଇବା ପାଇଁ କୋର୍ଟଙ୍କୁ ଅନୁରୋଧ କରିଛି। ଅଭିଯୋଗ ଅନୁଯାୟୀ, ଏହି ମୁଖ୍ୟ ଅଭିଯୁକ୍ତ ଜଣକ ଲିକ୍ ହୋଇଥିବା ପ୍ରଶ୍ନପତ୍ରକୁ ପ୍ରଥମେ ୧୦ ଲକ୍ଷ ଟଙ୍କାରେ କିଣିଥିଲେ ଏବଂ ପରେ ତାହାକୁ ଅନ୍ୟମାନଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଏହି ମୁଖ୍ୟ ଅଭିଯୁକ୍ତଙ୍କୁ ଅଧିକ ଦିନ ଜେରା କରିବା ଜରୁରୀ ବୋଲି ସିବିଆଇ କହିଛି। ମିଳିଥିବା ନୂଆ ପ୍ରମାଣ ସହ ଅଭିଯୁକ୍ତଙ୍କୁ ସାମ୍ନାସାମ୍ନି ବସାଇ ପଚରାଉଚରା କରାଯିବ। ପ୍ରଶ୍ନପତ୍ର ଲିକ୍‌ର ଚେର କେଉଁଠି କେଉଁଠି ରହିଛି, ତାହା ଖୋଜିବା ପାଇଁ ସିବିଆଇ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରିବାକୁ ଯୋଜନା କରିଛି। ବର୍ତ୍ତମାନ କୋର୍ଟରେ ଏହି ମୁଖ୍ୟ ଅଭିଯୁକ୍ତର ରିମାଣ୍ଡ ଅବଧି ବୃଦ୍ଧି ନେଇ ଶୁଣାଣି ଚାଲିଥିବା ବେଳେ, ସାରା ଦେଶରେ ଏହି ପରୀକ୍ଷା ଦୁର୍ନୀତିର ପଛରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ସିବିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# କର୍ଣ୍ଣେଲଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ସେନା ଟେଣ୍ଡରରେ ବ୍ୟାପକ ଅନିୟମିତତା ଏବଂ ଲାଞ୍ଚ କାରବାର ଅଭିଯୋଗରେ କେନ୍ଦ୍ରୀୟ ସେବା ସଂସ୍ଥା ସିବିଆଇ ଭାରତୀୟ ସେନାର ଜଣେ କାର୍ଯ୍ୟରତ କର୍ଣ୍ଣେଲଙ୍କୁ ଗିରଫ କରିଛି। ଗିରଫ ସେନା ଅଧିକାରୀ ଜଣକ ହେଉଛନ୍ତି କର୍ଣ୍ଣେଲ୍ ହିମାଂଶୁ ବାଲି, ଯିଏ କି କୋଲକାତାର ଫୋର୍ଟ ଉଇଲିୟମ୍‌ସ୍ଥିତ ଇଷ୍ଟର୍ଣ୍ଣ କମାଣ୍ଡର ଆର୍ମି ଅର୍ଡିନାନ୍ସ କର୍ପସ ରେ କାର୍ଯ୍ୟରତ ଅଛନ୍ତି। ସିବିଆଇର ସୂଚନା ଅନୁଯାୟୀ, କର୍ଣ୍ଣେଲ୍ ହିମାଂଶୁ ବାଲି କାନପୁରର ଏକ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ସଂସ୍ଥା ‘ଇଷ୍ଟର୍ଣ୍ଣ ଗ୍ଲୋବାଲ୍ ଲିମିଟେଡ୍’ କୁ ବେଆଇନ ଭାବେ ସେନାର ବଡ଼ ବଡ଼ ଟେଣ୍ଡର ଦେବାରେ ସାହାଯ୍ୟ କରୁଥିଲେ। କର୍ଣ୍ଣେଲ୍ ବାଲି ଲାଞ୍ଚ ବଦଳରେ କମ୍ପାନୀର ବେଆଇନ ବିଲ୍ ପାସ୍ କରାଇବା ସହ ସେମାନଙ୍କର ନିମ୍ନମାନର ସାମଗ୍ରୀର ସାମ୍ପଲ୍‌କୁ ମଧ୍ୟ ଅନୁମୋଦନ କରୁଥିଲେ। ସିବିଆଇ ଅନୁଯାୟୀ, ଗତ ମେ ୧୬ ତାରିଖରେ କର୍ଣ୍ଣେଲ୍ ବାଲି ବାକି ଥିବା ୫୦ ଲକ୍ଷ ଟଙ୍କାର ଲାଞ୍ଚ ମାଗିଥିଲେ। ଏହି ଟଙ୍କା ହବାଲା ଚ୍ୟାନେଲ୍ ମାଧ୍ୟମରେ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଜଣେ ମଧ୍ୟସ୍ଥିଙ୍କୁ ଦିଆଯାଉଥିବା ବେଳେ ସିବିଆଇ ଜାଲ ବିଛାଇ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲା।

# ‘ଲ୍ୟାଣ୍ଡର’ ଜମ୍ପ୍ ଖୋଲିଲା ଚନ୍ଦ୍ରର ରହସ୍ୟ



ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ)ର ଚନ୍ଦ୍ରଯାନ-୩ ଅଭିଯାନ ସମାପ୍ତ ହେବାର ଦୀର୍ଘ ଦିନ ପରେ ବି ଏହା ବିଶ୍ୱକୁ ଚମକାଇଲା ଭଳି ନୂଆ ନୂଆ ତଥ୍ୟ ପ୍ରଦାନ କରୁଛି। ୨୦୨୩ ମସିହାରେ ଅଭିଯାନର ଶେଷ ସମୟରେ ବିକ୍ରମ ଲ୍ୟାଣ୍ଡର ଦ୍ୱାରା କରାଯାଇଥିବା ଏକ କୁଦା ବା ‘ହପ୍ ଏକ୍ସପେରିମେଣ୍ଟ’ ଏବେ ଚନ୍ଦ୍ରର ଦକ୍ଷିଣ ମେରୁର ଭୂତତ୍ତ୍ୱକୁ ବୁଝିବାରେ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଶେଷ ମୁହୂର୍ତ୍ତରେ ବଳକା ଇନ୍ଧନ ବ୍ୟବହାର କରି କରାଯାଇଥିବା ଏହି ପରୀକ୍ଷଣରୁ ଜଣାପଡ଼ିଛି ଯେ, ଶିବ ଶକ୍ତି ପଏଣ୍ଟ ନିକଟରେ ଥିବା ଚନ୍ଦ୍ରର ମାଟି ପୂର୍ବ ଅପେକ୍ଷା ଅଧିକ ଜଟିଳ ଏବଂ ବିବିଧତାପୂର୍ଣ୍ଣ।

୧୪ ଜୁଲାଇ ୨୦୨୩ରେ ମହାକାଶକୁ ପ୍ରେରିତ ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡର ୨୩ ଅଗଷ୍ଟରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିଥିଲା। ଏହି ଅଭିଯାନ ପ୍ରାୟ ୧୪ ଦିନ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଅଭିଯାନ ଶେଷ ହେବାକୁ ଯାଉଥିବା ବେଳେ ଲ୍ୟାଣ୍ଡରରେ କିଛି ଇନ୍ଧନ ବାକି ରହିଥିଲା। ଇସ୍‌ରୋର ବୈଜ୍ଞାନିକମାନେ ଏକ ପୂର୍ବ-ନିର୍ଦ୍ଧାରିତ ନଥିବା ଯୋଜନା ପ୍ରସ୍ତୁତ କରି ଲ୍ୟାଣ୍ଡରର ଇଞ୍ଜିନକୁ ପୁଣିଥରେ ଚାଲୁ କରିଥିଲେ। ଏହା ଦ୍ୱାରା ଲ୍ୟାଣ୍ଡରଟି ଚନ୍ଦ୍ରପୃଷ୍ଠରୁ ପ୍ରାୟ ୪୦ ରୁ ୫୦ ସେଣ୍ଟିମିଟର ଉପରକୁ ଉଠି କିଛି ଦୂରରେ ପୁଣିଥରେ ଅବତରଣ କରିଥିଲା। ପ୍ରଥମେ ଏହା କେବଳ ଏକ ବୈଷୟିକ ପ୍ରଦର୍ଶନୀ ଭଳି ମନେହେଉଥିଲା, ଯାହା ପ୍ରମାଣିତ କରିଥିଲା ଯେ ଭାରତ ଚନ୍ଦ୍ରପୃଷ୍ଠରୁ ପୁଣି ଉଡ଼ାଣ ଭରିପାରିବ। ମାତ୍ର ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ଏକ ବଡ଼ ସଫଳତା ଆଣିଦେଇଛି। ଲ୍ୟାଣ୍ଡରର ଇଞ୍ଜିନରୁ ବାହାରିଥିବା ପ୍ରଖର ନିଆଁ ଯୋଗୁଁ ଚନ୍ଦ୍ରପୃଷ୍ଠର ଉପରିଭାଗରେ ଥିବା ପ୍ରାୟ ୩ ସେଣ୍ଟିମିଟର ମାଟି ଉଡ଼ିଯାଇଥିଲା। ଏହାପରେ ଲ୍ୟାଣ୍ଡରରେ ଥିବା ସ୍ୱତନ୍ତ୍ର ଯନ୍ତ୍ର ‘ଚାଷ୍ଟେ’ ମାଟିର ଭିତର ସ୍ତରକୁ ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲା। ତଥ୍ୟରୁ ଜଣାପଡ଼ିଛି ଯେ ଚନ୍ଦ୍ରର ମାଟି ସମାନ ନୁହେଁ, ବରଂ ଏକ କେକ୍ ଭଳି ସ୍ତର ସ୍ତର ହୋଇ ରହିଛି। ଉପରିଭାଗର ମାଟି ଅତ୍ୟନ୍ତ ହାଲୁକା ଏବଂ କୋମଳ ହୋଇଥିବା ବେଳେ, ମାତ୍ର କେଇ ସେଣ୍ଟିମିଟର ତଳେ ଥିବା ମାଟି ଅଧିକ ଶକ୍ତ ଓ ଭିନ୍ନ ଗୁଣସମ୍ପନ୍ନ ଅଟେ।

ଏହି ନୂତନ ଆବିଷ୍କାର ବିଶ୍ୱ ମହାକାଶ ଗବେଷଣା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଆମେରିକାର ମହାକାଶ ସଂସ୍ଥା ନାସା ଚନ୍ଦ୍ରର ଦକ୍ଷିଣ ମେରୁରେ ନିଜର ସ୍ଥାୟୀ ବେସ୍ ବା ଶିବିର ସ୍ଥାପନ କରିବାକୁ ଯୋଜନା କରୁଛି। ଚନ୍ଦ୍ରର ଏହି ଅଞ୍ଚଳରେ ବରଫ ଆକାରରେ ଜଳ ରହିଥିବା ଆଶା କରାଯାଉଛି। ତେଣୁ ସେଠାରେ ଭବିଷ୍ୟତରେ ଖନନ କରିବା, ଘର ତିଆରି କରିବା କିମ୍ବା ମହାକାଶଚାରୀଙ୍କ ସୁରକ୍ଷା ପାଇଁ ଏହି ମାଟିର ଗଠନକୁ ବୁଝିବା ଅପରିହାର୍ଯ୍ୟ ଥିଲା, ଯାହା ଭାରତର ଚନ୍ଦ୍ରଯାନ-୩ କରି ଦେଖାଇଛି। ୨୦୦୮ ରେ ଚନ୍ଦ୍ରଯାନ-୧ ଚନ୍ଦ୍ରରେ ପାଣିର ସନ୍ଧାନ ପାଇ ବିଶ୍ୱକୁ ଚକିତ କରିଥିବା ବେଳେ, ଏବେ ଚନ୍ଦ୍ରଯାନ-୩ ଚନ୍ଦ୍ରର ରହସ୍ୟକୁ ସ୍ତର ପରେ ସ୍ତର ଖୋଲିବାରେ ସଫଳ ହୋଇଛି।

# ସୁପର ଏଲ୍-ନିନୋକୁ ନେଇ ବଢୁଛି ଚିନ୍ତା



**ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନା ଏଥର ବି ବର୍ତ୍ତିଯିବ ଭାରତ?**

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ଭାରତରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ‘ଏଲ୍ ନିନୋ’ ଜଳବାୟୁ ପ୍ରକ୍ରିୟା ଏବେ ଚିନ୍ତା ବଢ଼ାଇଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ହେଉଥିବା ୭୦ ପ୍ରତିଶତ ମୌସୁମୀ ବର୍ଷା ଉପରେ ଏହାର ପ୍ରଭାବ ପଡ଼ିବା ନେଇ ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି, ଯାହା କୃଷି ଏବଂ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ବଡ଼ ପରୀକ୍ଷା ସଦୃଶ ହେବ। ପ୍ରଶାନ୍ତ ମହାସାଗରର ପୃଷ୍ଠଭାଗରେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ଯୋଗୁଁ ‘ଏଲ୍ ନିନୋ’ ସୃଷ୍ଟି ହୋଇଥାଏ। ଏହା ଦ୍ୱାରା ମୌସୁମୀ ବାୟୁ ଦୁର୍ବଳ ହୋଇଯାଏ ଏବଂ ବର୍ଷାର ପରିମାଣ ହ୍ରାସ ପାଇଥାଏ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆକଳନ ଅନୁଯାୟୀ, ଏଥର ସ୍ୱାଭାବିକଠାରୁ କମ୍ ଅର୍ଥାତ୍ ପ୍ରାୟ ୯୨ ପ୍ରତିଶତ ବର୍ଷା ହୋଇପାରେ। ଯଦି ଏହା ସକାରାତ୍ମକ ରହେ, ତେବେ ଏଲ୍ ନିନୋ ସତ୍ତ୍ୱେ ଭାରତରେ ଭଲ ବର୍ଷା ହେବାର ସମ୍ଭାବନା ଥାଏ। ଜଳବାୟୁ ବିଜ୍ଞାନୀ ରଘୁ ମୁର୍ତ୍ତୁଗୁଡେଙ୍କ ଅନୁଯାୟୀ, ଏହାକୁ ବର୍ତ୍ତମାନଠାରୁ ‘ସୁପର ଏଲ୍ ନିନୋ’ କହିବା ଠିକ୍ ହେବନାହିଁ। ତେବେ ବର୍ଷାର ମୋଟ ପରିମାଣ ଅପେକ୍ଷା ବିଭିନ୍ନ ଅଞ୍ଚଳରେ ଅସମାନ ବର୍ଷା ହେବା କୃଷି କ୍ଷେତ୍ର ପାଇଁ ଅଧିକ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ମୌସୁମୀ ଜନିତ ସମସ୍ୟା ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ସରକାର ଏବେଠାରୁ ଚିନି ରପ୍ତାନି ଉପରେ କଟକଣା ଲଗାଇବା ସହ ଖାଇବା ତେଲ ଏବଂ ସାରର ମହଜୁଦ୍ ଉପରେ ନଜର ରଖିଛନ୍ତି। ଇତିହାସ କୁହେ ଯେ ପ୍ରତି ଏଲ୍ ନିନୋ ବର୍ଷରେ ମରୁଡ଼ି ହୁଏନାହିଁ। ପୂର୍ବରୁ ୧୯୯୭-୯୮ ମସିହାରେ ମଧ୍ୟ ଏଭଳି ସ୍ଥିତିରେ ଭାରତରେ ଭଲ ବର୍ଷା ହୋଇଥିଲା। ତେଣୁ ଭୟଭୀତ ନହୋଇ ଚାଷ କାର୍ଯ୍ୟର ସମୟ ସୂଚୀରେ ପରିବର୍ତ୍ତନ କରିବା, ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେବା ଏବଂ ପାଣିପାଗ ବିଭାଗର ନିୟମିତ ସୂଚନା ଆଧାରରେ ପ୍ରସ୍ତୁତ ରହିବା ହିଁ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରତିକାର।

# ବିଦ୍ରୋହୀ ଏଡିଏମ୍‌କେ ବିଧାୟକଙ୍କୁ ମିଳିବନି ମନ୍ତ୍ରୀ ପଦ: ବିଜୟ

ଚେନ୍ନଇ, ୨୦।୫(ଏଜେନ୍ସି): ତାମିଲନାଡୁରେ ନୂଆ ସରକାର ଗଠନ ପରେ ରାଜନୈତିକ ଗତିବିଧି ତୀବ୍ର ହେବାରେ ଲାଗିଛି। ସହଯୋଗୀ ଦଳଗୁଡ଼ିକର ଚେତାବନୀ ପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦଳ ‘ତାମିଲଗା ଭେଟ୍ରି କାଜାଗାମ’ (ଟିଭିକେ) ଏକ ବଡ଼ ସ୍ପଷ୍ଟୀକରଣ ଦେଇଛି। ସରକାରଙ୍କୁ ସମର୍ଥନ କରୁଥିବା ଏଆଇଏଡିଏମ୍‌କେ ଓ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କୁ ଆଗାମୀ କ୍ୟାବିନେଟ୍ ସମ୍ପ୍ରସାରଣରେ କୌଣସି ମନ୍ତ୍ରୀ ପଦ ଦିଆଯିବ ନାହିଁ ବୋଲି ଦଳ ତାର ସହଯୋଗୀମାନଙ୍କୁ ଆଶ୍ୱାସନା ଦେଇଛି। ସରକାରଙ୍କୁ ସମର୍ଥନ ଦେଉଥିବା ଅନ୍ୟତମ ପ୍ରମୁଖ



ଦଳର ମୁଖ୍ୟ ଥୋଲ୍ ଥିରୁମାଭାଲାଭନ୍ ଏବଂ ବାମପନ୍ଥୀ ଦଳ ଏହି ନିଷ୍ପତ୍ତିକୁ ନେଇ ଦୃଢ଼ ଆପତ୍ତି ପ୍ରକାଶ କରିଥିଲେ। ଯଦି ବିଦ୍ରୋହୀ ଗୋଷ୍ଠୀକୁ ମନ୍ତ୍ରୀ ପଦ ଦିଆଯାଏ, ତେବେ ସେମାନେ ସରକାରଙ୍କୁ ଦେଇଥିବା ସମର୍ଥନ ପ୍ରତ୍ୟାହାର କରିବା ସହ ପୁନର୍ବିଚାର କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ଚାପ ପରେ ମୁଖ୍ୟମନ୍ତ୍ରୀ ବିଜୟ ସେମାନଙ୍କ ଦାବିକୁ ଗ୍ରହଣ କରିଛନ୍ତି। ଦଳର ସାଧାରଣ ସମ୍ପାଦକ ଆଧବ ଅର୍ଜୁନ କହିଛନ୍ତି ଯେ, ସରକାର ନିଜ ସହଯୋଗୀମାନଙ୍କ ସହ କ୍ଷମତା ଭାଗବଣ୍ଟା କରିବାକୁ ପ୍ରସ୍ତୁତ ଅଛନ୍ତି। ତାମିଲନାଡୁ ଇତିହାସରେ ବହୁ ବର୍ଷ ପରେ ଏଭଳି ମିଳିତ ଶାସନ ଦେଖିବାକୁ ମିଳିବ। ଏହି କ୍ରମରେ କଂଗ୍ରେସ ଦଳକୁ ଦୁଇଟି ମନ୍ତ୍ରୀ ପଦ ମିଳିବାର ସମ୍ଭାବନା ରହିଛି ଏବଂ ଅନ୍ୟ ସହଯୋଗୀ ଦଳଗୁଡ଼ିକୁ ମଧ୍ୟ କ୍ୟାବିନେଟ୍‌ରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଛି। ଗତ ମେ ୧୦ ତାରିଖରେ ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଖୁବ୍‌ଶୀଘ୍ର ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ କରାଯିବ। ରାଜ୍ୟପାଳ ନୂତନ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇବେ। ଦଳ ନିଜର ପ୍ରମୁଖ ବିଭାଗଗୁଡ଼ିକୁ ନିଜ ପାଖରେ ରଖି ଆଞ୍ଚଳିକ ଓ ଜାତିଗତ ସମୀକରଣକୁ ଆଧାର କରି ମନ୍ତ୍ରୀମଣ୍ଡଳର ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଯୋଜନା କରୁଛି।

# ଇରାନ ଯୁଦ୍ଧରେ ଆମେରିକା ହରାଇଛି ୪୨ଟି ଅତ୍ୟାଧୁନିକ ଯୁଦ୍ଧବିମାନ, ଡ୍ରୋନ୍



ୱାଶିଂଟନ, ୨୦।୫(ଏଜେନ୍ସି): ଇରାନ ବିପକ୍ଷ ଯୁଦ୍ଧରେ ଆମେରିକା ସେନାକୁ ଏକ ଶକ୍ତ ଧକ୍କା ଲାଗିଛି। ଏହି ସଂଘର୍ଷରେ ଆମେରିକାର ଅନ୍ତତଃ ୪୨ଟି ଅତ୍ୟାଧୁନିକ ସାମରିକ ବିମାନ, ଯୁଦ୍ଧବିମାନ ଏବଂ ଡ୍ରୋନ୍ ସମ୍ପୂର୍ଣ୍ଣ ନଷ୍ଟ କିମ୍ବା କ୍ଷତିଗ୍ରସ୍ତ ହୋଇଛି। ଆମେରିକା ସଂସଦର ‘କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ’ (ସିଆରଏସ୍) ପକ୍ଷରୁ ପ୍ରକାଶିତ ଏକ ସରକାରୀ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପେଣ୍ଟାଗନ୍ ସୂଚନା ଅନୁଯାୟୀ, ଇରାନ ବିରୋଧରେ ଚାଲିଥିବା ଏହି ସାମରିକ ଅଭିଯାନର ମୋଟ ଖର୍ଚ୍ଚ ଏବେ ସୁଦ୍ଧା ପ୍ରାୟ ୨୯ ବିଲିୟନ ଡଲାରରେ ପହଞ୍ଚିଲାଣି। ସିଆରଏସ୍ ରିପୋର୍ଟ ଅନୁସାରେ, ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ କମାଣ୍ଡର ବିବୃତ୍ତିକୁ ଆଧାର କରି ନଷ୍ଟ ହୋଇଥିବା ବିମାନଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଅତ୍ୟନ୍ତ ବ୍ୟୟବହୁଳ ଓ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର ସାମିଲ ରହିଛି। ଏଥିରେ ୪ଟି ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧବିମାନ, ୧ଟି ଏଫ୍-୩୫ଏ ଲାଇଟନିଂ ୨ ଯୁଦ୍ଧବିମାନ, ୨୪ଟି ଏମକ୍ୟୁ- ୯ ରୀପର୍ ଡ୍ରୋନ୍, ୭ଟି କେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କର (ଆକାଶରେ ଇନ୍ଧନ ଭରୁଥିବା ବିମାନ), ୧ଟି ଏମକ୍ୟୁ-୪ସି ଟ୍ରାଇଟନ୍ ଡ୍ରୋନ୍, ଏହା ସହିତ ଏ-୧୦ ଆଟାକ୍ ବିମାନ, ଇ-୩ ସେଣ୍ଟ୍ରି (ଆୱାକ୍ସ) ଏବଂ ସାମରିକ ହେଲିକପ୍ଟର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ଯୁଦ୍ଧ ଚଳିତ ବର୍ଷ ଫେବୃଆରୀ ୨୮ ରେ ଆରମ୍ଭ ହୋଇଥିଲା, ଯେତେବେଳେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରି ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କ ସହ ଅନେକ ପ୍ରମୁଖ ନେତାଙ୍କୁ ହତ୍ୟା କରିଥିଲେ। ଏହାପରେ ଏପ୍ରିଲ ମାସରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲା। ଆମେରିକାର ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ ଆରାଗଚି ଏହାକୁ ସୋସିଆଲ ମିଡିଆରେ ସେୟାର କରି ଆମେରିକାକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ସଂସଦ ନିଜେ କୋଟି କୋଟି ଡଲାରର ବିମାନ ନଷ୍ଟ ହେବା କଥା ସ୍ୱୀକାର କରିଛି।

# ମୋଦୀ-ମେଲୋନୀଙ୍କ ଡିନର ଏବଂ କୋଲୋସିୟମ୍ ଭ୍ରମଣ



ରୋମ, ୨୦।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୫ଟି ଦେଶ ଗସ୍ତର ଶେଷ ପର୍ଯ୍ୟାୟରେ ମଙ୍ଗଳବାର ଇଟାଲୀର ରାଜଧାନୀ ରୋମରେ ପହଞ୍ଚିଛନ୍ତି। ସେଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ ଏକ ଅନୌପଚାରିକ ତଥା ବନ୍ଧୁତ୍ୱପୂର୍ଣ୍ଣ ସାକ୍ଷାତକାର ଦେଖିବାକୁ ମିଳିଛି। ଦ୍ୱିପାକ୍ଷିକ ଆଲୋଚନା ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ କାର୍ ସଫର, ରାତ୍ରି ଭୋଜନ ଏବଂ ରୋମର ପ୍ରସିଦ୍ଧ ଐତିହାସିକ ସ୍ଥଳ ‘କୋଲୋସିୟମ୍’ ଭ୍ରମଣ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋମରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମେଲୋନୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ କରିବା ସହ ରାତ୍ରି ଭୋଜନର ଆୟୋଜନ କରିଥିଲେ। ଏହାପରେ ଦୁଇ ନେତା ରୋମର ରାସ୍ତାରେ ଏକାଠି କାର୍‌ରେ ଯାତ୍ରା କରିଥିଲେ, ଯାହାକୁ ‘କାର୍ ଡିପ୍ଲୋମାସି’ ବୋଲି କୁହାଯାଉଛି। ବିଳମ୍ବିତ ସନ୍ଧ୍ୟାରେ ଦୁଇ ନେତା ରୋମର ପ୍ରସିଦ୍ଧ ପୁରାତନ କୀର୍ତ୍ତିରାଜି କୋଲୋସିୟମ୍ ବୁଲି ଦେଖିବା ସହ ସେଠାରେ ବିଭିନ୍ନ ବିଷୟରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଭିଡିଓରେ ସେ କହିଛନ୍ତି, ‘ପ୍ରଧାନମନ୍ତ୍ରୀ ମୋଦୀ ମୋ ପାଇଁ ଏକ ବହୁତ ଭଲ ଟଫି ‘ମେଲୋଡି’ ଉପହାର ଆଣିଛନ୍ତି।

# ମୋଦୀଙ୍କୁ ନେଇ ବିବାଦୀୟ କାର୍ଟୁନ୍, ନରୱେ ସମ୍ବାଦପତ୍ରକୁ କଡ଼ା ସମାଲୋଚନା

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ନରୱେର ସବୁଠାରୁ ବଡ଼ ଖବରକାଗଜ ‘ଆଫ୍‌ଟେନପୋଷ୍ଟେନ୍’ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ବିବାଦୀୟ କାର୍ଟୁନ୍ ପ୍ରକାଶ ପାଇବା ପରେ ବିଶ୍ୱସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି କାର୍ଟୁନ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ଜଣେ ସାପୁଆ ଭାବେ ଚିତ୍ରିତ କରାଯାଇଥିବାରୁ ଏହାକୁ ବର୍ଣ୍ଣବୈଷମ୍ୟ ଏବଂ ଔପନିବେଶିକ ମାନସିକତା ବୋଲି କହି କଡ଼ା ସମାଲୋଚନା କରାଯାଉଛି। ଦେଶରେ ବଢୁଥିବା ପେଟ୍ରୋଲ ଏବଂ ଡିଜେଲ ଦରକୁ ସୂଚେଇବା ପାଇଁ ଖବରକାଗଜଟି ଏକ ମତ ସମ୍ବଳିତ ଆର୍ଟିକିଲ୍‌ରେ ଏହି ଚିତ୍ର ପ୍ରକାଶ କରିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ତେଲ ପମ୍ପ ଆକୃତିର ସାପ ସାମ୍ନାରେ ବାଦ୍ୟ ବଜାଉଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ‘ଏକ୍ସ’ (ଟ୍ୱିଟର)ରେ ବ୍ୟାପକ ଆକ୍ରୋଶ ପ୍ରକାଶ ପାଇଛି। ଅନେକେ ମତ ଦେଇଛନ୍ତି ଯେ ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ କୌଣସି ଗଣତାନ୍ତ୍ରିକ ଦେଶର ନେତାଙ୍କୁ ଏଭଳି ଅପମାନିତ କରାଯାଇପାରିବ ନାହିଁ। ନରୱେ ଗଣମାଧ୍ୟମ ଏବେ ମଧ୍ୟ ୧୯ତମ ଶତାବ୍ଦୀର ପୁରୁଣା ଚିନ୍ତାଧାରାରେ ବୁଡ଼ି ରହିଛି।

# ଟ୍ରେନରେ ନିଆଁ: ଦୁର୍ଘଟଣା ନୁହେଁ; ଷଡ଼ଯନ୍ତ୍ର !

ନୂଆଦିଲ୍ଲୀ, ୨୦।୫(ଏଜେନ୍ସି): ସାରା ଦେଶରେ ନିକଟରେ ଘଟିଥିବା କେତେକ ଟ୍ରେନ୍ ପୋଡ଼ି ଘଟଣା କୌଣସି ଦୁର୍ଘଟଣା ନୁହେଁ, ବରଂ ଏହା ପଛରେ ଅସାମାଜିକ ତତ୍ତ୍ୱମାନଙ୍କର ଏକ ବଡ଼ ଷଡ଼ଯନ୍ତ୍ର ଓ ନିଆଁ ଲଗାଇବାର ଅପଚେଷ୍ଟା ରହିଛି ବୋଲି ଭାରତୀୟ ରେଳବାଇ ବୁଧବାର ସ୍ପଷ୍ଟ କରିଛି। ବିଭିନ୍ନ ସ୍ଥାନରେ ହୋଇଥିବା ତଦନ୍ତରୁ ଏହାର ପ୍ରମାଣ ମିଳିଛି। ରେଳବାଇ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଟ୍ରେନ୍‌ଗୁଡ଼ିକରେ ନିଆଁ ଲଗାଇବା ପାଇଁ ଯୋଜନାବଦ୍ଧ ଭାବେ ଚେଷ୍ଟା କରାଯାଇଛି। ହାୱଡ଼ା-ରକ୍ସୌଲ୍ ଏକ୍ସପ୍ରେସ୍‌ର ବାଥରୁମ୍‌ରୁ ପେଟ୍ରୋଲ୍ ଭିଜା କପଡ଼ା ମିଳିଛି। ଏହି କାରଣରୁ ଟ୍ରେନ୍ ଭିତରେ ପ୍ରବଳ ଧୂଆଁ ହେବା ସହ ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ମଧ୍ୟପ୍ରଦେଶର ରତଲାମ୍ ଜିଲ୍ଲା ଦେଇ ଯାଉଥିବା ରାଜଧାନୀ ଏକ୍ସପ୍ରେସ୍‌ର ବାଥରୁମ୍‌ରୁ ହିଁ ପ୍ରଥମେ ନିଆଁ ଆରମ୍ଭ ହୋଇଥିଲା, ଯାହାକି ଏକ ବଡ଼ ଷଡ଼ଯନ୍ତ୍ରର ସଙ୍କେତ ଦେଉଛି। ତେବେ ଠିକ୍ ସମୟରେ ୬୮ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ରାଜସ୍ଥାନର ଅମରପୁରା ଷ୍ଟେସନ ନିକଟରେ ଜଣେ ବ୍ୟକ୍ତି ଟ୍ରେନ୍ ଭିତରେ ଥିବା ଚଦର ଓ କପଡ଼ାରେ ନିଆଁ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ସାସାରାମ ଷ୍ଟେସନରେ ଠିଆ ହୋଇଥିବା ଏକ ଖାଲି ବଗି ଭିତରକୁ ଜଳନ୍ତା ବସ୍ତୁ ଫିଙ୍ଗି ନିଆଁ ଲଗାଯାଇଥିବା ସନ୍ଦେହ କରାଯାଉଛି। ଭାରତୀୟ ରେଳବାଇ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛି। ଯଦି କୌଣସି ଯାତ୍ରୀ ଟ୍ରେନ୍ କିମ୍ବା ଷ୍ଟେସନ ପରିସରରେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖନ୍ତି, ତେବେ ତୁରନ୍ତ ରେଳବାଇର ସହାୟତା ନମ୍ବର ୧୩୯ କୁ କଲ୍ କରି ସୂଚନା ଦେବାକୁ କୁହାଯାଇଛି। ବର୍ତ୍ତମାନ ଏହି ସବୁ ଘଟଣାର ଅଧିକ ଯାଞ୍ଚ କରାଯାଉଛି।



# କୈଳାସ ମାନସରୋବର ଯାତ୍ରାକୁ ନେପାଳର ବିରୋଧ କାହିଁକି

ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି): ଉତ୍ତରାଖଣ୍ଡର ଲିପୁଲେଖ୍ ପାସ୍ ଦେଇ ହେବାକୁ ଥିବା ଆଗାମୀ ‘କୈଳାସ ମାନସରୋବର ଯାତ୍ରା’କୁ ନେଇ ନେପାଳ ଆପତ୍ତି ଉଠାଇଛି। ନେପାଳର ଦାବି ଯେ, ଏହି ଯାତ୍ରାର ମାର୍ଗଟି ତାର ନିଜସ୍ୱ ଅଞ୍ଚଳ ଦେଇ ଗତି କରୁଛି। ଏହି ଧାର୍ମିକ ଯାତ୍ରାକୁ ନେଇ ଏବେ ଭାରତ, ନେପାଳ ଏବଂ ଚୀନ୍ ମଧ୍ୟରେ ଏକ ବଡ଼ ଭୂ-ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ବ୍ରିଟିଶ ଓ ନେପାଳ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଅନୁସାରେ ‘କାଳୀ ନଦୀ’କୁ ନେପାଳର ପଶ୍ଚିମ ସୀମା ଭାବେ ନିର୍ଦ୍ଧାରିତ କରାଯାଇଥିଲା। ମାତ୍ର ଏହି ନଦୀର ପ୍ରକୃତ ଉତ୍ପତ୍ତି ସ୍ଥଳ କେଉଁଠି, ତାକୁ ନେଇ ଦୁଇ ଦେଶ ମଧ୍ୟରେ ଭିନ୍ନ ମତ ରହିଛି। ନେପାଳ କହିବା ଅନୁସାରେ, ଏହି ନଦୀ ଲିମ୍ପିୟାଧୁରାଠାରୁ ବାହାରିଛି। ତେଣୁ ଲିମ୍ପିୟାଧୁରା, କାଲାପାନୀ ଏବଂ ଲିପୁଲେଖ୍ ଅଞ୍ଚଳ ତାର ସାର୍ବଭୌମତ୍ୱ ଅଧୀନରେ ଆସୁଛି। ୨୦୨୦ ମସିହାରେ ନେପାଳ ନିଜର ନୂଆ ମାନଚିତ୍ରରେ ମଧ୍ୟ ଏହି ସ୍ଥାନଗୁଡ଼ିକୁ ସାମିଲ କରିଥିଲା। ଭାରତ ନେପାଳର ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ଭାରତ ଅନୁସାରେ, କାଳୀ ନଦୀର ଉତ୍ପତ୍ତି ଲିପୁଲେଖ୍ ନିକଟରୁ ହୋଇଛି ଏବଂ ଏହି ଅଞ୍ଚଳ ଐତିହାସିକ ଓ ପ୍ରଶାସନିକ ଭାବେ ଭାରତର ନିୟନ୍ତ୍ରଣରେ ରହିଛି। ୧୯୫୪ ମସିହାରୁ ଭାରତୀୟ ତୀର୍ଥଯାତ୍ରୀମାନେ ନିରନ୍ତର ଭାବେ ଏହି ପାରମ୍ପରିକ ମାର୍ଗ ବ୍ୟବହାର କରି ଆସୁଛନ୍ତି। ନେପାଳର ଆପତ୍ତି ପ୍ରକୃତରେ ଯାତ୍ରା ରୋକିବା ପାଇଁ ନୁହେଁ, ବରଂ ସୀମା ବିବାଦ ମାମଲାରେ ନିଜର ଦାବିକୁ ଦୃଢ଼ କରିବା ପାଇଁ ଏହା ଏକ ରଣନୀତି। ଭାରତ ଏହି ବିବାଦକୁ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାହୁଁଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ତ୍ରିପାକ୍ଷିକ ସୀମା (ଭାରତ-ନେପାଳ-ଚୀନ୍) ଅଞ୍ଚଳରେ ରାଜନୀତି ଏବେ ବେଶ୍ ଗରମ ରହିଛି।

## ଦୁଲୀପ୍ ଟ୍ରଫିରୁ ୨୦୨୬-୨୭ ଘରୋଇ କ୍ରିକେଟ ସିଜନ

# ଅକ୍ଟୋବର ୧୧ରୁ ରଣଜୀ ଟ୍ରଫି

ନୂଆଦିଲ୍ଲୀ,୨୦।୫(ଏଜେନ୍ସି):

୨୦୨୬-୨୭ ସିଜନ ଲାଗି ବିସିସିଆଇ ପକ୍ଷରୁ ଭାରତର ସମସ୍ତ ପ୍ରକାର ଘରୋଇ କ୍ରିକେଟ ସୂଚୀ ଚୂଡ଼ାନ୍ତ କରିଛି। ଏହା ଫଳରେ ବିଶ୍ୱର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଯାଇଛି। ଏହି ସିଜନରେ ସମସ୍ତ ପୁରୁଷ ଓ ମହିଳା, ସିନିଅର ଓ ଜୁନିଅର ବିଭାଗରେ ମୋଟ ୧୭୮୮ଟି ମ୍ୟାଚ୍ ଖେଳାଯିବ। ପାରମ୍ପରିକ ଭାବେ ଦୁଲୀପ୍ ଟ୍ରଫିରୁ ଘରୋଇ କ୍ରିକେଟ ସିଜନ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଜୋନାଲ ଭିତ୍ତିରେ ଖେଳାଯାଉଥିଲା ବେଳେ ଦକ୍ଷିଣ ଭାରତ ବା ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଏହା ଖେଳାଯିବ। ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୦ ଯାଏ ଏହା ଚାଲିବ। ଏହା ପରେ ଇରାନି କପ୍ ଶ୍ରୀନଗରରେ ଅକ୍ଟୋବର ୧ରୁ ୫ ତାରିଖ ଯାଏ ଖେଳାଯିବ। ଏଥିରେ ରଣଜୀ ଟ୍ରଫି ଚାମ୍ପିଅନ୍ ଜାମ୍ମୁ-କଶ୍ମୀର ସହ ଅବଶିଷ୍ଟ ଭାରତ ଏକାଦଶର ମୁକାବିଲା ହେବ।

**ରଣଜୀ ଟ୍ରଫି:** ଭାରତୀୟ ଘରୋଇ କ୍ରିକେଟର ମେରୁଦଣ୍ଡ କୁହାଯାଉଥିବା ରଣଜୀ ଟ୍ରଫି ଦୁଇଟି ବିଭାଗରେ ଯଥା ଏଲିଟ ଓ ପ୍ଲେଟ୍ ଡିଭିଜନରେ ଖେଳାଯାଉଛି। ଉଭୟ ଡିଭିଜନରେ ମ୍ୟାଚ୍ ଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଏଲିଟ ଓ ପ୍ଲେଟ୍ ଡିଭିଜନର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୧ରୁ ନଭେମ୍ବର ୫ ଯାଏ ଖେଳାଯିବ। ଏଲିଟ୍ ଡିଭିଜନର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଜାନୁଆରୀ ୧୭ରୁ ଫେବୃଆରୀ ୪ଯାଏ ଓ ନକ୍ଆଉଟ ପର୍ଯ୍ୟାୟ ଫେବୃଆରୀ ୯ରୁ ମାର୍ଚ୍ଚ ୩ ଯାଏ ଖେଳାଯିବ। ସେହିପରି ପ୍ଲେଟ୍ ଡିଭିଜନର ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୦ରେ ଶେଷ ହେବ ଓ ଜାନୁଆରୀ ୨୪ରୁ ୨୮ ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମଧ୍ୟ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଇରାନି କପ୍ ଭଳି ସିକେ ନାଇଡୁ ଚାମ୍ପିଅନ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଅକ୍ଟୋବର ୧ରୁ ୪ ମଧ୍ୟରେ ଏକ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏହି ବିଭାଗରେ ହେଉଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫି ଓ ଭିଜ୍ଜି ଟ୍ରଫି ଦିନିକିଆ ଟୁର୍ଣ୍ଣାମେଣ୍ଟ ଏଥର ଟି-୨୦ ଫର୍ମାଟରେ ଖେଳାଯିବ।

**ସୟଦ ମୁସ୍ତାକ ଅଲି ଟି-୨୦:** ଭାରତୀୟ ଘରୋଇ କ୍ରିକେଟରେ ଟି-୨୦ ଫର୍ମାଟର ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫି ପୁରୁଣା ଫର୍ମାଟରେ ଖେଳାଯିବ। ନଭେମ୍ବର ୧୪ରୁ ୨୬ ଯାଏ ଏଲିଟ ଡିଭିଜନର ଲିଗ୍ ପର୍ଯ୍ୟାୟ ମୁମ୍ବଇ, ଭାଇଜାଗ୍, କୋଲକାତା ଓ ମୋହାଲିରେ ଖେଳାଯି। ନାଗପୁରରେ ନଭେମ୍ବର ୩୦ରୁ ଡିସେମ୍ବର ୬ ତାରିଖ ମଧ୍ୟରେ ନକ୍ଆଉଟ ମ୍ୟାଚ୍ ଗୁଡିକ ଅନୁଷ୍ଠିତ ହେବ। ପ୍ଲେଟ୍ ଡିଭିଜନର ସମସ୍ତ ମ୍ୟାଚ୍ ଗୁଡିକ ଦିମାପୁରରେ ନଭେମ୍ବର ୧୪ରୁ ୨୪ ମଧ୍ୟରେ ଖେଳାଯିବ।

**ବିଜୟ ହଜାରେ ଟ୍ରଫି :** ବେଙ୍ଗାଲୁରୁ, ଅହମ୍ମଦାବାଦ୍, ରାଞ୍ଚି ଓ ରାଜକୋଟ୍‌ରେ ବିଜୟ ହଜାରେ ଟ୍ରଫି ଏଲିଟ ଦିନିକିଆ ଟୁର୍ଣ୍ଣାମେଣ୍ଟର ଲିଗ୍ ମ୍ୟାଚ୍ ଗୁଡିକ ଡିସେମ୍ବର ୧୪ରୁ ୨୯ ମଧ୍ୟରେ ଖେଳାଯିବ। ଭାଇଜାଗ୍‌ରେ ନକ୍ଆଉଟ ପର୍ଯ୍ୟାୟ ମୁକାବିଲା ୨୦୨୭ ଜାନୁଆରୀ ୨ରୁ ୮ ମଧ୍ୟରେ ଅନୁଷ୍ଠିତ ହେବ। ପ୍ଲେଟ୍ ଡିଭିଜନର ସମସ୍ତ ମ୍ୟାଚ୍ ଗୁଡିକ ଇନ୍ଦୋରରେ ଡିସେମ୍ବର ୧୪ରୁ ୨୭ ମଧ୍ୟରେ ଖେଳାଯିବ। କୁଚ୍‌ବିହାର ଟ୍ରଫିର ଏଲିଟ୍ ଡିଭିଜନର ମ୍ୟାଚ୍ ଗୁଡିକ ବେଙ୍ଗାଲୁରୁ ଓ ମହୀଶୂରରେ ୨୦୨୭ ଜାନୁଆରୀ ୩ରୁ ୩୦ ମଧ୍ୟରେ ଖେଳାଯିବ।

### ରଣଜୀ ଏଲିଟ ଗ୍ରୁପ୍-ସି'ରେ ଓଡ଼ିଶା

ପ୍ରଭଞ୍ଜନ ମଲ୍ଲିକଙ୍କ ପ୍ରଶିକ୍ଷଣରେ ଓଡ଼ିଶା ରଣଜୀ ଦଳ ଏଥର ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବେଙ୍ଗଲ, ଝାଡଖଣ୍ଡ, ମହାରାଷ୍ଟ୍ର, ସର୍ଭିସେସ, ଗୁଜରାଟ, କେରଳ ଓ ଦିଲ୍ଲୀ ମଧ୍ୟ ସ୍ଥାନ ପାଇଛନ୍ତି। ଓଡ଼ିଶାକୁ ଏଥର ମଧ୍ୟ ନକ୍ଆଉଟ ଯିବାକୁ କଡ଼ା ସଂଘର୍ଷ କରିବାକୁ ପଡ଼ିବ।

ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିର ଏଲିଟ୍-ଡି' ଗ୍ରୁପ୍‌ରେ ହାଇଦରାବାଦ୍, ମୁମ୍ବଇ, ଗୋଆ, ଗୁଜରାଟ, ବିଦର୍ଭ, ଉତ୍ତରାଖଣ୍ଡ ଓ ଛତିଶଗଡ଼ ସହ ଓଡ଼ିଶା ସ୍ଥାନ ପାଇଛି।

ବିଜୟ ହଜାରେ ଦିନିକିଆ ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ୍-ଡି'ରେ ଲଢ଼େଇ କରିବ। କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ ଭଳି ଶକ୍ତିଶାଳୀ, ବେଙ୍ଗଲ, ତ୍ରିପୁରା, ଆସାମ ଭଳି ପଡୋଶୀ ଦଳ ଓ ପୁଡୁଚେରୀ ସହ ଓଡ଼ିଶା ଦିନିକିଆ ଫର୍ମାଟରେ ମୁକାବିଲା କରିବ।

### ବିସିସିଆଇ ଘରୋଇ କ୍ରିକେଟ ସୂଚୀ

| | | |
|---|---|---|
| ଦୁଲୀପ ଟ୍ରଫି | ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୦ | ବେଙ୍ଗାଲୁରୁ |
| ଇରାନି କପ୍ | ଅକ୍ଟୋବର ୧ରୁ ୫ | ଜାମ୍ମୁ-କଶ୍ମୀର ବନାମ ଅବଶିଷ୍ଟ ଭାରତ |
| ରଣଜୀ ଟ୍ରଫି ଏଲିଟ-୧ | ଅକ୍ଟୋବର ୧୧ରୁ ନଭେମ୍ବର ୫ | --- |
| ରଣଜୀ ଟ୍ରଫି ଏଲିଟ୍-୨ | ୨୦୨୭ ଜାନୁଆରୀ ୧୭ରୁ ଫେବୃଆରୀ ୪ | --- |
| ରଣଜୀ ଟ୍ରଫି ନକ୍ଆଉଟ | ୨୦୨୭ ଫେବୃଆରୀ ୯ରୁ ମାର୍ଚ୍ଚ ୩ | --- |
| ସୟଦ ମୁସ୍ତାକ ଅଲି ଟି-୨୦ ଲିଗ୍ | ନଭେମ୍ବର ୧୪ରୁ ୨୬ | ମୁମ୍ବଇ, ଭାଇଜାଗ୍, କୋଲକାତା, ମୋହାଲି |
| ସୟଦ ମୁସ୍ତାକ ଅଲି ଟି-୨୦ ନକ୍ଆଉଟ | ନଭେମ୍ବର ୩୦ରୁ ଡିସେମ୍ବର ୬ | ନାଗପୁର |
| ବିଜୟ ହଜାରେ ଟ୍ରଫି ଏଲିଟ୍ ଲିଗ୍ | ଡିସେମ୍ବର ୧୪ରୁ ୨୯ | ବେଙ୍ଗାଲୁରୁ, ଅହମ୍ମଦାବାଦ୍, ରାଞ୍ଚି ଓ ରାଜକୋଟ |
| ବିଜୟ ହଜାରେ ଟ୍ରଫି ନକ୍ଆଉଟ | ୨୦୨୭ ଜାନୁଆରୀ ୨ରୁ ୮ | ଭାଇଜାଗ୍ |
| କୁଚ୍ ବେହାର ଟ୍ରଫି ଏଲିଟ୍ | ୨୦୨୭ ଜାନୁଆରୀ ୩ରୁ ୩୦ | ବେଙ୍ଗାଲୁରୁ, ମହୀଶୂର |
| ସିନିଅର ମହିଳା ଟି-୨୦ ଏଲିଟ୍ | ଅକ୍ଟୋବର ୨୬ରୁ ନଭେମ୍ବର ୬ | ଲକ୍ଷ୍ନୌ, ପୁଣେ, ଦିଲ୍ଲୀ ଓ ମୋହାଲି |
| ସିନିଅର ମହିଳା ଟି-୨୦ ନକ୍ଆଉଟ | ନଭେମ୍ବର ୧୪ରୁ ୨୦ | ଅହମ୍ମଦାବାଦ୍ |
| ସିନିଅର ମହିଳା ଦିନିକିଆ ଏଲିଟ | ଡିସେମ୍ବର ୧୯ରୁ ୩୧ | କଟକ, ଜୟପୁର, ବରୋଦା ଓ ରାୟପୁର |
| ସିନିଅର ମହିଳା ଦିନିକିଆ ନକ୍ଆଉଟ | ୨୦୨୭ ଜାନୁଆରୀ ୪ରୁ ୧୦ | ଚେନ୍ନଇ |

### କଟକରେ ସିନିଅର ମହିଳା ଦିନିକିଆ

ଘରୋଇ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଗୋଟିଏ ସେଣ୍ଟର ଦୁଇ ଦୁଇଟି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ମନୋନୀତ ହୋଇଥିଲାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନକୁ ସିନିଅର ମହିଳା ଦିନିକିଆ ଏଲିଟ ଟ୍ରଫିର ଗୋଟିଏ ଗ୍ରୁପ୍ ମ୍ୟାଚ୍ କଟକରେ ଆୟୋଜନ କରିବାକୁ ସୁଯୋଗ ଦିଆଯାଇଛି। କେଉଁ ଗ୍ରୁପ୍ ମ୍ୟାଚ୍ ଏଠାରେ ଆୟୋଜିତ ହେବ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅନ୍ୟ ୩ଟି ସେଣ୍ଟର ଯଥା ଜୟପୁର, ବରୋଦା ଓ ରାୟପୁର ସହ ଏକ ସଙ୍ଗେ ଏଲିଟ୍ ମ୍ୟାଚ୍ ଗୁଡିକ ଡିସେମ୍ବର ୧୯ରୁ ୩୧ ଯାଏ ଖେଳାଯିବ।୨୦୨୭ ଜାନୁଆରୀ ୪ରୁ ୧୦ ଯାଏ ଚେନ୍ନଇରେ ନକ୍ଆଉଟ ଆୟୋଜିତ ହେବ। କୋଲକାତାରେ ପ୍ଲେଟ ଡିଭିଜନର ସମସ୍ତ ମ୍ୟାଚ୍ ଗୁଡ଼ିକ ଡିସେମ୍ବର ୧୯ରୁ ଆରମ୍ଭ ହୋଇ ଡିସେମ୍ବର ୨୯ରେ ଶେଷ ହେବ। ଏହା ପୂର୍ବରୁ ସିନିଅର ମହିଳା ଟି-୨୦ ଟ୍ରଫିର ଏଲିଟ ଡିଭିଜନର ଲିଗ୍ ମ୍ୟାଚ୍ ଗୁଡ଼ିକ ଅକ୍ଟୋବର ୨୬ରୁ ନଭେମ୍ବର ୬ ମଧ୍ୟରେ ଖେଳାଯିବ। ଲକ୍ଷ୍ନୌ, ପୁଣେ, ଦିଲ୍ଲୀ ଓ ମୋହାଲିରେ ଗୋଟିଏ ଗୋଟିଏ ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ଅହମ୍ମଦାବାଦ୍‌ରେ ନଭେମ୍ବର ୧୪ରୁ ୨୦ ଯାଏ ନକ୍ଆଉଟ ମ୍ୟାଚ୍ ଖେଳାଯିବ। ଦିମାପୁରରେ ଅକ୍ଟୋବର ୨୬ରୁ ନଭେମ୍ବର ୪ ମଧ୍ୟରେ ପ୍ଲେଟ୍ ଡିଭିଜନର ସମସ୍ତ ମ୍ୟାଚ୍ ଆୟୋଜିତ ହେବ।

## 'ପଦ୍ମଶ୍ରୀ' ପାଇବେ ହକି କୋଚ୍ ବଲ୍‌ଦେବ



**ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ଭାରତୀୟ ହକିକୁ ଅତୁଳନୀୟ ଅବଦାନ ଲାଗି ଜଣାଶୁଣା କୋଚ୍ ବଲ୍‌ଦେବ ସିଂହଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ ୨୫ ତାରିଖରେ ୭୫ ବର୍ଷୀୟ ବଲ୍‌ଦେବଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିବେ। ବଲ୍‌ଦେବ ହରିୟାଣାର ଛୋଟ ସହର ଶାହାବାଦ ମାର୍କଣ୍ଡାକୁ ଶ୍ରେଷ୍ଠ ହକି ଖେଳାଳି ସୃଷ୍ଟି କରିବାରେ ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ବଲଦେବ ୧୯୮୨ରେ ହରିୟାଣା କ୍ରୀଡା ବିଭାଗରେ ପ୍ରଶିକ୍ଷକ ଭାବରେ ମାର୍କଣ୍ଡା ଆସିଥିଲେ। ସେଠାରେ ଚାରି ବର୍ଷ ପାଇଁ ସେବା କରିଥିଲେ। ପୁନର୍ବାର ୧୯୯୩ରେ ସେ ଏହି ସହରକୁ ଫେରି ଭାରତର ସବୁଠାରୁ ଶ୍ରେଷ୍ଠ ହକି କେନ୍ଦ୍ର ନିର୍ମାଣ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେ ୮୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଓ ୮ଜଣ ଅଧିନାୟକ ସୃଷ୍ଟି କରିଥିଲେ।

## କୋର୍ଟରୁ ମହମ୍ମଦ ସାମିଙ୍କୁ ମିଳିଲା ଆଶ୍ୱସ୍ତି

**ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି):** ଭାରତୀୟ କ୍ରିକେଟର୍ ମହମ୍ମଦ ସାମିଙ୍କୁ ଚେକ୍ ବାଉନ୍ସ ମାମଲାରେ ଆଲିପୁର କୋର୍ଟରୁ ଆଶ୍ୱସ୍ତି ମିଳିଛି। ଏହି ମାମଲା ଛାଡ଼ପତ୍ର ପାଇଥିବା ସାମିଙ୍କ ପୂର୍ବତନ ପତ୍ନୀ ହସିନ ଜହାଁଙ୍କ ପକ୍ଷରୁ କରାଯାଇଥିଲା। ହସିନା ଅଭିଯୋଗ କରିଥିଲେ ଯେ ସାମିଙ୍କ ଦ୍ୱାରା ଘର ଖର୍ଚ୍ଚ ଲାଗି ଦିଆଯାଇଥିବା ଏକ ଲକ୍ଷ ଟଙ୍କାର ଚେସ୍ ବାଉନ୍ସ ହୋଇଯାଇଥିଲା। ଚାରି ବର୍ଷ ଧରି ଏହି ମାମଲାର ଶୁଣାଣି ଚାଲିଥିବାବେଳେ ବୁଧବାର କୋର୍ଟ ତାଙ୍କ ରାୟରେ ସାମିଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି।

## ଆଇପିଏଲ୍ ଖେଳିପାରିବେ ଆମିର

**ଲଣ୍ଡନ, ୨୦।୫ (ଏଜେନ୍ସି):** ପୂର୍ବତନ ପାକିସ୍ତାନ କ୍ରିକେଟର୍ ମହମ୍ମଦ ଆମିରଙ୍କୁ ବ୍ରିଟିଶ ନାଗରିକତା ମିଳିଛି। ତାଙ୍କ ପତ୍ନୀ ନର୍ଗିସ ଖାତୁନ ଜଣେ ବ୍ରିଟିଶ ନାଗରିକ। ଏହି କାରଣରୁ ତାଙ୍କୁ ବ୍ରିଟିଶ ନାଗରିକତା ମିଳିଛି। ବହୁବର୍ଷ ପୂର୍ବରୁ ସେ ଏଥିଲାଗି ଆବେଦନ କରିଥିଲେ। ୟୁକେ ପାସପୋର୍ଟ ପାଇବା ଫଳରେ ୩୪ ବର୍ଷୀୟ ଏହି ବାମହାତୀ ଦ୍ରୁତ ବୋଲର ଏବେ ଆଇପିଏଲ୍ ଖେଳିବାକୁ ଯୋଗ୍ୟ ହୋଇଛନ୍ତି। ଆମିର ଏବେ ବ୍ରିଟିଶ ନାଗରିକ ଭାବରେ ଆଇପିଏଲ୍ ନିଲାମ ପାଇଁ ନାମ ପଞ୍ଜିକରଣ କରିପାରିବେ। ଯଦି ତାଙ୍କୁ ନିଲାମ ପାଇଁ ସର୍ଟଲିଷ୍ଟ କରାଯାଏ ଏବଂ ପରେ କୌଣସି ଦଳ କ୍ରୟ କରେ ତେବେ ଆମିରଙ୍କ ଆଇପିଏଲ୍ ଖେଳିବା ସ୍ୱପ୍ନ ପୂରଣ ହେବ। ଉଲ୍ଲେଖଯୋଗ୍ୟ ୨୦୦୮ ମୁମ୍ବଇ ଆକ୍ରମଣ ପରଠାରୁ ପାକିସ୍ତାନ କ୍ରିକେଟର୍‌ଙ୍କୁ ଆଇପିଏଲ୍‌ରୁ ବାସନ୍ଦ କରାଯାଇଛି। ଆମିର ୨୦୨୪ରେ ଦ୍ୱିତୀୟଥର ଲାଗି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ।

### ଇଡେନରେ ମୁମ୍ବଇର ବ୍ୟାଟିଂ ବିପର୍ଯ୍ୟୟ

## କେକେଆର୍ ବୋଲରଙ୍କ କମାଲ

**କୋଲକାତା, ୨୦।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ୬୫ତମ ଲିଗ୍ ମ୍ୟାଚରେ ବୁଧବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଓ ମୁମ୍ବଇ ଇଣ୍ଡିଆନ୍ସ ସାମ୍ନାସାମ୍ନି ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ମୁମ୍ବଇ ପ୍ରଥମେ ବ୍ୟାଟିଂ କରି ୧୪୮ ରନର ଛୋଟିଆ ଟାର୍ଗେଟ କୋଲକାତା ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା କୋଲକାତା ଶେଷ ଖବର ସୁଦ୍ଧା ୧୦ ଓଭରରେ ୩ ୱିକେଟ ହରାଇ -- ରନ ସଂଗ୍ରହ କରିଛି। ଦୁଇ ଓପନର୍ ଅଧିନାୟକ ଆଜିଙ୍କ୍ୟ ରାହାଣେ ୨୧, ଫିନ ଆଲେନ ୮ ଓ କାମେରନ ଗ୍ରୀନ ୪ ରନ କରି ଆଉଟ୍ ହୋଇଛନ୍ତି। ମୁମ୍ବଇର କୋର୍ବିନ ବୋଷ୍ଟଙ୍କୁ ୨ଟି ୱିକେଟ୍ ମିଳିଛି। ଏହି ମ୍ୟାଚ୍ ପୂର୍ବରୁ ୧୨ ମୁକାବିଲାରୁ ୮ ପରାଜୟ ସହ ମୁମ୍ବଇ ୮ ପଏଣ୍ଟ ପାଇ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସେହିଭଳି କୋଲକାତା ୧୨ ମ୍ୟାଚରୁ ୧୧ ପଏଣ୍ଟ ପାଇ ପ୍ଲେ-ଅଫ୍ ଦୌଡ଼ରେ ସାମାନ୍ୟ ତିଷ୍ଠି ରହିଛି। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପାୱାର ପ୍ଲେ'ରେ ଦଳ ୫୦ ରନ ମଧ୍ୟରେ ଆଗଧାଡ଼ିର ୪ ବ୍ୟାଟରଙ୍କୁ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ର୍‌ୟାନ ରିକ୍କେଲଟନ ୬, ରୋହିତ ଶର୍ମା ୧୩ ବଲରେ ୧୫, ସୂର୍ଯ୍ୟକୁମାର ଯାଦବ ୬ ବଲରେ ୧୫ ଓ ନମନ ଧୀର ଖାତା ଖୋଲିପାରି ନ ଥିଲେ। ତେବେ ତିଲକ ବର୍ମା, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ କୋର୍ବିନ ବୋଷ୍ଟ ଲଢୁଆ ପାଳି ଖେଳିବାରୁ ମୁମ୍ବଇ ୮ ୱିକେଟରେ ୧୪୭ ରନ କରିଥିଲା। ବୋଷ୍ଟ ୧୮ ବଲରେ ଅପରାଜିତ ୩୨ ରନର ପାଳି ଖେଳିଥିଲେ। ସେହିଭଳି ପାଣ୍ଡ୍ୟା ୨୭ ବଲରେ ୨୬ ରନ, ତିଲକ ବର୍ମା ୩୨ ବଲରେ ୨୦ ରନ କରି ଧୀମା ବ୍ୟାଟିଂ କରିଥିଲେ। ବୋଲିଂରେ କୋଲକାତା ପକ୍ଷରୁ ସୌରଭ ଦୁବେ, କାମେରନ ଗ୍ରୀନ ଓ କାର୍ତ୍ତିକ ତ୍ୟାଗୀଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।



### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ରାଜସ୍ଥାନ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| ଚେନ୍ନଇ | ୧୩ | ୬ | ୭ | ୦ | ୧୨ | -୦.୦୧୬ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| କୋଲକାତା* | ୧୨ | ୫ | ୬ | ୧ | ୧୧ | -୦.୦୩୮ |
| ମୁମ୍ବଇ (ଏ)* | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ




### ଆଜିର ଆଇପିଏଲ୍ ମ୍ୟାଚ୍

ଗୁଜରାଟ ବନାମ ଚେନ୍ନଇ
ଭେନ୍ୟୁ - ଅହମ୍ମଦାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ପାକିସ୍ତାନ ବିପକ୍ଷରେ ବାଂଲାର ସିରିଜ୍ ବିଜୟ

**ସିଲହଟ,୨୦।୫(ଏଜେନ୍ସି):** ଏଠାରେ ବୁଧବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନକୁ ୭୮ ରନ୍‌ରେ ହରାଇ ବାଂଲାଦେଶ ବିଜୟୀ ହୋଇଛି। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ବାଂଲାଦେଶ ୨-୦ରେ ଜିତିନେଇଛି। ଏହା ପୂର୍ବରୁ ଢ଼ାକାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ବାଂଲାଦେଶ ୧୦୪ ରନ୍‌ରେ ପରାସ୍ତ କରିଥିଲା। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୧୨୬ ଓ ଦ୍ୱିତୀୟ ଇନିଂସରେ ୬୯ ରନ୍ କରିଥିବା ଲିଟନ ଦାସ ଓ ମୋଟ ୨୫୩ ରନ୍ କରିଥିବା ମୁସ୍‌ଫିକର ରହିମଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୨୭୮ ଓ ଦ୍ୱିତୀୟ ଇନିଂସରେ ୩୯୦ ରନ୍ କରିଥିଲା। ପ୍ରଥମ ଇନିଂସରେ ପାକିସ୍ତାନ ୨୩୨ ରନ୍ କରିଥିଲାବେଳେ ମ୍ୟାଚ୍ ଜିତିବାକୁ ଦ୍ୱିତୀୟ ଇନିଂସରେ ୪୩୭ ରନ୍ କରିବାର ଆବଶ୍ୟକତା ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୩୫୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୱିକେଟ ରକ୍ଷକ ମହମ୍ମଦ୍ ରିଜୱାନ ସର୍ବାଧିକ ୯୪, ଅଧିନାୟକ ସାନ ମାସୁଦ୍ ଓ ସଲମାନ ଅଲି ଆଘା ୭୧ ରନ୍ ଲେଖାଏଁ କରିଥିଲେ ମଧ୍ୟ ପାକିସ୍ତାନକୁ ପରାଜୟରୁ ରକ୍ଷା କରି ପାରି ନ ଥିଲେ। ବାଂଲାଦେଶ ପକ୍ଷରୁ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ସର୍ବାଧିକ ୬ଟି ୱିକେଟ ନେଇ ପାକିସ୍ତାନ ଦ୍ୱିତୀୟ ଇନିଂସରେ ସର୍ବାଧିକ କ୍ଷତି ଘଟାଇଥିଲେ। ନାହିଦ୍ ରାଣା ୨ଟି, ଶୋରିଫୁଲ ଇସ୍‌ଲାମ ଓ ହେମଦୀ ହାସନ ମିରାଜ ଗୋଟିଏ ଲେଖାଏଁ ୱିକେଟ ନେଇ ବିଜୟରେ ଭାଗୀଦାର ହୋଇଥିଲେ।

## ଆଜିଠୁ କଳିଙ୍ଗରେ ରଗ୍‌ବୀ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୦।୫(ସମିସ):** ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଥିବା ଅନ୍ତର୍ଜାତୀୟ କ୍ରୀଡ଼ା ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏକ ରଗ୍‌ବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିଅନ୍ (ରଗ୍‌ବୀ ଇଣ୍ଡିଆ) ଏବଂ ନ୍ୟୁଜିଲାଣ୍ଡ ରଗ୍‌ବୀର ମିଳିତ ସହଯୋଗରେ ଗୁରୁବାରଠାରୁ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ୨୦୨୬ ମସିହା ଦୁଇ ଦେଶ ମଧ୍ୟରେ କ୍ରୀଡ଼ା ସହଯୋଗର ୧୦୦ ବର୍ଷ ପୂର୍ତ୍ତି ହୋଇଥିବାରୁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ଏହି ପ୍ରଶିକ୍ଷଣ ଶିବିରରେ ସାରା ଭାରତରୁ ମନୋନୀତ ରଗ୍‌ବୀ ପ୍ରଶିକ୍ଷକମାନେ ଭାଗନେବେ। ସେମାନଙ୍କୁ ଭିତ୍ତିଭୂମି, ବିକାଶ ଏବଂ ଉଚ୍ଚ-ପ୍ରଦର୍ଶନ ତଥା ହାଇ-ପରଫର୍ମାନ୍ସ ଭଳି ତିନୋଟି ସ୍ତରରେ ପ୍ରଶିକ୍ଷଣ ଦିଆଯିବ। ନ୍ୟୁଜିଲାଣ୍ଡ ରଗ୍‌ବୀର ବିଶେଷଜ୍ଞମାନେ ଶ୍ରେଣୀଗୃହ ଶିକ୍ଷା, ପଡ଼ିଆରେ ବ୍ୟାବହାରିକ ପ୍ରଦର୍ଶନ ଏବଂ କର୍ମଶାଳା ମାଧ୍ୟମରେ ଭାରତୀୟ କୋଚ୍‌ମାନଙ୍କୁ ରଗ୍‌ବୀ ଖେଳର ଆଧୁନିକ କୌଶଳ ଶିଖାଇବେ। ଭାରତ ଏବଂ ନ୍ୟୁଜିଲାଣ୍ଡ ସରକାରଙ୍କ ମଧ୍ୟରେ ହୋଇଥିବା କ୍ରୀଡ଼ା ବିକାଶ ଚୁକ୍ତିନାମା ଆଧାରରେ ଏହି ପ୍ରଶିକ୍ଷଣ ଶିବିର ଚାଲିଛି।

### ମାଇକେଲ କିଣ୍ଡୋ ମେମୋରିଆଲ ହକି କାଲିଠୁ

## ଭାଗନେବେ ୮ ମହିଳା ଦଳ; ଚାମ୍ପିଅନକୁ ଏକ ଲକ୍ଷ

**ଭୁବନେଶ୍ୱର, ୨୦।୫ (ସମିସ):**

କିମ୍ବଦନ୍ତୀ ହକି ଖେଳାଳି ସ୍ୱର୍ଗତଃ ମାଇକେଲ କିଣ୍ଡୋଙ୍କ ସ୍ମୃତିରେ ଚାଲିଥିବା ହକି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ମେ ୨୨ରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ଚାମ୍ପିଅନସିପ୍ ଏଥର କିନ୍ତୁ ମହିଳା ବିଭାଗରେ ଖେଳାଯିବ। ଗତବର୍ଷ ପ୍ରଥମ ସଂସ୍କରଣ ପୁରୁଷ ବିଭାଗରେ ଖେଳାଯାଇଥିଲା। ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ (ବିଏଚ୍‌ସିଟି)ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ମେ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଦେଶର ଶ୍ରେଷ୍ଠ-୮ଟି ମହିଳା ଦଳ ଅଂଶଗ୍ରହଣ କରିବ। ଅଂଶଗ୍ରହଣକାରୀ ଦଳକୁ ଦୁଇଟି ପୁଲ୍‌ରେ ବିଭକ୍ତ କରାଯାଇଛି। ମେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍, ମେ ୨୬ରେ ସେମିଫାଇନାଲ ଓ ୨୭ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ମେ ୨୫ ତାରିଖ ବିଶ୍ରାମ ଦିବସ ରହିଛି। ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ଓ ଆୟୋଜକ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।

ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ଦଳକୁ ୫୦ ହଜାର, କାଂସ୍ୟ ପଦକ ବିଜୟୀ ଦଳକୁ ୩୦ ହଜାର ଓ ଚତୁର୍ଥ ସ୍ଥାନରେ ରହିଥିବା ଦଳ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ବିଏଚ୍‌ସିଟିର ଅଧ୍ୟକ୍ଷ କ୍ୟାପଟେନ ରତିକାନ୍ତ ନାୟକ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରାମର୍ଶଦାତା ଅଲିମ୍ପିଆନ ଦିଲୀପ ତିର୍କୀ, ଟ୍ରଷ୍ଟର ସଭାପତି କ୍ୟାପଟେନ ବିଶ୍ୱବିଜୟ ସାହୁ, ସମ୍ପାଦକ ରଞ୍ଜନ କୁମାର ଦାସ, ପରାମର୍ଶଦାତା ଡ. ଶେଷ କିଶାନ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ମ୍ୟାଚ୍ ଆରମ୍ଭ ହେବ।




| ଗ୍ରୁପ୍-ଏ |
|---|
| ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା, |
| ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ |
| ସାଉଥ-ଇଷ୍ଟର୍ଣ୍ଣ ରେଲୱେ |
| ସାଇ କୋଲକାତା |

| ଗ୍ରୁପ୍-ବି |
|---|
| ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ |
| ହକି ସିମଡେଗା |
| ଓଡ଼ିଶା ପୁଲିସ |
| ସିଆଇଏସଏଫ୍ |

## ୱିମ୍ବଲଡନରୁ ଓହରିଲେ ଆଲ୍‌କାରାଜ

**ମାଦ୍ରିଦ, ୨୦।୫ (ଏଜେନ୍ସି):** ଦୁଇଥରର ଚାମ୍ପିଅନ କାର୍ଲୋସ ଆଲକାରାଜ ଆହତଜନିତ ସମସ୍ୟା ଲାଗି ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଆଲ୍‌କାରାଜଙ୍କ ଡାହାଣ ହାତର ରିଷ୍ଟରେ ଆଘାତ ଲାଗିଛି। ଯେଉଁଥି ପାଇଁ ସେ ଗତ ମାସରେ ବାର୍ସିଲୋନା ଓପନରୁ ମଧ୍ୟ ଓହରିଯାଇଥିଲେ। ସେହିଭଳି ମେ ୨୪ରୁ ଆରମ୍ଭ ହେବାକୁ ଥିବା ଫ୍ରେଞ୍ଚ ଓପନରେ ମଧ୍ୟ ଆଲ୍‌କାରାଜ ଖେଳିବେନି। ଉଲ୍ଲେଖଯୋଗ୍ୟ, ୱିମ୍ବଲଡନର ୧୩୯ତମ ସଂସ୍କରଣ ଜୁନ ୨୯ରୁ ଆରମ୍ଭ ହେବ। ଆଲ୍‌କାରାଜ ୨୦୨୩ ଓ ୨୦୨୪ରେ କ୍ରମାଗତ ଦୁଇଟି ସିଜନ ଧରି ଏଠାରେ ଚାମ୍ପିଅନ ହୋଇଥିଲେ।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍

## ଭୁବନେଶ୍ୱର ୩୩୩ ରନରେ ବିଜୟୀ

**ଭୁବନେଶ୍ୱର, ୨୦।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଫେଜ ବୁଧବାରଠାରୁ ଆରମ୍ଭ ହୋଇଛି। କଟକର ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର-ଏ ୩୩୩ ରନର ବୃହତ୍ ବ୍ୟବଧାନରେ ବରଗଡ଼କୁ ପରାସ୍ତ କରିଛି। ଶୁଭାଶିଷ ମଲ୍ଲିକଙ୍କ ଦ୍ୱିଶତକ ବଳରେ ଭୁବନେଶ୍ୱର-ଏ ୪୭ ଓଭରରେ ୭ ୱିକେଟ୍ ହରାଇ ୪୫୧ ରନର ବିଶାଳ ସ୍କୋର କରିଥିଲା। ସୁବାଶିଷ ୧୨୫ ବଲରେ ୨୧୪ ରନ କରିଥିଲେ। ଜବାବରେ ବରଗଡ଼ ୩୫ ଓଭରରେ ୧୧୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ସେକ୍ ନକିବ ଓ ଆୟୁଷ ପଣ୍ଡା ୩ଟି ଲେଖାଏ ୱିକେଟ୍ ନେଇଥିଲେ।


ଶୁଭାଶିଷ ମଲ୍ଲିକ-୨୧୪

ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବଲାଙ୍ଗିର ୮ ୱିକେଟରେ କୋରାପୁଟକୁ, ଅନୁଗୋଳ ୭ ୱିକେଟରେ ଢେଙ୍କାନାଳକୁ, ଝାରସୁଗୁଡ଼ା ୬୧ ରନରେ ଖୋର୍ଦ୍ଧାକୁ, ମୟୁରଭଞ୍ଜ ୮ ୱିକେଟରେ ମାଲକାନଗିରିକୁ, ନୂଆପଡ଼ା ୬୦ ରନରେ ଗଞ୍ଜାମକୁ, କଟକ-ଏ ୬୯ ରନରେ କେନ୍ଦୁଝରକୁ, ଭଦ୍ରକ ୪ ୱିକେଟରେ ବାଲେଶ୍ୱରକୁ, ସୋନପୁର ୧୪ ରନରେ ଜଗତସିଂହପୁରକୁ ହରାଇଛି। ବଲାଙ୍ଗିରର ଯୋଗେଶ୍ୱର ବାଗ୍ (୫୨ ରନ ଓ ୩ଟି ୱିକେଟ), ଅନୁଗୋଳର ସୌମ୍ୟ ସିଂ (୧୨୭ ରନ), ମୟୁରଭଞ୍ଜର ଶୁଭମ ମହନ୍ତ (୪ ୱିକେଟ), ନୂଆପଡ଼ାର ଦିବ୍ୟଜ୍ୟୋତି ମଲ୍ଲିକ (୪୩ ରନ ଓ ୩ଟି ୱିକେଟ), କଟକ-ଏ'ର ଆୟୁଷ ମନ୍ତ୍ରୀ (୮୩ ରନ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

# SIDDHI VINAYAK
## HIGHER SECONDARY SCHOOL
RESIDENTIAL +2 SCIENCE COLLEGE
PACHHUDIA, JUJHESTIPUR, BALASORE

SVHSS

Permanent Recognized by Govt. of Odisha & Affiliated to CHSE

A Leading Residential +2 Science College with integrated coaching for Medical & Engineering and Excellent Result Since 2010

## CONGRATULATIONS TO ALL THE ACHIEVERS

574 PRIYANKA NAYAK R. No.-376AA118
571 KIRTTISHREE KAMILA R. No.-376AA108
567 JASHOBANTA DASH R. No.-376AA008
562 AMRUT MOHAPATRA R. No.-376AA018
561 SANJAY KU. BINDHANI R. No.-376AA012
561 ISANA MISHRA R. No.-376AA198

93% KRISHNA KU. DAS R. No.-376AA199
92% PRATYASHA MISHRA R. No.-376AA110
92% DEEPAK KU. SAHOO R. No.-376AA028
91% SUBHRANSHU BEHERA R. No.-376AA007
91% GYANARANJAN PARHI R. No.-376AA016
91% RUDRANARAYAN BEHERA R. No.-376AA046
91% SIDDHISHREE NAYAK R. No.-376AA132

91% HARISH KUILA R. No.-376AA002
91% SURYAKANTA PUSTY R. No.-376AA022
91% ANUPAM NAYAK R. No.-376AA025
91% SOUMESH MADHUAL R. No.-376AA073
90% DINESH MOHAPATRA R. No.-376AA019
90% RAJU DHADA R. No.-376AA055
90% BHAGYALAXMI HANSDAH R. No.-376AA120

90% KIRAN KU. ACHARYA R. No.-376AA015
90% SOUMYASHREE DAS R. No.-376AA093
90% PRITESH KU. PANDA R. No.-376AA005
90% RUDRA NARAYAN BEHERA R. No.-376AA045
90% KRISH NAYAK R. No.-376AA071
90% SABITRI PANIGRAHI R. No.-376AA125

100% Result

89% BIBHU KISHOR PANDA Roll. No.-376AA004
89% SMRUTI SM. MOHAPATRA Roll. No.-376AA109
89% SANCHITA SAHU Roll. No.-376AA159
89% GAYATRI NATH Roll. No.-376AA168
89% SOMESH KU. MOHAPATRA Roll. No.-376AA006
89% SHUBHAM MOHANTY Roll. No.-376AA009
89% SHUBHAM MOHAPATRA Roll. No.-376AA042
88% ADYASHA PATRA Roll. No.-376AA113

88% PRITIKA BEHERA Roll. No.-376AA154
88% RITESH KU. PAL Roll. No.-376AA013
88% ADYA ADARSH MOHANTY Roll. No.-376AA068
88% SATYABRATA BARIK Roll. No.-376AA011
88% PRITAM KAMILA Roll. No.-376AA030
88% MOHIT KU. RANA Roll. No.-376AA040
88% NIRMALYA PRADHAN Roll. No.-376AA014
88% IPSHASMITA SAHU Roll. No.-376AA123

88% SRUTIREKHA PAL Roll. No.-376AA147
87% ADITYA AMAN DAS Roll. No.-376AA017
87% ABHILIPSA MAHURI Roll. No.-376AA119
87% BANDANA PAL Roll. No.-376AA131
87% ABHIPSA JENA Roll. No.-376AA134
87% NIKITA MISHRA Roll. No.-376AA139
87% JAYANTA JENA Roll. No.-376AA021
87% ABHIJIT BEHERA Roll. No.-376AA047

87% ABINASH BEHERA Roll. No.-376AA085
87% KIRAN KU PRADHAN Roll. No.-376AA106
87% SAIRAM NAYAK Roll. No.-376AA010
86% SWAPNA SWAGATIKA BAISHAKH Roll. No.-376AA128
86% MADHUSMITA MAITY Roll. No.-376AA137
86% PRATYASHA SETHI Roll. No.-376AA135
86% ACHYUTA JENA Roll. No.-376AA001
86% ABHIJIT MISHRA Roll. No.-376AA054

86% PRIYANKA DAS Roll. No.-376AA136
86% SHRUTIPRAVA PANDA Roll. No.-376AA197
86% HRUSHIKESH DAS Roll. No.-376AA072
85% ANJANI MISHRA Roll. No.-376AA151
85% DWITIKRISHNA PANDA Roll. No.-376AA026
85% ARGHYARUPA MOHAPATRA Roll. No.-376AA153
85% PRIYABRATA SAHOO Roll. No.-376AA029
84% GIRIJA SA. PANDA Roll. No.-376AA076

84% BAISAKHI B EHERA Roll. No.-376AA124
84% SASMITA SAMAL Roll. No.-376AA192
84% SWASTIK MISHRA Roll. No.-376AA031

ABOVE 90% 26

ABOVE 500 MARK 69

1ST DIVISION 202

➤ଚଳିତ ବର୍ଷ ୯୯% ପ୍ରଥମ ଶ୍ରେଣୀ ସହିତ ପାସହାର ୧୦୦% ହୋଇଛି ।
➤୧୩ ରୁ ଅଧିକ ଛାତ୍ରଛାତ୍ରୀ ମ୍ୟାଟ୍ରିକ୍ ମାର୍କ ଠାରୁ +୨ ରେ ଅଧିକ ନମ୍ବର ରଖିଛନ୍ତି ।

With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.

Admission going on for the session 2026-27

For Admission Contact - 9437976583, 9437061219, 7064489000, 7064489001, 7064489005, 7064489015